RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-125 ◆SATURDAY ◆1 NOVEMBER 2025 ◆PAGE-12 ◆₹ 6.00
PANIKOILI
◆ବର୍ଷ-୪୩ ◆ସଂଖ୍ୟା-୧୨୫ ◆ଶନିବାର ◆୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଅଗଷ୍ଟ ୧୪ରେ
'ନାଗଜିଲା'
▶ପୃଷ୍ଠା ୧୧ ଦେଖନ୍ତୁ...

## ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



■ **ନୂଆଦିଲ୍ଲୀ, ୩୧ ।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଛି। ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି। ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି। ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

## 'ଟାଇମ୍'ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧ ।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି। ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି। ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। 'ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି। ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା' ସେ ଲେଖିଛନ୍ତି। ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା



■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଢ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି। ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛନ୍ତି। 'ଅପରେସନ ସିନ୍ଦୂର' ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି। ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ। ଏହା ଅଧୀନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ। ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି। ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା। କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା। ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି। ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ। ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭

## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା

# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?



**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ। ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ। ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ 'କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍। ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ। ଆପଣମାନ୍‌କେ ସବ୍‌କେ ଭେଟ୍‌ମି। ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି। ▶ପୃଷ୍ଠା-୭

## ପ୍ରୀତିରଞ୍ଜନଙ୍କ ଭଡ଼ାଘରେ ଚଢ଼ଉ

# କିଛି ପାଇଲାନି ପୁଲିସ ଟିମ୍

**ସରକାରୀ କଳର ଦୁରୁପଯୋଗ ଅଭିଯୋଗ**

■ **ନୂଆପଡା, ୩୧ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ତିଥି ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ସେତିକି ବଢ଼ି ଚାଲିଛି। ବିଭିନ୍ନ ସମୟରେ ଧରପଗଡ଼ ନାଁରେ ପ୍ରଶାସନିକ କଳର ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ଖରିଆରରୋଡ଼ସ୍ଥିତ ବିଜେଡିର ଷ୍ଟାର ପ୍ରଚାରକ ତଥା ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଅସ୍ଥାୟୀ ବାସଭବନ ଉପରେ ପୁଲିସ ଚଢ଼ଉ କରିଥିବା ବେଳେ ସେଠାରୁ କିଛି ନପାଇ ଖାଲି ହାତରେ ଫେରିଛି। ହଠାତ ପୁଲିସର ଚଢ଼ଉକୁ ନେଇ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପୁଲିସ ସରକାରୀ କଳର ଦୁରୁପଯୋଗ ହୋଇଛି ବୋଲି ଅଭିଯୋଗ ହୋଇଛି। ପ୍ରକାଶ ଯେ ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ଏସଏସଟି (ଷ୍ଟାଟିକ ସର୍ଭିଲାନ୍ସ ଟିମ୍) ମାଜିଷ୍ଟ୍ରେଟ ଡ଼.ରେଶମଲାଲ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଖରିଆରରୋଡ଼ ଯୋଙ୍କ ଥାନା ନିକଟରେ ପ୍ରୀତି ରଞ୍ଜନ ▶ପୃଷ୍ଠା-୭

## ବେଆଇନ୍ କାର୍ଯ୍ୟକୁ ନେଇ ସିଇଓଙ୍କୁ ଭେଟିଲା ବିଜେଡି

**ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଭିତରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ଚଢ଼ଉ କରିଛି ପୁଲିସ। ଏହି ଘଟଣାକୁ ବିଜେଡି ତୀବ୍ର ବିରୋଧ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟିଛି। ଏହି ଚଢ଼ାଉକୁ ବିଜେଡି ବେଆଇନ ଦର୍ଶାଇବା ସହ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୁଦନ ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦଳ ଅଭିଯୋଗ କରିଛି। ତେଣୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛି ଯେ ନୂଆପଡା ▶ପୃଷ୍ଠା-୭

## ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ୱଷ୍ଟୀକରଣ ମାଗିଲେ ହାଇକୋର୍ଟ

**ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ମହଙ୍ଗା ପଡ଼ିଲା**

■ **କଟକ, ୩୧ ।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିବା ସହ ବ୍ରହ୍ମପୁର ଏସପିଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ କରି ବ୍ରହ୍ମପୁର ଏସପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ ଜେଉଁ କାରଣ ପାଇଁ ଅଦାଲତରେ ବିଚାରାଧିନ ଥିବା ମକଦ୍ଦମା ଫଳାଫଳ ▶ପୃଷ୍ଠା-୭






# ମଜୁରି ଦେଉନାହାନ୍ତି ସରକାର

## ଦେଢ଼ମାସ ହେଲା ଅନେଇ ବସିଛନ୍ତି ୩୦ ହଜାର 'ମନରେଗା' ଶ୍ରମିକ

**୩୦, ୭୯୦ ଶ୍ରମିକଙ୍କ ୬କୋଟି ୭୩ ଲକ୍ଷ ଟଙ୍କା ବକେୟା**

**ବାହାନଗା ବ୍ଲକରେ ସର୍ବାଧିକ ୧କୋଟି ୨୮ ଲକ୍ଷ ଟଙ୍କାର ମଜୁରି ବକେୟା**



■ **ବାହାନଗା, ୩୧।୧୦**

**ରୁଚିକ ରଞ୍ଜନ ମହାପାତ୍ର**

କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏବେ ବାଲେଶ୍ୱର ଜିଲ୍ଲାରେ ଶ୍ରମିକଙ୍କ ପାଇଁ କଷଣ ପାଲଟିଛି। ଶ୍ରମିକଙ୍କୁ କାମ କରାଇ ପାଖାପାଖି ଦେଢ଼ ମାସର ମଜୁରି ଦେଇନାହାନ୍ତି ସରକାର। ଫଳରେ, ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରତି ଗ୍ରାମାଞ୍ଚଳ ଶ୍ରମିକଙ୍କ ମୋହ ଭଙ୍ଗ ହେବାରେ ଲାଗିଛି। ଗୋଟିଏ କି ଦୁଇଟି ନୁହେଁ, ପୂରା ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ସରକାର ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ବାବଦ ୬ କୋଟି ୭୩ଲକ୍ଷ ୧୪ହଜାର ୫୩୩ ଟଙ୍କାର ପାଉଣା ବକେୟା ରଖିଛନ୍ତି। ବାହାନଗା ବ୍ଲକ୍‌ରେ ସର୍ବାଧିକ ୪୪୩୦ ଶ୍ରମିକଙ୍କ ୧ କୋଟି ୨୮ଲକ୍ଷ ୬୮ହଜାର ୯୪୭ ଟଙ୍କା ମଜୁରୀ ବକେୟା ପଡ଼ିଛି। ଫଳରେ ଗରିବ ଶ୍ରମିକଙ୍କ ପରିବାରରେ ଆର୍ଥିକ ସଂକଟ ଉତ୍କଟ ହୋଇଛି।

କେନ୍ଦ୍ର ସରକାର ଗ୍ରାମୀଣ ଅଞ୍ଚଳରେ ଅର୍ଥନୈତିକ ସୁରକ୍ଷା ଦେବା, ପ୍ରତି ଗ୍ରାମୀଣ ଘରୋଇ ପରିବାରକୁ ବର୍ଷକୁ ନ୍ୟୁନତମ ୧୦୦ ଦିନର କାମ ଯୋଗାଇବା, ଗ୍ରାମ ଉନ୍ନତି ସହ ନିର୍ବାହୀ ସୁଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ▶ପୃଷ୍ଠା-୭

## ଆଝାରୁଦ୍ଦିନ ତେଲଙ୍ଗାନାର ପ୍ରଥମ ମୁସ୍‌ଲିମ ମନ୍ତ୍ରୀ



ହାଇଦରାବାଦ୍, ୩୧।୧୦(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନାରେ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତହୋଇଥିଲା।ତେଲଙ୍ଗାନାରଜୁବଲିହିଲ୍ସବିଧାନସଭା ସିଟ୍ ନଭେମ୍ବର ୧୧ରେ ଉପ- ନର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଟ୍‌ରେ ମୁସଲିମ ଭୋଟରଙ୍କ ସଂଖ୍ୟା ୩୦ ପ୍ରତିଶତ। ତେଣୁ ଆଝାରୁଦ୍ଦିନଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିବାରୁ କଂଗ୍ରେସକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଆଝାରୁଦ୍ଦିନ ୨୦୨୩ ନିର୍ବାଚନରେ ଏହି ସିଟ୍‌ରେ ପରାସ୍ତ ହୋଇଥିଲେ। ପୁଣି ତେଲଙ୍ଗାନାର କଂଗ୍ରେସ ସରକାରରେ ଏପର୍ଯ୍ୟନ୍ତ ଜଣେ ହେଲେ ବି ମୁସଲିମ୍ ମନ୍ତ୍ରୀ ନଥିଲେ। ପୁଣି କ୍ୟାବିନେଟ ମନ୍ତ୍ରୀମଣ୍ଡଳରେ ଜଣେ ହେଲେ ବି ମୁସ୍‌ଲିମଙ୍କୁ ସାମିଲ କରାଯାଇ ନଥିବାରୁ ଆଲୋଚନା ମଧ୍ୟ ହେଉଥିଲା। ଏବେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇଥିବାରୁ ଏହି ଆଲୋଚାନ ପ୍ରଶମିତ ହେବ। ଏଥିସହ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବାଧିକ ୧୮ ଜଣ ମନ୍ତ୍ରୀ ନିଯୁକ୍ତ ହେବାର ନିୟମ ରହିଛି। ୬୨ ବର୍ଷୀୟ ମହମ୍ମଦ ଆଝାରୁଦ୍ଦିନ ଦୀର୍ଘ ୧୬ ବର୍ଷର ଉଜ୍ଜ୍ୱଳମୟ କ୍ୟାରିଆରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୯୯ଟି ଟେଷ୍ଟ, ୩୩୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୨୨ଟି ଶତକ, ୨୧ଟି ଅର୍ଦ୍ଧଶତକ ସହ ୪୫.୦୩ ହାରରେ ୬, ୨୧୫ ରନ ସଂଗ୍ରହ କରିଥିଲେ। ସେହିପରି ଦିନିକିଆରେ ୭ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସହ ୩୬.୯୨ ହାରରେ ୯, ୩୭୮ ରନ ସଂଗ୍ରହ କରିଛନ୍ତି।

## କେଜ୍ରିୱାଲଙ୍କ ଆଉ ଏକ ଶିଶ୍ ମହଲ ଥିବା ବିଜେପିର ଦାବି



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଆଉ ଏକ ଶୀଶ ମହଲ ନିର୍ମାଣ କରିଥିବାର ଅଭିଯୋଗ କରାଯାଇଛି। ଦିଲ୍ଲୀ ବିଜେପି ଏହି କ୍ରମରେ 'ଗୁଗୁଲ ଆର୍ଥ'ର ଏକ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଅଭିଯୋଗ ଆଣିଛି। କେଜ୍ରିୱାଲ ପଞ୍ଜାବରେ ଆଉ ଏକ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ବିଜେପି ତରଫରୁ କୁହାଯାଇଛି। ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମଲିୱାଲ ଏହି ଚିତ୍ର 'ଏକ୍ସ'ରେ ସେୟାର କରି ଅଭିଯୋଗ ଆଣିଛନ୍ତି। ଣ୍ଡିଗଡ଼ର ଦୁଇ ଏକର ଜାଗାରେ ସେକ୍ଟର-୨ରେ ଏକ ବିଳାଷପୂର୍ଣ୍ଣ ୭ ଷ୍ଟାର ସରକାରୀ ବାସଭବନ କେଜ୍ରିୱାଲକୁ ପ୍ରଦାନ କରାଯାଇଛି ବୋଲି ବିଜେପି ତରଫରୁ କୁହାଯାଉଛି। ଦିଲ୍ଲୀରେ ଶୀଶ ମହଲ ନିର୍ମାଣ କରିବା ପରେ କେଜ୍ରୱାଲ୍ ଏବେ ଚଣ୍ଡିଗଡ଼ରେ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା କହିଛନ୍ତି। ଦିଲ୍ଲୀକୁ ଲୁଟିବା ପରେ ଏବେ କେଜ୍ରିୱାଲ ପଞ୍ଜାବୁ ଲୁଟିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି। ତେବେ ଆପ୍ ତରଫରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଯଦି ପ୍ରମାଣ ଅଛି ଆଲଟମେଣ୍ଟ ଲେଟର ଦେଖାଇବାକୁ ଆପ୍ ବିଜେପିକୁ କହିଛି।

## ସ୍ୱାମୀ ସନ୍ଦେହୀ ହେଲେ ଜୀବନ ନର୍କ: ହାଇକୋର୍ଟ



କୋଚି, ୩୧।୧୦(ଏଜେନ୍ସି): ପତ୍ନୀଙ୍କୁ ସନ୍ଦେହ କରୁଥିବା ସ୍ୱାମୀର ଜୀବନ ନର୍କ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦେବନ ରାମଚନ୍ଦ୍ରନ ଓ ଜଷ୍ଟିସ ସ୍ନେହଲତାଙ୍କ ଖଣ୍ଡପୀଠ ଜଣେ ମହିଳାଙ୍କ ଛାଡ଼ପତ୍ର ଆବେଦନ ମାମଲାର ଶୁଣାଣି କରି ଏହି କଥା କହିଛନ୍ତି। ବିନା କାରଣରେ ପତ୍ନୀଙ୍କୁ ସନ୍ଦେହ କରିବା ଅର୍ଥ ମାନସିକ କ୍ରୁରତା। ସନ୍ଦେହ ବୈବାହିକ ଜୀବନକୁ ନର୍କରେ ପରିଣତ କରିଥାଏ ବୋଲି ଏହି ଖଣ୍ଡପୀଠ କହିଛନ୍ତି। ବିବାହ ପରସ୍ପର ବିଶ୍ୱାସ, ଭଲପାଇବା, ସମ୍ମାନ ଉପରେ ଆଧାରିତ। ବିଶ୍ୱାସ ସ୍ଥାନରେ ସନ୍ଦେହ ଆସିଲେ ସ୍ୱାମୀ- ସ୍ତ୍ରୀର ସମ୍ପର୍କ ଶେଷ ହୋଇଥାଏ। ଫଳରେ ଏହି ମାମଲାରେ ହାଇକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଛନ୍ତି। ଏଭଳି ସମ୍ପର୍କକୁ ବଜାୟ ରଖିବା ମହିଳାଙ୍କ ସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେବ। ଜଣେ ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି। ପୂର୍ବରୁ ଏ ନେଇ ମହିଳା କୋଟିୟମ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହାକୁ ମଞ୍ଜୁର କରାଯାଇ ନଥିଲା। ୧୯୯୪ରେ ସୁପ୍ରିମକୋର୍ଟର ବି ଭଗତ ବନାମ ଡି ଭଗତ ମାମଲାର ଉଦାହରଣ ଦେଇ ହାଇକୋର୍ଟ ଏହି ଛାଡ଼ପତ୍ର ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ମହିଳାଙ୍କୁ ଆଶ୍ୱସ୍ତି ମିଳିଛି।

## କାନାଡ଼ାରେ ଭାରତୀୟଙ୍କୁ ୨୫ ବର୍ଷ ଜେଲ୍

ବ୍ରିଟିଶ କଲମ୍ବିଆ, ୩୧।୧୦(ଏଜେନ୍ସି): କାନାଡ଼ାର ଏକ କୋର୍ଟ ଜଣେ ୨୫ ବର୍ଷୀୟ ଭାରତୀୟ ଯୁବକ ବଲରାଜ ବସରାଙ୍କୁ ୨୫ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଓ ଗାଡ଼ି ପୋଡିବା ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ୨୦୨୨ ଅକ୍ଟୋବର ୨୭ରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଗଲ୍ କ୍ଲବ୍‌ରେ ୩୮ ବର୍ଷୀୟ ବିଶାଲ ବଲିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାପରେ ୩ ଅଭିଯୁକ୍ତ ଏକ ଗାଡ଼ି ଚଢ଼ି ସେଠାରୁ ପଳାଇଯାଇଥିଲେ। ଏହାପରେ ସେମାନେ ଏହି ଗାଡିରେ ନିଆଁ ଲଗାଇ ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିଲେ। କିନ୍ତୁ ପୁଲିସ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ଏହି ମାମଲାରେ ବଲରାଜ ହେଉଛନ୍ତି ତୃତୀୟ ଅଭିଯୁକ୍ତ। ବଲରାଜଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଇକ୍‌ବାଲ କାଙ୍ଗ ଓ ଡିଏଣ୍ଡ୍ରି ବପ୍ଟିଷ୍ଟଙ୍କୁ ମଧ୍ୟ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି।

## ଟୋଲ୍ ଗେଟ୍‌ରେ ବିଜେପି ନେତାଙ୍କ ପୁଅର ହଙ୍ଗାମା

ବିଜୟପୁରା, ୩୧।୧୦(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରା-କଲବୁର୍ଗୀ ହାଇୱେରେ ଥିବା ଏକ ଟୋଲ ଗୋଟ୍‌ରେ ଜଣେ ବିଜେପି ନେତାଙ୍କ ପୁଅ ହଙ୍ଗାମା କରିଥିବା ଘଟଣା ସାମ୍ନାକୁ ଆସିଛି। ନେତାଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମାଗଣାରେ ଟୋଲ ପାର କରିବାକୁ ପ୍ରୟାସ କରୁଥିବା ବେଳେ ଟୋଲ କର୍ମଚାରୀ ଅଟକାଥିଲେ। ଅଭିଯୁକ୍ତ ନେତାଙ୍କ ପୁଅ ହେଉଛନ୍ତି ସମର୍ଥଗୌଡ଼ା ପାଟିଲ ବୋଲି ଜଣାପଡ଼ିଛି। ଅଟକାଇବା ପରେ ସମର୍ଥ ଓ ତାଙ୍କ ବନ୍ଧୁମାନେ ଟୋଲକର୍ମୀଙ୍କ ସହ ମାଡ଼ପିଟ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି। ତେବେ ଏ ନେଇ ଟୋଲ କର୍ମୀଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନାହିଁ ବୋଲି ପୁଲିସ ତରଫରୁ କୁହାଯାଇଛି। ସମର୍ଥ ହେଉଛନ୍ତି ବିଜେପି ନେତା ତଥା ବାବଲେଶ୍ୱରରୁ ନିର୍ବାଚନ ଲଢ଼ିଥିବା ବିଜୟ ଗୌଡ଼ା ପାଟିଲଙ୍କ ପୁଅ। ପୁଲିସ ଶୁକ୍ରବାର ଏ ଘଟଣା ସମ୍ପର୍କରେ ଅବଗତ ହୋଇଛି ବୋଲି କହିଛି।

## ୧୪୬୬ ସୁରକ୍ଷାକର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ୨୦୨୫ ବର୍ଷ ପାଇଁ ଦେଶବ୍ୟାପୀ ୧୪୬୬ ସୁରକ୍ଷାକର୍ମୀଙ୍କୁ ଗୃହମନ୍ତ୍ରଣାଳୟ ତରଫରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପ୍ରଦାନ କରାଯିବ। ଶୁକ୍ରବାର ଏ ନେଇ ଗୃହ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। ଏହି ପଦକ ଚାରିଟି କ୍ଷେତ୍ରରେ ଯଥା ସ୍ପେଶାଲ ଅପରେସନ, ଇନ୍‌ଭେଷ୍ଟିଗେସନ, ଇଣ୍ଟେଲିଜେନ୍ସ ଓ ଫରେନସିକ ସାଇନ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏହି ପଦକ ତଥା ସମ୍ମାନ ପେସାଦାର ମନୋବୃତ୍ତି ଓ ନିଜ ସାଥିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରଦାନ କରାଯାଇଥାଏ। ତେବେ ଏହି ପଦକ କେବେ ଓ କେଉଁଠାରେ ପ୍ରଦାନ କରାଯିବ ସେ ନେଇ କିଛି କୁହାଯାଇନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ମାରିଥିବା ୨୦ଜଣ ପୁଲିସ କର୍ମୀଙ୍କୁ ମଧ୍ୟ ଏହି ପଦକ ପ୍ରଦାନ କରାଯିବ। ୨୦୨୪ ଫେବୃଆରୀ ୧ରୁ ଏହି ପଦକ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ବୁଲା କୁକୁର ଗଣନା ମାମଲାରେ ଅବହେଳାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ହାଜର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ରାଜ୍ୟମାନଙ୍କ ଆଭିମୁଖ୍ୟକୁ ଦେଖି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଶୁକ୍ରବାର ଏ ସମ୍ବନ୍ଧିତ ମାମଲାର ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ଦେବା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହାକୁ ଭର୍ତ୍ସନା କରି ଜଷ୍ଟିସ ନାଥ କହିଥିଲେ ଯେ ସତ୍ୟପାଠ ଦାଖଲ କରିବାକୁ କହିବା ବେଳେ ମୁଖ୍ୟ ସଚିବମାନେ ଚୁପ୍ ହୋଇ ଶୋଇ ରହୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଉନାହାନ୍ତି। ଠିକ୍ ଅଛି, ଏବେ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ଦିଅନ୍ତୁ। ଆମେ ତାଙ୍କ କଥା ବୁଝିନେବୁ। ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନିହାତି ହାଜର ହେବାକୁ ପଡିବ ଏବଂ କାହିଁକି ସତ୍ୟପାଠ ଦାଖଲ

### ଶୋଇ ରହିଛନ୍ତି ସବୁ ମୁଖ୍ୟ ସଚିବ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇନାହାନ୍ତି

କଲେନି ତାହାର ଉତ୍ତର ଦେବାକୁ ହେବ।

ଗତ ୨୭ ତାରିଖରେ ହୋଇଥିବା ଶୁଣାଣିରେ ଆସନ୍ତା ତିନି ତାରିଖରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସତ୍ୟପାଠ ଦାଖଲ କରିଥିବାରୁ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଏଥିରୁ ଆଶ୍ୱସ୍ତି ଦେଇଥିଲେ। ବୁଲା କୁକୁର କାମୁଡିବା ଯୋଗୁ ବ୍ୟାପୁଥିବା ରେବିଜ ବିଷୟରେ ଏକ ଗଣମାଧ୍ୟମ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୨୮ ତାରିଖରୁ ଏହା ଉପରେ ଶୁଣାଣି ଜାରି ରହିଛି। ଆଜି ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ ପୌର ନିଗମ ଏବଂ ରାଜ୍ୟ ସରକାରମାନେ ଯେଉଁ ସମସ୍ୟାର ସମାଧାନ କରିବା କଥା ସୁପ୍ରିମକୋର୍ଟ ତାହାର ଫଇସଲା ପାଇଁ ସମୟ ବର୍ବାଦ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ମୁଖ୍ୟ ସଚିବଙ୍କୁ ହିଁ କୋର୍ଟରେ ହାଜର ହେବାକୁ ପଡ଼ିବ। ସେହିପରି ଗତ ଅଗଷ୍ଟ ୨୨ ତାରିଖରେ କୋର୍ଟ ଏହି ବୁଲା କୁକୁର ମାମଲାର ପରିସର ବୃଦ୍ଧି କରି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୂକ୍ତ କରିଥିଲେ। ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଓକିଲଙ୍କୁ ସମନ କରିପାରିବେନି ଯାଞ୍ଚ ଏଜେନ୍ସି

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ଆଇନଗତ ମାମଲାରେ ନିଜ ମହକିଲଙ୍କୁ ଦେଇଥିବା ପରମାର୍ଶକୁ ନେଇ ଓକିଲଙ୍କୁ ଯାଞ୍ଚ ଏଜେନ୍ସିଗୁଡିକ ସମନ ଜାରି କରିପାରିବେ ନାହିଁ। ଏ ସମ୍ବନ୍ଧରେ ଓକିଲଙ୍କୁ ଜେରା ପାଇଁ ଡାକିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ କେ. ବିନୋଦଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏହା ସହିତ ଯାଞ୍ଚ ଏଜେନ୍ସିଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୧୩୨ ଅନୁଯାୟୀ କେବଳ ଅସାଧାରଣ ସ୍ଥିତିରେ ଓକିଲଙ୍କୁ ସମନ ଜାରି କରାଯାଇପାରିବ। ଏକ ମନି ଲଣ୍ଡରିଂ ଯାଞ୍ଚ ପାଇଁ ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇବା ମାମଲା ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏହି ନିଷ୍ପତ୍ତି ଶୁଣାଣି ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଓକିଲଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ଏବଂ ଯାଞ୍ଚ ଏଜେନ୍ସିଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କୋର୍ଟ ପ୍ରୟାସ କରିଛନ୍ତି। ଅନାବଶ୍ୟକ ଚାପରୁ ସୁରକ୍ଷା ଦେବା ଲାଗି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ କେବଳ କୋର୍ଟଙ୍କ ଅନୁମତି ନେଇ କୌଣସି ଓକିଲଙ୍କ ଡିଜିଟାଲ ଉପକରଣକୁ ଜବତ କରାଯାଇପାରିବ। ଏହାକୁ ଓକିଲ ଏବଂ ସମ୍ବନ୍ଧିତ ପକ୍ଷର ଉପସ୍ଥିତିରେ ଖୋଲିବାକୁ ହେବ। କୋର୍ଟ ତାଙ୍କ ଆବେଦନ ଖାରଜ କଲା ପରେ ଯାଇ ହିଁ ଏପରି କରିହେବ। ଏହି ମାମଲାରେ ଓକିଲ ନିଯୁକ୍ତି କରିଥିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ ହୋଇଛି। କାରଣ ସେମାନେ ନିଜ ଓକିଲଙ୍କୁ ହିଁ ଭରସା କରିଥିଲେ। ଯାଞ୍ଚ ଏଜେନ୍ସି କୌଣସି ଓକିଲଙ୍କୁ ତାଙ୍କ ମହକିଲଙ୍କ ସମ୍ବନ୍ଧିତ ସୂଚନା ମଧ୍ୟ ମାଗିପାରିବ ନାହିଁ। କେବଳ ଅସାଧାରଣ କ୍ଷେତ୍ରରେ ଏପରି କରାଯାଇପାରିବ। ଆଇନ ବୃତ୍ତିର ଗରିମା ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପୂର୍ବରୁ ଇଡି ଦ୍ୱାରା ଜାରି ଏହି ସମନକୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଅଗଷ୍ଟ ୧୨ରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ନିଜକୁ ଦେଶର ସବୁ ନାଗରିକଙ୍କ ସଂରକ୍ଷକ କହିଥିଲେ। ଓକିଲଙ୍କୁ ଏଭଳି ଭାବେ ଜେରା କରିବା ନ୍ୟାୟ ବ୍ୟବସ୍ଥାର ମୂଳଦୁଆକୁ ଦୁର୍ବଳ କରିପାରେ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ।

## ଏନ୍‌ଡିଏର ବିହାର ନିର୍ବାଚନୀ ପ୍ରତିଶ୍ରୁତି | କୋଟିଏ ସରକାରୀ ଚାକିରି


ପାଟନା, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏମେଣ୍ଟ ଶୁକ୍ରବାର ଘୋଷଣାପତ୍ର ଜାରି କରିଛି। ଏଥିରେ କ୍ଷମତାରେ ଆସିଲେ କ'ଣ କ'ଣ କରାଯିବ ତାହାର ସୁନେଲୀ ସ୍ୱପ୍ନ ବିହାରବାସୀଙ୍କୁ ଦେଖାଇଛନ୍ତି। ପାଟନାର ମୌର୍ଯ୍ୟ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଚିରାଗ ପାଶ୍ୱାନ ଏହି ଘୋଷଣାପତ୍ର ଜାରି କରିଛନ୍ତି। କ୍ଷମତାକୁ ଆସିଲେ ବିହାର ଲୋକଙ୍କୁ ଏକ କୋଟି ସରକାରୀ ଚାକିରି, ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା, କୋଟିଏ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ଗରିବଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବାକୁ, ୪ ସହରରେ ମେଟ୍ରୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ମୋକାମାରେ ଆରଜେଡି ନେତା ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ବାହୁବଳୀ ଅନନ୍ତ ସିଂହ, ତାଙ୍କର ଦୁଇ ପୁତୁରା ରଣବୀର ଏବଂ କର୍ମବୀର, ଛୋଟନ ସିଂହ ଓ କଞ୍ଜୟ ସିଂହ ବ୍ୟତୀତ ଅନେକ ଲୋକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଏହାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସିୱାନରେ ଏଏସଆଇକୁ ତଣ୍ଟି ଚିପି ହତ୍ୟା କରାଯାଇଛି। ମୋକାମାରେ ଦୁଲାରଚନ୍ଦଙ୍କୁ ମଧ୍ୟ ମାରି ଦିଆଯାଇଛି। ଏ ସବୁ କ'ଣ ଚାଲିଛି? ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବନ୍ଧୁକ ଧରି ବୁଲୁଥିବା ଲୋକଙ୍କୁ କେମିତି ରାଜା କୁହାଯିବ ବୋଲି ସେ ପଚାରିଛନ୍ତି।

## ମୁମ୍ବଇରେ ଶିଶୁଙ୍କୁ ପଣବନ୍ଦୀ ରଖିବା ମାମଲା | ୪ ଅଭିଭାବକଙ୍କୁ ଅଭିଯୁକ୍ତ ମାଗିଥିଲା ୪ କୋଟି

ମୁମ୍ବଇ, ୩୧।୧୦ (ଏଜେନ୍ସି): ମୁମ୍ବଇର ପୱଇ ସ୍ଥିତ ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୁକ୍ତ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍‌ନାକୁ ଆସିଛି। ନିଜ ନାତୁଣୀକୁ ଅଡିସନ ଦେବାକୁ ଏଠାକୁ ନେଇ ଯାଇଥିବା ବୃଦ୍ଧା ମଙ୍ଗଳା ପାଟନକର ଅନେକ ସୂଚନା ଦେଇଛନ୍ତି। ଶିଶୁଙ୍କୁ ବଞ୍ଚାଇବାରେ ମଙ୍ଗଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁଣ୍ଡରେ କାଚ ବାଜିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଏବେ ତାଙ୍କର ଚିକିତ୍ସା ଚାଲିଛି। ସେ କହିଛନ୍ତି ଯେ ମୃତ ଅଭିଯୁକ୍ତ ରୋହିତ ତାଙ୍କ ପାଖରେ କିଛି ଶିଶୁଙ୍କୁ ଛାଡ଼ି ଯାଇଥିଲା। ଅନ୍ୟମାନଙ୍କୁ ଉପରକୁ ନେଇ ଯାଇଥିଲା। ସେ ଝରକାରେ କଳା ପରଦା ଲଗାଇ ଷ୍ଟୁଡିଓରେ ବୋମା ଥିବା ଧମକ ଦେଇଥିଲା। ସେ ୪ ଶିଶୁଙ୍କ ମାତାପିତାଙ୍କୁ ଫୋନ କରି ପିଲାଙ୍କୁ ଛାଡ଼ିବା ପାଇଁ କୋଟିଏ ଲେଖାଏଁ ମାଗିଥିଲା। ସେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ଆସିଥିଲା ବୋଲି ଏଥିରୁ ଜଣା ପଡୁଥିଲା। ତେବେ ରୋହିତ କାହାକୁ ଖରାପ ବ୍ୟବହାର କରି ନ ଥିଲା। କିନ୍ତୁ ବହୁତ ଡ୍ରାମା କରିଥିଲା। ଦୀପାବଳିରେ ରଖିଥିବା ବାଣ ଫୁଟାଇ କୋଠାରେ ବାହାରେ ଗୁଳିମାଡ଼ ଚାଲିଥିବା କହିଥିଲା। ତେଣୁ ଆମେ କୋଠା ବାହାରକୁ ଯାଇ ନ ଥିଲୁ। ପୁଲିସ ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଙ୍ଗଳା ଏହି ଶିଶୁଙ୍କ ଫଟୋକୁ ତାଙ୍କ ମାତାପିତାଙ୍କୁ ପଠାଇ ଥିଲେ। ଶିଶୁ ସୁରକ୍ଷିତ ଅଛନ୍ତି ଜଣାଇବା ପାଇଁ ସେ ଏପରି କରିଥିଲେ।

## ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯିବା ଉଚିତ୍: ଖଡ଼୍‌ଗେ



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଂଗ୍ରେସକୁ ସମାଲୋଚନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ୍ ଦେଇଛନ୍ତି। ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଭଳି ସଂଗଠନକୁ ନିଷିଦ୍ଧ କରାଯିବା ଉଚିତ୍। ଯଦି ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରକୁ ସମ୍ମାନ କରୁଛନ୍ତି, ତେବେ ଆରଏସ୍‌ଏସ୍ ଉପରେ ବ୍ୟାନ ଲଗାନ୍ତୁ ବୋଲି ସେ ଆହ୍ୱାନ୍ନ କରିଛନ୍ତି। ଆରଏସ୍‌ଏସ୍ ଉପରେ ନିଷେଧାଦେଶ ଜାରି କରାଯିବା ଉଚିତ ବୋଲି ଖୋଲା ଖୋଲି କହୁଛି। ଦେଶରେ ଆରଏସ୍‌ଏସ୍ ଓ ବିଜେପି କାରଣରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି। ଏହି କ୍ରମରେ ସେ ୧୯୪୮ ଜୁଲାଇ ୧୮ ରେ ସେତେବେଳର ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ଚିଠିର ଉଦାହରଣ ଦେଇଛନ୍ତି। ଏହି ଚିଠିରେ ସେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ପଟେଲ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପାଇଁ ପରୋକ୍ଷରେ ଆରଏସ୍‌ଏସ୍‌କୁ ଦାୟୀ କରିଥିବା କଥା ଉଲ୍ଲେଖ କରିଛନ୍ତି। ଆରଏସ୍‌ଏସ୍ ଏଭଳି ସ୍ଥିତି ସୃଷ୍ଟି କରିବାର କାରଣରୁ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା ବୋଲି ସେ କହିଛନ୍ତି। ସର୍ଦ୍ଦାର ପଟେଲଙ୍କୁ ସେ ଲୌହ ମାନବ ଓ ଇନ୍ଦିରା ଗାନ୍ଧୀଙ୍କୁ ଲୌହ ମାନବୀ ବୋଲି କହିଛନ୍ତି। ଦେଶର ଏକତା ପାଇଁ ଏହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସେ କହିଛନ୍ତି। ଜବାହରଲାଲ ନେହରୁ ଓ ପଟେଲଙ୍କ ମଧ୍ୟରେ ଭେଦ ସୃଷ୍ଟି କରିବାକୁ ବିଜେପି ପ୍ରୟାସ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଉଲ୍ଲେଖଥାଉ କି, ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସର୍ଦ୍ଦାର ପଟେଲ ୧୯୪୮ ଫେବୃଆରୀ ୪ରେ ସେ ଆରଏସ୍‌ଏସ୍ ଉପରେ ନଷେଧାଦେଶ ଲଗାଇଥିଲେ।

## ଭାଇ ଆଣ୍ଡ୍ରୁ୍ୟଙ୍କୁ ଘରୁ ବାହାର କଲେ କିଙ୍ଗ୍ ଚାର୍ଲ୍ସ



ଲଣ୍ଡନ, ୩୧।୧୦(ଏଜେନ୍ସି): ବ୍ରିଟେନରେ କିଙ୍ଗ ଚାର୍ଲ୍ସ ନିଜର ସାନ ଭାଇ ଆଣ୍ଡ୍ରୁ୍ୟଙ୍କଠାରୁ ରାଜପରିବାରର ପ୍ରିନ୍ସ ଉପାଧି ପ୍ରତ୍ୟାହାର କରିଛନ୍ତି। କେବଳ ସେତିକି ନୁହଁ ୱିଣ୍ଡସରସ୍ଥିତ ବିଳାଷପୂର୍ଣ୍ଣ 'ରୟାଲ ଲଜ୍'ରୁ ମଧ୍ୟ ତାଙ୍କୁ ଚାଲି ଯିବାକୁ ଆଦେଶ ଦିଆଯାଇଛି। ଏ ନେଇ ବକିଂଙ୍ଗହାମ ପ୍ୟାଲେସ ତରଫରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧୀ ଓ ସମ୍ମାନ ପ୍ରତ୍ୟାହାର କରିବା ନେଇ ପ୍ରକ୍ରିୟାର ଆରମ୍ଭ ହୋଇଛି। ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପ୍‌ଷ୍ଟିନ ସହ ଆଣ୍ଡ୍ରୁ୍ୟଙ୍କ ସମ୍ପର୍କ ଥିବାରୁ ରାଜ ପରିବାର ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲା। କିଛିଦିନ ତଳେ କିଙ୍ଗ୍ ଚାର୍ଲ୍ସ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଣ୍ଡ୍ରୁଙ୍କୁ ନେଇ ସର୍ବାଜନୀନ ଭାବେ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ଆଣ୍ଡ୍ରୁ୍ୟଙ୍କୁ ନେଇ କିଙ୍ଗ୍ ଚାର୍ଲ୍ସଙ୍କ ସବୁଆଡୁ ଚାପର ସମ୍ମୁଖୀନ ହୋଇଥିଲେ। ଆଣ୍ଡ୍ରୁ୍ୟ ହେଉଛନ୍ତି ସ୍ୱର୍ଗତ ମହାରାଣୀ ଏଲିଜାବେଥଙ୍କ ଦ୍ୱିତୀୟ ପୁତ୍ର ଓ ଚାର୍ଲ୍ସଙ୍କ ସାନ ଭାଇ। ଛୋଟ ପିଲାଙ୍କ ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏପଷ୍ଟିନଙ୍କ ସହ ଥିବା ସମ୍ପର୍କ ନେଇ ଆଣ୍ଡ୍ରୁ୍ୟ ମଧ୍ୟ ବିବାଦରେ ଫସିଥିଲେ। ଆଣ୍ଡ୍ରୁ୍ୟ କିଶୋର ଅବସ୍ଥାରେ ଜଣେ ୧୭ ବର୍ଷୀୟ ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗ କାରଣରୁ ଆଣ୍ଡ୍ରୁ୍ୟଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୀଡିତା ବାଳିକା ଜଣକ ଭିର୍ଜିନିଆ ଗିଫ୍ରେ ଅଭିଯୋଗ କରିଛନ୍ତି ଯେ, ୨୦୦୧ରେ ମୋତେ ୧୭ ବର୍ଷ ହୋଇଥିବା ବେଳେ ଆଣ୍ଡ୍ରୁ୍ୟ ମୋର ଯୌନ ଶୋଷଣ କରିଥିଲେ। ଗ୍ରିଫେ ଚଳିତବର୍ଷ ଏପ୍ରିଲ୍‌ରେ ୪୧ ବର୍ଷ ବୟସରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଆଣ୍ଡ୍ରୁ୍ୟ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ଚଳିତ ମାସ ଆଣ୍ଡ୍ରୁ୍ୟ ଏଥିପାଇଁ ରାଜ ପରିବାରର 'ଡ୍ୟୁକ୍ ଅଫ୍ ୟାର୍କ' ଉପାଧିକୁ ପରିତ୍ୟାଗ କରିଥିଲେ। ଗୁରୁବାର ରାଜ ପରିବାର ତରଫରୁ ଏହି ଘୋଷଣା ସତ୍ତ୍ୱେ ଆଣ୍ଡ୍ରୁ୍ୟ ବ୍ରିଟିଶ ସିଂହାସନର ଉତ୍ତରାଧିକାରୀ ଭାବେ ଅଷ୍ଟମ ଦାବିଦାର ଭାବେ ବଜାୟ ରହିବେ।

## ଆମେରିକା ଚଳିତ ବର୍ଷ ୨, ୭୯୦ ଭାରତୀୟଙ୍କୁ ବିଦା କରିଛି

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ବର୍ଷ ଆମେରିକାର ଏପର୍ଯ୍ୟନ୍ତ ଅବୈଧ ଭାବେ ରହୁଥିବା ୨, ୭୯୦ ଜଣ ଭାରତୀୟଙ୍କୁ ଡିପୋର୍ଟ କରିଛି ଅର୍ଥାତ ଦେଶରୁ ବିଦା କରିଛି। ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଶୁକ୍ରବାର ସୂଚନା ଦେଇଛି। ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୨, ୭୯୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଭାରତ ପଠାଇ ଦିଆଯାଇଛି। ଏହି ଭାରତୀୟ ନାଗରିକମାନେ ଆମେରିକାରେ ରହିବା ପାଇଁ ମାନଦଣ୍ଡ ପୂରଣ କରିପାରି ନଥିଲେ କିମ୍ବା ସେଠାରେ ଅବୈଧ ଭାବେ ରହୁଥିଲେ। ଆମେ ଏହି ନାଗରିକଙ୍କ ପ୍ରମାଣ ପତ୍ର ଓ ନାଗରିକତା ବିଷୟରେ ସୂଚନା ଦେବା ପରେ ସେମାନଙ୍କୁ ଭାରତ ଫେରାଇ ଦିଆଯାଇଛି। କେବଳ ଆମେରିକା ନୁହଁ ବ୍ରିଟେନ ଅର୍ଥାତ ୟୁନାଇଟେଡ କିଙ୍ଗଡମ୍‌ରୁ ମଧ୍ୟ ବିଦା ହୋଇଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ଜୟସ୍ୱାଲ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ୟୁକେରୁ ପାଖାପାଖି ୧୦୦ଜଣ ଭାରତୀୟ ନାଗରିକଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି।

# ଯୁବବର୍ଗ ବେକାର; ବୃଦ୍ଧଙ୍କୁ ଚାକିରି


- କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧ
- କୋର୍ଟରେ ଗଡୁଛି ମାମଲା; ପକ୍ଷ ରଖୁନାହାନ୍ତି ସରକାର
- କର୍ଣ୍ଣପାତ କରୁ ନାହାନ୍ତି ଉଚ୍ଚଶିକ୍ଷା ଓ ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୦(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି; ହେଲେ ସରକାର ନୂତନ ନିଯୁକ୍ତି ଦେଉ ନାହାନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଣଶିକ୍ଷକ ପଦରେ ମଧ୍ୟ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ବେକାର ବୁଲୁଥିବାବେଳେ ଅବସରପ୍ରାପ୍ତ ବୃଦ୍ଧଙ୍କୁ ସରକାର ନିଯୁକ୍ତି ଦେବାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା

ଗତ ୨୩ ତାରିଖରେ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଚଳିତ ଶିକ୍ଷାବର୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏପଟେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଥିବା ସରକାର ନୂତନ ଅଧ୍ୟାପକ ନିଯୁକ୍ତି କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯୋଗ୍ୟତା ମାନଦଣ୍ଡକୁ ନେଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ଏପରିକି ଡବଲ୍ ବେଞ୍ଚରେ ହୋଇଥିବା ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଖାଲି ପଦରେ ନିଯୁକ୍ତି ଦେବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଏସ୍ଏସ୍‌ବି ଅଧ୍ୟାପକ ଆଶାୟୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଅପରପକ୍ଷରେ ଚାକିରି ଆଶାୟୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସରକାରୀ ବ୍ୟବସ୍ଥାକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦ ପୂରଣ କରିବାରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ୨୦୨୪ ମାର୍ଚ୍ଚରେ ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ କୋର୍ଟରେ ବିଚାରଧୀନ ରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ବହୁ ପଦ ଫାଙ୍କା ପଡ଼ିଛି। ନିୟମିତ ଭାବେ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଛି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ତ୍ରୁଟି କାରଣରୁ ପ୍ରାୟ ସମସ୍ତ ବିଜ୍ଞପ୍ତି କୋର୍ଟକୁ ଯାଉଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଛି। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ଏସ୍ଏସ୍‌ବି ନିଯୁକ୍ତି କରାଗଲେ ଅଧ୍ୟାପକ ଅଭାବ ପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ନ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀମାନେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକଙ୍କ ସହ ସଂଗ୍ରାମ ମୋହାଲିକ, କମଳାକାନ୍ତ ଶତପଥି, ବିଜୟ ମଲ୍ଲିକ, ରଞ୍ଜିତ ପ୍ରଧାନଙ୍କ ସହ ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ।

# ରାଧାପାଦ ଦର୍ଶନ କଲେ ୨ ଲକ୍ଷ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୩୧।୧୦ (ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ଅସରରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଆଜି ମା’ ରାଧାରାଣୀଙ୍କ ଦୁର୍ଲଭ ପାଦ ଦର୍ଶନ କରିଛନ୍ତି। ମା’ଙ୍କ ପାଦ ଦର୍ଶନ ପାଇଁ ଦିନତମାମ ମନ୍ଦିରଠାରୁ ୩ କି.ମି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ମା’ ରାଧାରାଣୀ ଶ୍ରଦ୍ଧାଳୁଙ୍କ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥା’ନ୍ତି। ପୂର୍ବରାତ୍ରିରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର୍ ପ୍ରାୟ ୫ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଯାଇ ଦର୍ଶନ କରିଥିଲେ।

କୁହାଯାଏ, ମହାପ୍ରଭୁ ସାକ୍ଷୀଗୋପାଳ ଉତ୍ତର-ଭାରତରୁ ଆସିଥିବାରୁ ଠାକୁରାଣୀ ଶ୍ରୀଶ୍ରୀରାଧାରାଣୀ ଉତ୍ତର-ଭାରତୀୟ ବେଶଭୂଷା ପରିଧାନ କରିଥା’ନ୍ତି। ଫଳରେ ବର୍ଷସାରା ମା’ଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ। କେବଳ ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିଥା’ନ୍ତି। ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ ଏବଂ ପାଦ ଦର୍ଶନର ସୁଯୋଗ ମିଳିଥାଏ।

ଏଥିପାଇଁ ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା। ପାଦରେ ଅଳତା ଓ ଆଖିରେ କଜଳ ଲଗାଯାଇଥିଲା। ସେହିପରି ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳମାଳ ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆମାଳ, ସୁବର୍ଣ୍ଣ ଚକିମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ତେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ ଶୋଭା ପାଉଥିଲା। ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜିଉଙ୍କର ମନୋରମ ନଟବର ବେଶ ହୋଇଥିଲେ। ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲହାର, ହସ୍ତରେ ସୁବର୍ଣ୍ଣବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।

# ନୂଆପଡ଼ା ପାଇଁ ଆଉ ୧୭ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ

**ଭୁବନେଶ୍ୱର, ୩୧।୧୦ (ସମିସ):** ନଆପଡ଼ା ଉପନର୍ବାଚନରେ ଦଳର ବିଭିନ୍ନ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମରେ ସଂଯୋଜନା କରିବା ପାଇଁ ଆଉ ୧୭ ଜଣ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେସ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପାଡ଼ଲ, ମାସ ମାଡକାମୀ, ଝିନ୍ନ ହିକ୍କକା, ସାନନ୍ଦ ମାର୍ଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଇଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ, ଦୁଷ୍ମନ୍ତ ନାୟକ ପ୍ରମୁଖ ସାମିଲ ଅଛନ୍ତି। ଏହି ନେତାମାନଙ୍କୁ ତତ୍କାଳୀନ କାର୍ଯ୍ୟରେ ନିୟୋଜିତ ହେବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

### ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ

# ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ




**ଭୁବନେଶ୍ୱର,୩୧।୧୦(ସମିସ):** ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ହୋଟେଲ୍ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ହସ୍ତତନ୍ତ ବିଭାଗର ଉନ୍ନୟନ ଆୟୁକ୍ତ ବୀଣା କୁମାରୀ ମୀନା ଏବଂ ହସ୍ତଶିଳ୍ପ ବିଭାଗର ଉନ୍ନୟନ ଆୟୁକ୍ତ ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଉପସ୍ଥାପନ କରିଥିଲେ। ଓଡିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଓଡିଶାରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା ହେବା ସହ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

### ଗାଡ଼ି ଚାଳକଙ୍କ ସଫଳତା

# ଜାପାନ ଯିବେ କେନ୍ଦୁଝରର ରାକେଶ



**କଟକ, ୩୧।୧୦(ସମିସ):** ଜଣେ ଗାଡ଼ି ଚାଳକ ହୁଏତ ଉଚ୍ଚଶିକ୍ଷିତ ନ ହୋଇପାରନ୍ତି କିନ୍ତୁ ଯଦି ନିଷ୍ଠାର ସହ ପ୍ରଶିକ୍ଷଣ ନେବେ, ତେବେ ରୋଜଗାର କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଭଲ ସମ୍ଭାବନା ସୃଷ୍ଟି କରିପାରିବେ। ଯାହା ପ୍ରମାଣିତ କରିପାରିଛନ୍ତି କେନ୍ଦୁଝର ଜିଲ୍ଲାର ରାକେଶ ଦାସ। ଓଡ଼ିଶା ସରକାରଙ୍କ ଛତିଆ ଯାନ ଚାଳନା ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ ଜଣେ ଗାଡ଼ିଚାଳକ ରାକେଶ ଆଜି ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଶ୍ରୀ ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ରାକେଶ ଛତିଆ ପ୍ରଶିକ୍ଷଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ନାଭିସ୍ ଏଚଆର ନାମକ ଚୁକ୍ତିବଦ୍ଧ କମ୍ପାନୀରୁ ପ୍ରଶିକ୍ଷଣ ନେଇଥିଲେ ରାକେଶ। ଗାଡ଼ି ଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାନଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନ ବଣାଇ, ଛତିଆ, ପାଲୁର, କେନ୍ଦୁଝରରେ ରହିଛି। ଏଠାରେ ପ୍ରଶିକ୍ଷାର୍ଥୀଙ୍କ ତାଲିମ୍ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭେଚ୍ଛା ଜଣାଇଛନ୍ତି।

# ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ



**କଟକ,୩୧।୧୦(ସମିସ):** କଟକସ୍ଥିତ ଷଷ୍ଠ ଓଏସ୍ଏପି ବାଟାଲିୟନ୍ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ, ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଆଇ.ଆର. ବାଟାଲିୟନ କମାଣ୍ଡାଣ୍ଟ ୟାକୁବ ଖାନ ପରେଡ୍‌ର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍କୁଲରେ ଛାତ୍ରୀଙ୍କୁ କାମୁଡ଼ିଲା ସାପ



**ଦେବଗଡ଼, ୩୧।୧୦ (ସମିସ):** ରିଆମାଳ ବ୍ଲକ୍ ଅନ୍ତର୍ଗତ ଚଢ଼େଇମରା ପ୍ରାଥମିକ ବିଦ୍ୟାଳୟ ପରିସରରେ ସାପ କମୁଡ଼ାରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଛାତ୍ରୀ ଜଣଙ୍କ ହେଲେ, ଲୁଇସରାଣୀ ବେହେରା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ସୂଚନାନୁଯାୟୀ, ଲୁଇସ୍ ଆଜି ଶୌଚାଳୟକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଶୌଚାଳୟ ନିକଟରେ ଥିବା ଏକ ଚିତିସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଲୁଇସ୍‌ଙ୍କ ଚିତ୍କାର ଶୁଣି ଶିକ୍ଷକମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ।

### ପୁଲିସ ଏସ୍ଆଇ ଚାକିରି ବିକ୍ରି

# ଘଟଣା ପଛରେ ବଡ଼ ନେଟ୍‌ୱର୍କ: କ୍ରାଇମ୍‌ବ୍ରାଞ୍ଚ ଡିଜି

- ସିବିଆଇ ତଦନ୍ତ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ଭୟ
- ଶଙ୍କରକୁ ଏପର୍ଯ୍ୟନ୍ତ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ



**ଭୁବନେଶ୍ୱର,୩୧।୧୦(ସମିସ):** ପୁଲିସ୍ ଏସ୍ଆଇ ପରୀକ୍ଷା କେଲେଙ୍କାରି ମାମଲା ସିବିଆଇକୁ ହସ୍ତାନ୍ତର ହେବାର ସପ୍ତାହେ ପୂରିବ। ହେଲେ ଏପର୍ଯ୍ୟନ୍ତ ସିବିଆଇ ତା’ର ତଦନ୍ତ ଆରମ୍ଭ କରିନାହିଁ। ସେପଟେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଜାମିନ୍ ପାଇ ଘରକୁ ଫେରିଥିବାରୁ ସିବିଆଇ ତଦନ୍ତ ଆରମ୍ଭ କରିବା ପୂର୍ବରୁ ସବୁ କିଛି ପ୍ରମାଣ ନଷ୍ଟ ହୋଇ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପଟରେ ଏହି ପ୍ରସଙ୍ଗରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏହି ଘଟଣା ପଛରେ ବଡ଼ ଧରଣର ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ବଡ଼ ଷଡ଼ଯନ୍ତ୍ର ଏବଂ ମନି ଟ୍ରଲ୍‌ର ସଂପୃକ୍ତି ରହିଛି। ସେହି କାରଣରୁ ରାଜ୍ୟ ସରକାର ଏହାକୁ ସିବିଆଇ ତଦନ୍ତ କରିବାକୁ କହିଛନ୍ତି। ଯେହେତୁ ସିବିଆଇର ସମ୍ପୂର୍ଣ୍ଣ ଭାରତରେ ତଦନ୍ତ କରିବାର କ୍ଷମତା ରହିଛି ତେଣୁ ଷଡ଼ଯନ୍ତ୍ର ଦିଗକୁ ଭଲ ଭାବେ ସେମାନେ ତଦନ୍ତ କରିବେ। ଦୋଷୀମାନଙ୍କ ପାଖରେ ପହଞ୍ଚିବେ। କେବଳ ବିଜୟନଗରମ କିମ୍ବା ଦୀଘା ମୋଡୁଲ ନୁହେଁ; ଏହା ପଛରେ ଅନେକ ମୋଡୁଲ ରହିଥାଇପାରେ। ସିବିଆଇ ଏ ସବୁକୁ ବାହାର କରିବ। ଯେତିକି ପ୍ରମାଣ ଆମେ ପାଉଛୁ, ସେତିକି ତଥ୍ୟ ଆମେ କହୁଛୁ। ଅନୁମାନ କରି କହିବା ମାମଲାକୁ ହାନି ପହଞ୍ଚାଇପାରେ। ଯେହେତୁ ସିବିଆଇ ମାମଲାର ତଦନ୍ତ କରିବ, ସେମାନେ ଯେତେବେଳେ ଆସିବେ ଆମେ ତାଙ୍କୁ ‘ଅପଟୁଡେଟ୍’ କେସ୍ ରେକର୍ଡ ହସ୍ତାନ୍ତର କରିବୁ। ଦୋଷୀମାନଙ୍କ ପାଖରେ ସିବିଆଇ ପହଞ୍ଚିପାରିବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ତେବେ ଦିଲ୍ଲୀରେ ଲୁଚିଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଧରିବାରେ ବିଫଳ ହୋଇଛି କ୍ରାଇମ୍‌ବ୍ରାଞ୍ଚ। ଶଙ୍କର ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଜାଣିଥିଲେ ମଧ୍ୟ କ’ଣ ପାଇଁ ଗିରଫ କରିପାରୁନି, ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

# ୧୦ ମାସରେ ୪ କୋଟିର ଧଳାଜହର ଜବତ, ୧୬୮ ଗିରଫ

**ଖୋର୍ଦ୍ଧାରୁ ସର୍ବାଧିକ, ପଛକୁ ପୁରୀ**

**କଟକ, ୩୧।୧୦ (ସମିସ):** କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅନ୍ତର୍ଗତ ମୋଟ ୭ଟି ଜିଲ୍ଲାରେ ଧଳାଜହରର ବିପୁଳ କାରବାର ପୁଲିସର ଚିନ୍ତା ବଢ଼ାଇଲାଣି। ଜାନୁଆରିରୁ ଅକ୍ଟୋବର୨୯ ପର୍ଯ୍ୟନ୍ତ ଗତ ୧୦ ମାସ ମଧ୍ୟରେ ୪କିଲୋ୨୨ଗ୍ରାମ ୪୨୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ବା ଧଳାଜହର ଜବତ କରାଯାଇଛି। ମୋଟ ୮୧ଟି ମାମଲାରେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪କୋଟି ୨୪ଲକ୍ଷ ୪୬ ହଜାର ୫୪୦ ଟଙ୍କା। ଏହି କାରବାରରେ ସମ୍ପୃକ୍ତ ମୋଟ ୧୬୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଟି ମାମଲାରେ ୧ କୋଟି ୬୧ ଲକ୍ଷ ଟଙ୍କାର ୧ କିଲୋ ୬୧୬ ଗ୍ରାମ ଜବତ କରାଯିବା ସହ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏହା ପଛକୁ ପୁରୀ ଜିଲ୍ଲାରେ ସର୍ବାଧିକ ୧୮ଟି ମାମଲାରେ ୧ କିଲୋ ୧୨ ଗ୍ରାମ ଧଳାଜହର ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ଜଗତସିଂହପୁରରେ ୧୭ଟି ମାମଲା ରୁଜୁ ସହ ୯୮ଲକ୍ଷ ୬୪ହଜାର ଟଙ୍କାର ୧ କିଲୋ୯୫ ଗ୍ରାମ୍ ଧଳାଜହର ଜବତ କରାଯାଇଛି ଓ ୪୧ ଜଣ ଗିରଫ ହୋଇଛନ୍ତି। ନୟାଗଡ଼ରେ ୮ଟି ମାମଲାରେ ୧୬୯ ଗ୍ରାମ ଜବତ ସହ ୧୩ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୫ଟି ମାମଲାରେ ୩୦ଗ୍ରାମ ଜବତ ସହ ୫ଜଣ ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୧୬ଗ୍ରାମ ଜବତ ସହ ୨ ଗିରଫ, ଯାଜପୁରରେ ୬ଟି ମାମଲାରେ ୮୩ ଗ୍ରାମ୍ ଜବତ ସହ ୧୧ ଜଣ ଗିରଫ ହୋଇଛନ୍ତି।


ଅନୁରୂପ ଭାବେ, ଗଞ୍ଜେଇ କାରବାର କ୍ଷେତ୍ରରେ ମୋଟ ୬୪ଟି ମାମଲା ରିପୋର୍ଟ କରାଯାଇଛି। ଏଥିରେ ୧୧୦୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୨ଲକ୍ଷ ଟଙ୍କା ହେବ। ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ୧୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଆଜିଠୁ ସମୁଦ୍ରରେ ମାଛଧରା କଟକଣା

- ପ୍ରସ୍ତୁତି ଅଧାପନ୍ତରିଆ, କଇଁଛଙ୍କୁ ସୁରକ୍ଷା ଦେବ କିଏ?
- ଉଦ୍‌ବେଗ ପ୍ରକାଶ କଲେ ପ୍ରକୃତି ବନ୍ଧୁ

**ପୁରୀ, ୩୧।୧୦(ସମିସ):** ପୁରୀ ଜିଲ୍ଲା ଉପକୂଳରେ ଅଲିଭ୍‌ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଶନିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଆସନ୍ତା ମେ’ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଙ୍ଗ୍ ରେଗୁଲେସନ୍ ଆକ୍ଟ ବା ଓମ୍‌ଫ୍ରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କ ପାଇଁ ପୁରୀ ଉପକୂଳରୁ ସମୁଦ୍ର ମଧ୍ୟକୁ ପ୍ରବେଶ ଏବଂ ମାଛ ଧରିବା ଉପରେ କଟକଣା ଲଗାଯିବ। କେଳୁଣୀ ମୁହାଣରୁ ଦେବୀନାସୀ ସମୁଦ୍ର କୂଳରୁ ୨୦ କିମି ପର୍ଯ୍ୟନ୍ତ ଅଞ୍ଚଳ ନୋ-ଫିସିଂ ଜୋନ୍ ରହିବ। ଅର୍ଥାତ୍ ଏହି ଅଞ୍ଚଳ ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର୍ ମାଛ ଧରିପାରିବେ ନାହିଁ। ଏଥିସହ ଫାଶି ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ତେବେ ବନ ବିଭାଗ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଅଲିଭ୍‌ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଯେଉଁସବୁ ପ୍ରସ୍ତୁତି କରାଯିବା କଥା, ତାହା ଅଧାପନ୍ତରିଆ ରହିଛି। ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା’ନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କ ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାରହଜାର ସଂଖ୍ୟାରେ ଅଲିଭରିଡ୍‌ଲେ ପୁରୀ ଜିଲ୍ଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କୋଣାର୍କଠାରୁ ଦେବିନାସୀ ବେଳାଭୂମି ଇଲାକାରେ ଏମାନେ ଅଣ୍ଡା ଦେଇଥାନ୍ତି। ଜାନୁୟାରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇ ଅନ୍ଧାର ରାତିରେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ଏଥିପାଇଁ ନିୟୋଜିତ ବନ କର୍ମଚାରୀ ଅଣ୍ଡାଗୁଡ଼ିକ ସଂଗ୍ରହ କରି କୃତ୍ରିମ ହାଚେରୀ ବା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ବାଲିରେ ପୋତିଥାନ୍ତି। ପ୍ରତିବର୍ଷ ପୁରୀ ଉପକୂଳରେ ୧୩ଟି ଜାଗାରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର କରାଯାଉଛି। ଏଗୁଡ଼ିକ ହେଉଛି ବାଲୁଖଣ୍ଡ ରେଞ୍ଜର ନୂଆନଇ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ହରଚଣ୍ଡୀ ଓ ଚାପମାଣିକ, କୋଣାର୍କ ରେଞ୍ଜର ଚନ୍ଦ୍ରଭାଗା, ଦାଶଧଡ଼ିଆ, କଅଁରପୁର ଓ ରାମଚଣ୍ଡୀ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଳବା ଓ ଗଙ୍ଗାଦେବୀ।



କଇଁଛଙ୍କ ସୁରକ୍ଷା ପାଇଁ କାମ କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍ ସଦସ୍ୟ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା କହିଛନ୍ତି, ଚଳିତବର୍ଷ ଅଲିଭ୍‌ରିଡଲେ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳକୁ ଆସିଲେଣି। ଇତିମଧ୍ୟରେ କୋଣାର୍କ ରେଞ୍ଜରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡା ମଧ୍ୟ ଦେଇସାରିଲାଣି। ତେଣୁ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯିବା ଦରକାର। ହେଲେ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଅଧାପନ୍ତରିଆ ରହିଛି। ବେଳାଭୂମି ସଫା କରାଯାଇନାହିଁ। କଇଁଛଙ୍କ ସୁରକ୍ଷା ନେଇ ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ସୂଚନା ଫଳକ କିମ୍ବା ସଚେତନ କରାଯାଇନାହିଁ। ରାମଚଣ୍ଡୀରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ମନଇଚ୍ଛା ବଣଭୋଜି ଚାଲିଛି। ଫଳରେ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରକୁ ଯାଉଛି। ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉ ନ ଥିବାବେଳେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଚନ୍ଦ୍ରଭାଗା ନୋଳିଆବସ୍ତିରୁ କଅଁରପୁର ଆଡକୁ ସମୁଦ୍ରକୂଳରେ ଚାରିଚକିଆ ଯାନ ଚଳାଚଳ ଦିଗରେ କୌଣସି କଟକଣା ଲାଗି ନାହିଁ। ଚନ୍ଦ୍ରଭାଗା ଏବଂ ରାମଚଣ୍ଡୀ ଏଫ୍ଏଲ୍‌ସି କର୍ମଚାରୀଙ୍କୁ ନେଇ କଇଁଛ ପ୍ରଜନନ ବିଷୟରେ ସଚେତନ କରାଯାଇ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବେଲେଶ୍ୱର ବେଳାଭୂମିରେ ପ୍ରି-ୱେଡିଂ ପାଇଁ ଜେନେରେଟର୍ ନେଇ ଲାଇଟ୍ ଲଗାଯାଉଛି। ଏଥିସହ ନିଆଁ ଲଗାଇ ଭିଡିଓ ସୁଟିଂ କରାଯାଉଛି। ଏସବୁ କିପରି ବନ୍ଦ କରାଯିବ, ସେ ଦିଗରେ ନା ବନ ବିଭାଗ ନା ମତ୍ସ୍ୟ ବିଭାଗ ଗୁରୁତ୍ୱ ଦେଉଛନ୍ତି। ସେହିପରି ୱାଚର୍ ଏବଂ ଆଣ୍ଟି ୱାଚରଙ୍କୁ ଅଲଗା କାମରୁ ନିବୃତ୍ତ ରଖି କେବଳ କଇଁଛଙ୍କ ସୁରକ୍ଷା ଦିଗରେ ନିୟୋଜିତ କରାଯାଉ ବୋଲି ପ୍ରକୃତି ବନ୍ଧୁ ଶ୍ରୀ ଜେନା କହିଛନ୍ତି।

ଏ ସମ୍ପର୍କରେ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ଏଫ୍ଏଲ୍‌ସି କର୍ମଚାରୀଙ୍କର ବୈଠକ ପ୍ରତିବର୍ଷ ହେଉଛି। ଏବର୍ଷ ମଧ୍ୟ କରାଯିବ। ସେହିପରି ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଇଛି।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ



ରୂପସା/ରାଜଘାଟ, ୩୧।୧୦ (ସମିସ): ବସ୍ତା ତହସିଲ ଇଲାକାରେ ରୀତିମତ ସରକାରୀ ଜାଗା ଜମି ଦଖଲ କରି ଲୋକେ ବାସଗୃହ, ଦୋକାନ ଘର କରି ଦେଉଛନ୍ତି। କିଛି ନେତା ଶ୍ରେଣୀର ଲୋକଙ୍କ ପ୍ରୋତ୍ସାହନରେ ସେମାନେ ଏଭଳି କରୁଥିବା ବେଳେ ଆଇନ କାନୁନ ପ୍ରତି ସେମାନଙ୍କର ଭ୍ରୂକ୍ଷେପ ନାହିଁ। ମାତ୍ର ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଏଠାରେ ଯୋଗ ଦେବା ଠାରୁ ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ଶ୍ରୀ ପଟ୍ଟନାୟକ ସରକାରୀ ଜାଗାରୁ କୋଠିଆ ଗାଁର ଜଗନ୍ନାଥ ସି ଓ ଦୋଳଗୋବିନ୍ଦ ବାରିକ ଏବଂ ବୃନ୍ଦାବନପୁର ଗାଁର ଦାଶରଥି ଜେନା ସରକାରୀ ଜାଗା ଜବର ଦଖଲ କରି ତିଆରି କରିଥିବା ବାସଗୃହ ସଂଲଗ୍ନ ଘର, ପୋଖରୀ ପାଖ ଜାଗା ଏବଂ ଦୋକାନ ଘର ଭାଙ୍ଗି ସଫା କରି ଦେଇଛନ୍ତି। ତହସିଲଦାରଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି

# ରାସ୍ତା ଅବରୋଧ ସହ ସ୍କୁଲ ଫାଟକରେ ତାଲା ପକାଇଲେ

ଚନ୍ଦନେଶ୍ୱର, ୩୧।୧୦(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇର ଟୁକୁରୀହାଜିରା ପଂଚାୟତର ରଣକୋଠା ୟୁଜିୟୁପି ସ୍କୁଲ ଫାଟକରେ ତାଲା ପଡିବା ସହିତ କାଠଗଣ୍ଡି ପକାଇ ଆଜି ଶୁକ୍ରବାର ଅଭାଭାବକ ଓ ପିଲାମାନେ ଜଗନ୍ନାଥପୁର-ଭୂଷଣ୍ଡେଶ୍ୱର ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଥିଲା। ତେବେ ଇଂରାଜୀ ଶିକ୍ଷକ ସୁଶାନ୍ତ ଜେନାଙ୍କ ପୁରୁଣିବେଲଦାକୁ ବଦଳି ପରେ ଶିକ୍ଷକ ନିଯୁକ୍ତି ନ ହେବା ସହିତ ପଦ୍ମଲୋଚନ ବଢ଼େଇଙ୍କୁ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠାଯିବା ପରେ ୯ଟି ଶ୍ରେଣୀକୁ ୬ ଶିକ୍ଷକ ପ୍ରତିବାଦରେ ସ୍କୁଲ ଗେଟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ସ୍କୁଲରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀକୁ ଶିଶୁବାଟିକାକୁ ଛାଡି ୨୪୮ ପିଲା ଥିବା ବେଳେ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଅନୁଯାୟୀ ୪ଜଣ ରୋଷେୟା ବଦଳରେ ମାତ୍ର ୨ଜଣ ଥିବା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବାଦରେ ସକାଳ ୯ଟାରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇ ଛାତ୍ରଛାତ୍ରୀ, ଅଭିଭାବକମାନେ ରାସ୍ତାରେ ବସିବାକୁ ବାଧ ହୋଇଛନ୍ତି। ଅନ୍ୟ ଶିକ୍ଷକମାନେ ଭିତରକୁ ଯାଇ ନ ପାରି ଅଟକ ଥିଲେ। ଖବର ପାଇ ଘଟଣା ସ୍ଥଳରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ ପହଞ୍ଚି ଘଟଣା ସମ୍ବନ୍ଧରେ ଅଭିଭାବକ ମାନଙ୍କ ସହିତ ଆଲୋଚନା ପୂର୍ବକ ରୋଷେୟା ନିଯୁକ୍ତି ଖୁବଶୀଘ୍ର ହେବାର ପ୍ରତିଶୃତି ଦେଇଛନ୍ତି। ସମାଜସେବୀ ଜୟନ୍ତ ମଣ୍ଡଳ ଓ ସନ୍ତୋଷ ସାସମଲ ଅଭିବ୍ୟକ୍ତିକୁ ବିଇଓ ହୃଦୟର ସହ ଗ୍ରହଣ କରିଥିଲେ। ଆବଶ୍ୟକତାକୁ ଅନୁଧ୍ୟାନ କରି ସେ ଆସନ୍ତା କାଲି ଶନିବାର ଅନ୍ତତଃ ଜଣେ ଶିକ୍ଷକ ପଠାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ ପାଇଁ ପଠାଇବେ ଏବଂ ଏକମାସ ମଧ୍ୟରେ ଶିକ୍ଷକ ନିଯୁକ୍ତିର ପ୍ରତିଶୃତି ପ୍ରଦାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି। ଅନୁଷ୍ଠିତ ପ୍ରତିବାଦ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ମଣ୍ଡଳ, ଦେବଦତ୍ତ ଗିରି, ରଞ୍ଜନ ଗିରି, ଚନ୍ଦନ ଦାସ, ରବିନ୍ଦ୍ର ପ୍ରଧାନ, ସତ୍ୟଜିତ ମଣ୍ଡଳ, ଜ୍ୟୋତିର୍ମୟ ପଟ୍ଟାୟତ, ପ୍ରଦୀପ ଗିରି, ବିଜୟ ମଣ୍ଡଳ, କ୍ରୀଷ୍ଣା ଦଳାଇ, ବଳରାମ ଦଳାଇଙ୍କ ସମେତ ସହ ଅଭିଭାବକମାନେ ଉପସ୍ଥିତ ଥିଲେ। ଆସନ୍ତା ଏକ ମାସ ମଧ୍ୟରେ ଯଦି କିଛି ପଦକ୍ଷେପ ନିଆ ନ ଯିବ ତାହେଲେ ବିଦ୍ୟାଳୟ ଗେଟରେ ତାଲା ପକାଇ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବା ସହ ଆବଶ୍ୟକ ହେଲେ ଟିସିନେଇ ପିଲାଙ୍କୁ ଅନ୍ୟତ୍ର ପଢାଇବେ ବୋଲି ଛାତ୍ରାଭିଭାବକ ପ୍ରତିକ୍ରିୟାରେ କହିଛନ୍ତି।

### ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# ପ୍ରଥମ ସ୍ଥାନ ପାଇଲା ଦହମୁଣ୍ଡା ହାଇସ୍କୁଲ



ଭୋଗରାଇ, ୩୧।୧୦ (ସମିସ) : ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ବାଲେଶ୍ୱର ଜୋନକୁ ପ୍ରତିନିଧିତ୍ୱ କରୁଥିବା ଭୋଗରାଇ ବ୍ଲକର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନ ନାଟକ "ପାରାସିଟାମଲ' ପରିବେଷଣ କରି କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳ ଜିଲ୍ଲାକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ନଭେମ୍ବର ୧୧ରେ କୋଲକାତା ବିର୍ଲା ମ୍ୟୁଜିୟମଠାରେ ହେବାକୁ ଥିବା ଇଷ୍ଟର୍ଣ୍ଣ ଇଣ୍ଡିଆ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ବିହାର, ପଶ୍ଚିମବଙ୍ଗ ଓ ଆଣ୍ଡାମାନ ସହିତ ଭାଗନେବା ନିମନ୍ତେ ଏହି ଟିମ୍ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିକ୍ଷକ ଦେବବ୍ରତ ଦେଙ୍କ ରଚିତ ଏହି ନାଟକକୁ ଶ୍ରେଷ୍ଠ ନାଟକ ଆୱାର୍ଡ ମିଳିବା ସହିତ ଉକ୍ତ ନାଟକର ନିର୍ଦ୍ଦେଶକ ଚନ୍ଦନ ଦାସଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଛାତ୍ର-କଳାକାର ଶିବନାରାୟଣ ଦାସଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି। ଏହି ନାଟକରେ ଅଭିନୟ କରିଥିବା କଳାକାର ଜୟଶ୍ରୀ ମହାପାତ୍ର, ସୁଲଗ୍ନା କରଣ, ସୌରଭ ସାହୁ, ଶୁଭାୟନ ଦାସ ଅଧିକାରୀ, ବିବେକାନନ୍ଦ ପ୍ରଧାନ, ଶିବଶଙ୍କର ଗିରି, ଶିବନାରାୟଣ ଦାସ ଓ ମୃତ୍ୟୁଞ୍ଜୟ ଦେଙ୍କ ସହିତ ପ୍ରଧାନ ଶିକ୍ଷକ ଆଲୋକ କୁମାର ପ୍ରଧାନ, ଗାଇଡ ଶିକ୍ଷୟିତ୍ରୀ ଜ୍ୟୋତି ଗିରି ଓ ଚନ୍ଦ୍ରଶେଖର ସିଂଙ୍କୁ ଭୋଗରାଇର ସମସ୍ତ ବିଜ୍ଞାନ ପ୍ରେମୀ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟତ୍ରୀ, ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହରେନ୍ଦ୍ର ମହନ୍ତ, ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଂଜନ ଦାସ, ବିଆରସିସି ଜ୍ୟୋତ୍ସ୍ନାରାଣୀ ପଣ୍ଡା ଏବଂ ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଭୋଗରାଇର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଦିନତମାମ ନାଟକ ମଞ୍ଚ ନିକଟରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଭିତରେ ପ୍ରେରଣା ଭରିବା ସହିତ ଆଗାମୀ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

## ଆବେଦନକୁ ବର୍ଷେ; ହିତାଧିକାରୀଙ୍କୁ ମିଳୁନି ଭତ୍ତା

ଜଳେଶ୍ୱର ବ୍ଲକ, ୩୧।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକାରେ ୧୭ଟି ୱାଡର୍ ରହିଛି। ସେହି ୱାଡର୍‌ଗୁଡ଼ିକରୁ ଅନେକ ଗରିବ ବୃଦ୍ଧବୃଦ୍ଧା ଆଜକୁ ବର୍ଷେ ହେବ ଭତ୍ତା ପାଇଁ ଆବେଦନ କରି ଚାତକ ପରି ଅନାଇ ବସିଛନ୍ତି । ବାରମ୍ବାର ପୌର କାର୍ଯ୍ୟାଳୟକୁ ଦୌଡ଼ିବା ସତ୍ତ୍ୱେ ସେମାନଙ୍କୁ ଭତ୍ତା ମିଳିନାହିଁ। ବିଧବା ଭତ୍ତା ପାଇଁ ୨୪୯, ଭିନ୍ନକ୍ଷମ ଭତ୍ତା ପାଇଁ ୪୯, ଅବିବାହିତ ଭତ୍ତା ପାଇଁ ୩୬, ୭ ଜଣ ସ୍ୱାମୀ ପରିତ୍ୟକ୍ତା ଭତ୍ତା ପାଇଁ ଦୀର୍ଘ ଦିନ ଧରି ଆବେଦନ କରି ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ସେମାନଙ୍କୁ କିପରି ଖୁବ୍‌ଶୀଘ୍ର ନୂତନ ଭତ୍ତା ମିଳିପାରିବ ସେ ନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ଜଳେଶ୍ୱର ପୌର ପାଳିକାର ଭତ୍ତା କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ କିଶୋର କୁମାର ଚମ୍ପତି କହିଥିଲେ ଆମେ ଜିଲ୍ଲା କାର୍ଯ୍ୟାଳୟକୁ ସମସ୍ତ ଆବେଦନକାରୀଙ୍କ ଦରଖାସ୍ତ ପଠାଇଦେଇଛୁ।

## କମାର ଶାଳିଆ ମନୋରଞ୍ଜନ ସୀମାନ୍ତ ହାଇସ୍କୁଲରେ ବିଜ୍ଞାନ ମେଳା



ଜଳେଶ୍ୱର, ୩୧।୧୦ (ସମିସ): ଜଳେଶ୍ୱର ବ୍ଲକ ଉପାନ୍ତ ନେତୁଆ ପଞ୍ଚାୟତ କମାର ଶାଳିଆସ୍ଥିତ ମନୋରଞ୍ଜନ ସୀମାନ୍ତ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଦ୍ୟାଳୟ ପରିସରରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଧାନଶିକ୍ଷକ ସତିଶ ଚନ୍ଦ୍ର ପାତ୍ର ସଭାପତିତ୍ୱ କରି ଭବିଷ୍ୟତ ପିଢ଼ିର ଆବଶ୍ୟକତା ଲାଗି ବିଜ୍ଞାନ ମନସ୍କ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଡ. ସୁଶିଲ ଦତ୍ତ, ସିଆରସିସି ସମର ପରିଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦତ୍ତ, ବିଜ୍ଞାନ ଶିକ୍ଷକ ଅରବିନ୍ଦ ସାମଲ, ବିଷ୍ଣୁପଦ ଦାସ, ବିଜ୍ଞାନ ଶିକ୍ଷକ କଳ୍ପତରୁ ପାତ୍ର, ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ଭୂୟାଁ ପ୍ରମୁଖ ଅତିଥି ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ରଣଜିତ୍ କୁମାର ହୁଇ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ହେମନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ନବମ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା ମୂଲ୍ୟାଙ୍କନ ହୋଇ ଦଶମ ଶ୍ରେଣୀର ଛାତ୍ରୀ ପୂଜାରାଣୀ ଜେନା ପ୍ରଥମ, ଅଙ୍କିତା ଦତ୍ତ ଦ୍ୱିତୀୟ, ନବମ ଶ୍ରେଣୀର ଛାତ୍ରୀ ଜ୍ୟୋତ୍ରମୀୟୀ ଗିରି ତୃତୟ ହୋଇ ପୁରସ୍କାର ପାଇଥିଲେ।

## ଲୁଟେରାଙ୍କଠୁ କଟୁରୀ ଛଡ଼ାଇ ଜୀବନ ବଞ୍ଚାଇଲେ ଯୁବକ



ନୀଳଗିରି, ୩୧।୧୦ (ସମିସ): ଜଣେ ମେଡ଼ିସିନ ରିପ୍ରେଜେଣ୍ଟିଭକୁ ପିଛାକରି ତିନିଜଣ ଦୁର୍ବୃତ୍ତ ଦିନ ଦ୍ୱିପ୍ରହରରେ ଛିନତାଇ ଉଦ୍ୟମ କରି ବିଫଳ ହେବାପରେ ଯୁବକଙ୍କୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରି ଖସିଯିବାରେ ସମର୍ଥ ହୋଇଛନ୍ତି। ବାଲେଶ୍ୱର ମାରୁତି ଡିଷ୍ଟ୍ରିବ୍ୟୁଟର ନାମକ ମେଡିସିନ କମ୍ପାନୀର କର୍ମଚାରୀ ବର୍ଦ୍ଧନପୁର ମଝିକିଆ ଗ୍ରାମର ବଳରାମ ମହାଳିକଙ୍କ ପୁଅ ଦିଲ୍ଲୀପ କୁମାର ମହାଳିକ(୪୪) ବରହମପୁର ଅଞ୍ଚଳକୁ କଲେକ୍ସନ ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨.୩୦ସମୟରେ କଲେକ୍ସନ ସାରି ବାଇକ୍‌ରେ ଫେରୁଥିବାବେଳେ ବରହମପୁର ଥାନା ଡାଲିମ୍ବପାଳ ନୂଆସାହି ରାସ୍ତାର ଏକ ପୋଲ ନିକଟରେ ତିନିଜଣ ଦୁର୍ବୃତ୍ତ ଏକ ମଟରସାଇକେଲରେ ପଛପଟୁ ଆସି ଏକ ତେଲେଙ୍ଗା ସାହାଯ୍ୟରେ ଦିଲ୍ଲୀପଙ୍କୁ ଆକ୍ରମଣ କରିଥିଲେ। ପୁନର୍ବାର ଉକ୍ତ ତେଲେଙ୍ଗା କଟୁରୀରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ବେଳେ ଯୁବକ ଜଣକ କଟୁରୀ ଛଡାଇ ନେଇ ଥିଲେ। ଫଳରେ ସଂପୃକ୍ତ ଦୁର୍ବୃତ୍ତମାନେ ନିରୁପାୟ ହୋଇ ଖସି ପଳାଇ ଯାଇଥିଲେ। ଡାହାଣହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ବାମହାତ ବୁଢ଼ାଆଙ୍ଗୁଳିରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ସାହସର ସହିତ ସେମାନଙ୍କୁ ସାମ୍ନା କରିଥିବାରୁ ତାଙ୍କର ଜୀବନ ବଞ୍ଚିଯାଇଛି। ଖବରପାଇ ବରହମପୁର ଥାନାର ଏଏସଆଇ ନନ୍ଦକିଶୋର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଭୋଗରାଇରେ ଗଡ଼ିଲା 'ସାଇବର ସୁରକ୍ଷା ଅଭିଯାନ' ସଚେତନତା ରଥ




ଭୋଗରାଇ, ୩୧।୧୦(ସମିସ): ଓଡ଼ିଶା ପୁଲିସ ପ୍ରଶାସନ ଆନୁକୂଲ୍ୟରେ ଏବଂ ବାଲେଶ୍ୱର ଜିଲ୍ଲା ପୁଲିସ ସହଯୋଗରେ ଭୋଗରାଇ ବ୍ଲକରେ ଗଡିଲା ସାଇବର ସୁରକ୍ଷା ଅଭିଯାନ ସଚେତନତା ରଥ। ଭୋଗରାଇ ଥାନା ଅଧିକାରୀ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଜନସାଧାରଣ, ଜନ ପ୍ରତିନିଧି ଏକ ଶୋଭାଯାତ୍ରାରେ ଏହି ସୁସଜ୍ଜିତ "ସାଇବର ସୁରକ୍ଷା ଅଭିଯାନ ରଥ'କୁ ଭୋଗରାଇ ଥାନା ପରିସରରୁ ସ୍ୱାଗତ କରି ସମଗ୍ର ଅଞ୍ଚଳ ପରିକ୍ରମା କରାଯାଇଥିଲା। ଭୋଗରାଇ ଥାନା ପକ୍ଷରୁ ଆୟୋଜିତ ଏହି "ସାଇବର ସୁରକ୍ଷା ଅଭିଯାନ' ସଚେତନତା କାର୍ଯ୍ୟକ୍ରମକୁ ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ପରିଚାଳନା କରିଥିଲେ। ଏହି ଅବସରରେ ସାଇବର ସୁରକ୍ଷା ଅଭିଯାନର "ସାଇରା ଲୋଗୋ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ କୁଇଜ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଇନ୍ଦିରାଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧଦିବସ



ନୀଳଗିରି, ୩୧।୧୦ (ସମିସ): ନୀଳଗିରି କଂଗ୍ରେସ ଭବନ ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଇନ୍ଦିରାଗାନ୍ଧୀ ସ୍ମୃତି ସମିତିର ଆବାହକ ଯଶୋଦାନନ୍ଦ ସିଂହଙ୍କ ପରିଚାଳନାରେ ନୀଳଗିରି କଂଗ୍ରେସ କମିଟିର ପୂର୍ବତନ ପିସିସି ମେମ୍ବର ଯୋଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଏହି ସଭାଟି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଚକ୍ରଧର ଦାସ ବାବୁ, ମଧୁସୁଦନ ପାତ୍ର, ହରିହର ଗିରି, ଅଶ୍ୱିନ କୁମାର ପାତ୍ର, ପତିତ ପାବନ ଦାସ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରକାଶ ଚୌଧୁରୀ, ବିଜୟ ଗିରି, ଭାଗିରଥୀ ବେହେରା, ବିଦ୍ୟାଧର ମହାନ୍ତି, ରବିନାରାୟଣ ଦାସ, ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର, ୩୧।୧୦(ସମିସ): ଭୂତପୂର୍ବ ପ୍ରଧାନମନ୍ତ୍ରୀ, ଆଇରନ ଲେଡି, ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଲୌହ ମାନବ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଜଳେଶ୍ୱର କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ପୁରୁଣା କୋର୍ଟ ନିକଟରେ ଆୟୋଜିତ ସ୍ମୃତି ଚାରଣ ସଭାରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ପରିଡ଼ା ସଭାପତିତ୍ୱ କରିଥିଲେ। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ଫରିଦ୍ ଅହମଦ, କୃଷକ ନେତା ସୁଦାମ ପାତ୍ର, ଯୁବ ସଂଗଠକ ହରିଶଙ୍କର ଜେନା, ମଞ୍ଜୁଶ୍ରୀ ପଣ୍ଡା, ଆଶିଷ ଘୋଷ, ଚନ୍ଦନ ମଣ୍ଡଳ, ବଳରାମ ଘୋଷ, ସରୋଜ ଦାସ, ସନ୍ଦୀପ୍ ଜେନା, ଶ୍ରୀକାନ୍ତ ସିଂ, ଦୀପକ ପାତ୍ର, ଖଗେନ୍ଦ୍ର ଜେନା, ମାନ୍ନା ରାୟ, ଅବଦୁଲ ଇମତିଆଜ୍ ଖାନ, ଜଗବନ୍ଧୁ ଜେନା, ଗୌତମ ଜେନା, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ହୋଇ ଦୁଇ ଜନନାୟକଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୁଦାମ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରୁଳିଆ ଛକରେ ଜଗଦ୍ଧାତ୍ରୀ ପୂଜା




କାଳିପଦା, ୩୧।୧୦ (ସମିସ): ବାଲିଆପାଳ ବଜାର ପାରୁଳିଆ ଛକ ବଣିକ ସଂଘ ପକ୍ଷରୁ ଶୁକ୍ରବାର ଜଗଦ୍ଧାତ୍ରୀ ପୂଜା ଆରମ୍ଭ ହୋଇଛି। ପୂଜା ତିନି ଦିନ ଧରି ଚାଲିବ ବୋଲି ବଣିକ ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୂଜା ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ବଣିକ ସଂଘର ରାଇମୋହନ ପାତ୍ର, ହେମନ୍ତ ପାତ୍ର, ମଧୁ ସୂଦନ ନାଥ, ନିଲୁ ଭଦ୍ର, ଅନନ୍ତ ବିଶ୍ୱାଳ, ବିଜୟ ଦାସ, ହରିହର ଜେନା, ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ସିମୁଳିଆ ମାର୍କେଟ ଫାଷ୍ଟ ଫୁଡ ମାର୍କେଟ ପରିସରରେ ଶ୍ରୀଜଗନ୍ନାଥ ବଣିକ ସଂଘ ପକ୍ଷରୁ ମଙ୍ଗଳବାର ରାତିରୁ ଜଗଦ୍ଧାତ୍ରୀ ପୂଜା ଆରମ୍ଭ ହୋଇଛି। ରବିବାର ପର୍ଯ୍ୟନ୍ତ ପୂଜା ଚାଲୁ ରହିବ। ପୂଜା ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜା କମିଟିର ଗଣେଶ ଚନ୍ଦ୍ର ମହାନ୍ତି, ପଞ୍ଚାନନ ବାରିକ, ହେମନ୍ତ ଦାସ, ସୁଶାନ୍ତ ଦାସ, ପ୍ରଦୀପ ପାତ୍ର, ରାଜେନ୍ଦ୍ର ପ୍ରାମାଣିକ, ଜୟନ୍ତ ରଣା, ଶ୍ରୀଧର ମହାନ୍ତି, କମଳ ଲୋଚନ ନନ୍ଦୀ, ପ୍ରଦୀପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନସ୍କରପୁର-ନୂଆବଣୀସରିଷା ଜଗଦ୍ଧାତ୍ରୀ ପୂଜା

### ବିରାଟ ପଟୁଆରରେ ଘଟୋତ୍ତୋଳନ

ଚନ୍ଦନେଶ୍ୱର, ୩୧।୧୦(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତରେ ନସ୍କରପୁର - ନୂଆବଣୀସରିଷା ଜଗଦ୍ଧାତ୍ରୀ ପୂଜା କମିଟି ତରଫରୁ ମାଁଙ୍କର ପୂଜା ସହ ମେଳା ଗୁରୁବାର ଶୁଭାରମ୍ଭ ହୋଇଛି। ସେଥିପାଇଁ ଦିବା ୯ଟା ୩୦ରୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ବିରାଟ ପଟୁଆରରେ ନୂଆବଣୀ ଶରିଷା, ନସ୍କରପୁର, ପଥରେଶ୍ୱର ଆଦି ଗ୍ରାମ ପରିକ୍ରମା କରି ଦିବା ୧୧.୩୦ରେ ପଥରେଶ୍ୱର ଖାଳଠାରେ ଘଟୋତ୍ତୋଳନ କରାଯାଇଥିଲା। ଏହି ସମୟରେ ବିଶାଳ ସମାବେଶ ସହିତ ପୂଜାକମିଟିର ସମସ୍ତ ସଦସ୍ୟ ସମେତ ଯୁବଗୋଷ୍ଠୀ ଓ ମହିଳା ସମସ୍ତେ ସହଯୋଗ କରିଥିଲେ। ଏଥିପାଇଁ ନଭେମ୍ବର ୮ ତାରିଖ ଯାଏଁ ୧୦ଦିନ ବ୍ୟାପି ମେଳା ଚାଲିବାକୁ ଥିବାବେଳେ ସୁଉଚ୍ଚ ତୋରଣ, ଓ ଆକର୍ଷଣୀୟ ବୈଦ୍ୟୁତିକ ରଙ୍ଗୀନ ଆଲୋକ ମାଳା ସଂଗକୁ, ଦଶ ଦିନ ଧରି ମେଳା ପରିଚାଳନା ଭିତରେ ପ୍ରତ୍ୟହଃ ମାନ୍ୟଗଣ୍ୟ ଅତିଥି ଉପସ୍ଥିତିରେ ସାଧାରଣସଭା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଆଦି ଅନୁଷ୍ଠିତ ହେବ। କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହେବା ପାଇଁ ସମସ୍ତ ମେମ୍ବରମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଉକ୍ତ ପୂଜା କମିଟିର ସଭାପତି ଡ. ରମାକାନ୍ତ ଭଞ୍ଜ, ସମ୍ପାଦକ ଡ. ସନ୍ତୋଷ କୁମାର ପାତ୍ର, ଉପସଭାପତି ଯତୀନ୍ଦ୍ର ନାଥ ପାତ୍ର, ସହ ସମ୍ପାଦକ ଡ଼ା. ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଡ଼ା. ସୌରଭ କୁମାର ପାତ୍ର, ସକ୍ରିୟ ସଦସ୍ୟ ରାଜେନ୍ଦ୍ର ପ୍ରଧାନ, ନନୀଗୋପାଳ ପାତ୍ର, ଦେବେନ୍ଦ୍ର ସାମଲ, ଜୟନାରାୟଣ ପ୍ରଧାନ, ରବିନାରାୟଣ ପ୍ରଧାନ, ଚିନ୍ମୟ ପାତ୍ର, ସରୋଜ ପାତ୍ର, ନିମାୟ ସାହୁ, ଅନାଦି ଭଞ୍ଜ, ମହେଶ୍ୱର ସେଠୀ, ମହାପ୍ରସାଦ ପାତ୍ର, ସୁମନ ଗିରି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି।

# ୩ ବର୍ଷରେ ୧୭ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର

ବାଲେଶ୍ୱର, ୩୧।୧୦(ସମିସ)




କେତେବେଳେ ହସ୍‌ପିଟାଲ ତ କେତେବେଳେ ମେଡିକାଲ କଲେଜରୁ ପରିତ୍ୟକ୍ତ ଅବସ୍ଥାରେ ନବଜାତ ଶିଶୁ ଉଦ୍ଧାର ହୋଇଛନ୍ତି। ନିକଟ ଦୁଇ ମାସରେ ଦୁଇ ଜଣ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଡିଏଚ୍‌ଏଚ୍‌ରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଏହି ଖବର ପାଇବା ପରେ ଉତ୍କଳ ବାଳାଶ୍ରମ ପକ୍ଷରୁ ଉଦ୍ଧାର କରାଯାଇ ଯତ୍ନ ଗୃହରେ ରଖାଯାଉଛି। ମିଳିଥିବା ତଥ୍ୟ ଅନୁସାରେ, ତିନି ବର୍ଷ ମଧ୍ୟରେ ହସ୍‌ପିଟାଲ ଏବଂ ମେଡିକାଲ କଲେଜରୁ ପ୍ରାୟ ୧୭ ଜଣ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। କେତେବେଳେ ହସପିଟାଲର ଲେବର୍ ରୁମ୍‌ରୁ ତ ପୁଣି କେତେବେଳେ ଶୌଚାଳୟ ପରିସରରୁ। ଏ ବାବଦରେ ହସପିଟାଲ ତଥା ମେଡିକାଲ କଲେଜ କର୍ତ୍ତୃପକ୍ଷ ଉତ୍କଳ ବାଳାଶ୍ରମକୁ ସୂଚନା ଦେବା ପରେ ସେମାନଙ୍କ ଟିମ୍ ଶିଶୁକୁ ଉଦ୍ଧାର କରନ୍ତି। ଏହିପରି ପ୍ରତି ମାସରେ କେହି କେହି ଶିଶୁ ଏପରି ଅବସ୍ଥାରେ ଉଦ୍ଧାର ହେଉଛନ୍ତି। ତେବେ ଏହି ପରିତ୍ୟକ୍ତ ଶିଶୁମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ(ପରିତ୍ୟକ୍ତ ଶିଶୁଙ୍କ ପାଇଁ ଝୁଲା) ସ୍ଥାପନ ବାଧ୍ୟତାମୂଳକ ବୋଲି ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଡିସିପିଓଙ୍କୁ ଚିଠି ହୋଇଥିଲା। ତେବେ ମୁଖ୍ୟ ଚିକିତ୍ସାଳୟର ଏମ୍ ସି ଏଚ୍ ବିଲଡିଂ ନିକଟରେ ଦୀର୍ଘ ବର୍ଷ ଧରି ଏକ ଝୁଲା ରହିଥିବା ସୂଚନା ମିଳିଛି। ହେଲେ ଏହାକୁ ଆଜିଯାଏଁ କେହି ବ୍ୟବହାର କରିନଥିବା ଜଣାପଡିଛି। ଝୁଲା ବ୍ୟବହାର ନେଇ କାହାକୁ ସଚେତନ ମଧ୍ୟ କରାଯାଇନାହିଁ। ଝୁଲା ନିକଟରେ ନା କିଛି ସଚେତନତା ବାର୍ତ୍ତା ଅଛି ନା ଝୁଲାରେ କିଛି ବେଡ଼ ସିଟ୍ ପଡିଛି। ଏକପ୍ରକାର ଝୁଲାର ବ୍ୟବହାର ମଧ୍ୟ ଅନେକ ଜାଣିନାହାନ୍ତି।

ନିଷ୍ପାପ ଶିଶୁମାନେ ସତେ ଯେମିତି ଅଲୋଡ଼ା ହୋଇପଡୁଛନ୍ତି। ଯାହାଫଳରେ ପରିତ୍ୟକ୍ତ ଅବସ୍ଥାରେ କେତେବେଳେ ରାସ୍ତା କଡରେ ତ ପୁଣି କେତେବେଳେ ଜଙ୍ଗଲରୁ ଉଦ୍ଧାର ହେଉଛନ୍ତି। ପୁଣି କେତେବେଳେ ହସପିଟାଲର ଲେବର୍ ରୁମ୍ ନ ହେଲେ ଶୌଚାଳୟ ନିକଟରୁ ଉଦ୍ଧାର ହେଉଛନ୍ତି। ଏଭଳି ଘଟଣା ଅନେକ ସମୟରେ ଘଟୁଛି। ଯାହାଫଳରେ ଏଭଳି ଘଟଣା ଗୋଟେ ପରେ ଗୋଟେ ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ଅନେକ ସମୟରେ ଦେଖିବାକୁ ମିଳେ ଯେ ଶିଶୁ କନ୍ୟା ଜନ୍ମ ହୋଇଥିଲେ କେହି କେହି ଅଳିଆ ଗଦାରେ କିମ୍ବା ଜଙ୍ଗଲରେ ଫିଙ୍ଗି ଦିଅନ୍ତି। ଅନେକ ସମୟରେ ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ ପରିସରରୁ ପରିତ୍ୟକ୍ତ ନବଜାତ ଶିଶୁକୁ ଉଦ୍ଧାର କରାଯାଇ ଉତ୍କଳ ବାଳାଶ୍ରମରେ ଯତ୍ନ ପାଇଁ ହସ୍ତାନ୍ତର କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସ ୨୪ ତାରିଖରେ ଡିସିପିଓଙ୍କୁ ଏସ୍ ଏ ଏ ପକ୍ଷରୁ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ପାଇଁ ଚିଠି ଆସିଥିଲା। ପରିତ୍ୟକ୍ତ ଶିଶୁ ଗ୍ରହଣ ତଥା ଉଦ୍ଧାର ପାଇଁ ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହି ଅନୁସାରେ ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମ ମୁଖ୍ୟ ଫାଟକ ନିକଟରେ ବେଡି କ୍ରାଡଲ୍ ପଏଣ୍ଟ ଅଗଷ୍ଟ ୧୫ରେ ଉଦଘାଟିତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସେଠାରେ କେହି ଶିଶୁ ରଖିନଥିବା ଜଣାପଡିଛି। ତେବେ ଅଧିକାଂଶ ସମୟରେ ହସପିଟାଲ ତଥା ମେଡିକାଲରୁ ପରିତ୍ୟକ୍ତ ଶିଶୁ ଉଦ୍ଧାର ହେଉଥିବା କାରଣରୁ ହସପିଟାଲରେ ମଧ୍ୟ ଏକ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନର ଗୁରୁତ୍ୱତା ରହିଛି। ହେଲେ ହସପିଟାଲ ପରିସରରେ ଏକ ଝୁଲଣା ରହିଥିଲେ ହେଁ ଏହାର କିଛି ବ୍ୟବହାର ହେଉନାହିଁ। ଲୋକମାନଙ୍କୁ ଏନେଇ ସଚେତନ କରାଯାଇନାହିଁ। ସେଥିପାଇଁ ସେଠାରେ କେହି ଶିଶୁ ରଖୁନାହାନ୍ତି। ବିଗତ ତିନି ବର୍ଷ ମଧ୍ୟରେ ହସପିଟାଲରୁ ୧୫ରୁ ୧୭ ଜଣ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ ଯତ୍ନ ଗୃହକୁ ପଠାଯାଇଛି। ଏଥିମଧ୍ୟରୁ ୮ ଜଣ ଶିଶୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ ହୋଇସାରିଛନ୍ତି। ଆଉ କିଛି ପ୍ରକ୍ରିୟାରେ ସାମିଲ୍ ରହିଛନ୍ତି। ତେବେ ଏହି ସେପ୍ଟେମ୍ବର ଓ ଅକ୍ଟୋବର ମାସ ମଧ୍ୟରେ ଦୁଇ ଜଣ ଶିଶୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଦ୍ଧାର ହୋଇଛନ୍ତି। ଏ ବାବଦରେ ଉତ୍କଳ ବାଳାଶ୍ରମ ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ରଙ୍କୁ ପଚାରିବାରୁ କହିଥିଲେ, ଅନେକ ସମୟରେ ହସପିଟାଲ ତଥା ମେଡିକାଲ କଲେଜରୁ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହେଉଛନ୍ତି। ସେମାନେ ଆମକୁ ଖବର ଦେଲେ ଆମେ ଉଦ୍ଧାର କରି ଯତ୍ନ ଗୃହରେ ରଖୁ। ଅନେକ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ ହୋଇସାରିଛନ୍ତି। ତେଣୁ ପରିତ୍ୟକ୍ତ ଶିଶୁଙ୍କୁ ଏତେ ତେଣେ ନ ଫୋପାଡି ବେଡି କ୍ରାଡଲ୍ ପଏଣ୍ଟରେ ରଖିବା ପାଇଁ ମୁଁ ନିବେଦନ କରୁଛି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜରେ ବେବି କ୍ରାଡଲ୍ ପଏଣ୍ଟ ବ୍ୟବହାରର ଆବଶ୍ୟକତା ରହିଛି। ଯେଉଁଠି ସିସିଟିଭି କ୍ୟାମେରା ନ ଥିବ। ଏ ନେଇ ସମସ୍ତଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ବାଧ୍ୟତାମୂଳକ। ବିଶେଷକରି ହସପିଟାଲରୁ ଅନେକ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଥିବାର ଆମକୁ ସୂଚନା ଆସେ। ଏ ବାବଦରେ ଡିସିପିଓ ଖୁସିରାମ ଗହିର କହିଛନ୍ତି, ହସପିଟାଲରେ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ହୋଇନି। ପୁରୁଣା ଗୋଟେ ଝୁଲା ଥିଲା। ନୂଆ ହୋଇନାହିଁ। ଏ ନେଇ ହସପିଟାଲକୁ ଚିଠି ହୋଇନି। ଆମେ ଏ ବାବଦରେ କଥାବାର୍ତ୍ତା ହେଉଛୁ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ



ବାଲେଶ୍ୱର, ୩୧।୧୦(ସମିସ): ସ୍ଥାନୀୟ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ "ଆସନ୍ତୁ ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣରେ ସଜାଗ ହେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାନ୍ୟବର ରେମୁଣା ବିଧାୟକ ତଥା ସରକାରଙ୍କ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର, ପୌର ପରିଷଦ ଅଧ୍ୟକ୍ଷା ସବିତା ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜୀତ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ସଦର ଉପଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ପୌରହିତ୍ୟ କରିଥିଲେ। ସ୍ଥାନୀୟ ବହୁମୁଖି ଇଣ୍ଡର ଷ୍ଟାଡିୟମ୍ ଠାରୁ ଆରମ୍ଭ କରି ପୁଲିସ ଲାଇନ ଛକ, ସେଣ୍ଟ୍ରାଲ ସ୍କୁଲ ଦେଇ ଇଣ୍ଡୋର ଷ୍ଟାଡିୟମ ଠାରେ ସମାପନ ପଦଯାତ୍ରା "ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣର ସଜାଗ ହେବା"କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲେଶ୍ୱର, ୩୧।୧୦(ସମିସ): କୁରୁଡା ଛକଠାରେ ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ, ଲୌହମାନବୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୪୧ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଶ୍ରାଦ୍ଧ ବାର୍ଷିକୀ ଉତ୍ସବର ମୁଖ୍ୟ ଉଦ୍ୟୋକ୍ତା ଗଣେଶ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଅନ୍ୟତମ ଅତିଥି ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ବିଧାନ ଚନ୍ଦ୍ର ରାୟ, ରଞ୍ଜନ ଦାସ, ଦେବଦତ୍ତ ଦାସ, ପ୍ରଫୁଲ୍ଲ ନାୟକ, ପ୍ରତିମା ପଣ୍ଡା, ପ୍ରଜ୍ଞା ପାରମିତା ବିଶ୍ୱାଳ, ହେମଲତା ଦାସ, ତୁଷାରକାନ୍ତ ମହାପାତ୍ର, ଗୋପୀନାଥ ବାରିକ, କେଶବ ନାୟକ, ମଙ୍ଗୁ ସିଂ, ବାସନ୍ତୀ ନାୟକ, ଅମୁଲ୍ୟ ବେହେରା, ଦେବାନନ୍ଦ ରାଉତ, ବାଙ୍କ ବିହାରୀ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଞ୍ଚଳିକ ସୁରକ୍ଷା ମଞ୍ଚର ସେବା କାର୍ଯ୍ୟକ୍ରମ

ବାଲେଶ୍ୱର,୩୧।୧୦(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ଭାରତର ଉପ ପ୍ରଧାନମନ୍ତ୍ରୀ ଓ ପ୍ରଥମ ସୌରାଷ୍ଟ୍ର ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପକ୍ଷ ଅବସରରେ ଏକତାର ବାର୍ତ୍ତା ନେଇ ସଦର ଥାନା ଦ୍ୱାରା ଆୟୋଜିତ ଗଣଦୌଡରେ ଭାଗ ନେଇଥିବା ପଦାଧିକାରୀ ଓ ସାଧାରଣ ଜନତାଙ୍କୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ସେବା ପ୍ରଦାନ କରାଯାଇଥିଲା। ସଦର ଥାନା ପକ୍ଷରୁ ଆୟୋଜିତ ଗଣଦୌଡରେ ଦକ୍ଷ ଯୁବ ଥାନାଧିକାରୀ ସାଲଖାନ ମୁର୍ମୁ ସହିତ କୋଡିଏରୁ ଅଧିକ ଜଣ ବିଭାଗୀୟ ବିଭିନ୍ନ ପଦାଧିକାରୀ ସମେତ ସାଧାରଣ ଜନତା ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ସମାଜ ପ୍ରତି ଉତ୍ସର୍ଗୀକୃତ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠିତ ଆଞ୍ଚଳିକ ସୁରକ୍ଷା ମଞ୍ଚ, ବାଲେଶ୍ୱର ଏକତାର ବାର୍ତ୍ତା ନେଇ ଦୌଡୁଥିବା ଘରୋଇ ବିଭାଗର ବିଭିନ୍ନ କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କୁ ଓଆରଏସ, ଥଣ୍ଡା ଜଳ, ବିଭିନ୍ନ ଫଳ, ଜଳଖିଆ ବିଭିନ୍ନ ସ୍ଥାନରେ ପ୍ରଦାନ କରି ଉତ୍ସାହିତ କରିଥିଲେ। ଗଣଦୌଡ ସଦର ଥାନାରୁ ବାହାରି କୁରୁଡ଼ା ଛକ ଦେଇ ଜିଲ୍ଲା ମୁଖ୍ୟ ସ?କରେ ଥିବା ତାମୁଳିଆ ଉଡ଼ନ୍ତା ପୋଲ ପୂର୍ବରୁ ଶେଷ ହୋଇଥିଲା। ଗଣ ଦୌଡକୁ ରେମୁଣା ବିଧାୟକ ଓ ଉପମୁଖ୍ୟ ସଚେତକ, ଓଡିଶା ସରକାର ଗୋବିନ୍ଦ ଚନ୍ଦ୍ର ଦାସ ପତାକା ହଲାଇ ଶୁଭ ଉଦଘାଟନ କରିଥିଲେ।

## କଂଗ୍ରେସ ପକ୍ଷରୁ ପଟେଲ ଜୟନ୍ତୀ ଓ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ



ବାଲେଶ୍ୱର,୩୧।୧୦(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ଇନ୍ଦିରା ଗାନ୍ଧୀଙ୍କ ୪୨ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ଜିଲ୍ଲା ସଭାପତି ସତ୍ୟ ଶିବ ଦାସ, ପୂର୍ବତନ ସଭାପତି ସଂଜୀବ ଗିରି, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଗୋପୀନାଥ ପାଢ଼ୀ, କଂଗ୍ରେସର ଯୁବ ନେତା ସରୋଜ ଲେଙ୍କା, କହ୍ନେଇ ଚରଣ ପ୍ରଧାନ, ଦେବ ଦତ୍ତ ଦାସ,କଂଗ୍ରେସ ନେତ୍ରୀ ଜୋସ୍ନା ସେନାପତି, ବାସନ୍ତୀ ନାୟକ, ସାହେବା ଅଖତର, ହେମଲତା ଦାସ, ସାଇନା ଅଖତାର, ଜ୍ଞାନେନ୍ଦ୍ର ମହାନ୍ତି, ଅନନ୍ତ ମହାପାତ୍ର, ଶ୍ରୀକାନ୍ତ ବୁଗୁଡ଼ାଇ, ପୂର୍ବତନ କାଉନସିଲର ପ୍ରାର୍ଥୀ ଅନୁପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

## ମନୋଚିକିତ୍ସକ ନୀଳମାଧବ କରଙ୍କୁ ଅନ୍ତର୍ଜାତୀୟ ସମ୍ମାନ



ବାଲେଶ୍ୱର, ୩୧।୧୦(ସମିସ): ଓଡ଼ିଶା ପାଇଁ ଏହା ଗର୍ବର ମୁହୂର୍ତ୍ତ ଯେ, ବ୍ରିଟେନର ବ୍ଲାକ୍ କଣ୍ଟ୍ରି ହେଲଥ୍ କେୟାର୍ ଏନ୍‌ଏଚ୍‌ଏସ୍ ଫାଉଣ୍ଡେସନ୍ ଟ୍ରଷ୍ଟରେ କାର୍ଯ୍ୟରତ ପ୍ରସିଦ୍ଧ ଓଡ଼ିଆ ମନୋଚିକିତ୍ସକ ପ୍ରଫେସର ନୀଳମାଧବ କରଙ୍କୁ ଏଲସେଭିଅର୍ ଓ ଷ୍ଟାନଫୋର୍ଡ ୟୁନିଭର୍ସିଟିଙ୍କ ଦ୍ୱାରା ବିଶ୍ୱର ଶୀର୍ଷ ୨ ପ୍ରତିଶତ ବୈଜ୍ଞାନିକମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ତିନି ଶହରୁ ଅଧିକ ବୈଜ୍ଞାନିକ ଗବେଷଣାପତ୍ର, ରିଭିଉ ଆର୍ଟିକଲ୍, ଅଧ୍ୟୟନ ପୁସ୍ତକ ଓ ପାଠ୍ୟପୁସ୍ତକର ସ୍ରଷ୍ଟା ପ୍ରୋଫେସର୍ ଡାକ୍ତର କର ମନୋସ୍ତାତ୍ତ୍ୱିକ ଚାପ, ବୃଦ୍ଧାବସ୍ଥା ମନୋରୋଗ ଓ ମନୋଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେ ୟୁନିଭର୍ସିଟି ଅଫ୍ ୱୋଲଭରହାମ୍ପଟନ୍‌ରେ ମନୋଚିକିତ୍ସାର ସମ୍ମାନନୀୟ ପ୍ରୋଫେସର ଭାବେ କାର୍ଯ୍ୟରତ ଓ ଟ୍ରଷ୍ଟ ମାଧ୍ୟମରେ ମନୋସ୍ୱାସ୍ଥ୍ୟ ସେବାର ଉନ୍ନୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମାଧବ ରାଓ ଏହି ଅବସରରେ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ସମ୍ମାନ ପ୍ରଫେସର କରଙ୍କ ମନୋସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ପ୍ରତି ଅତୁଟ ସମର୍ପଣର ପ୍ରମାଣ। ନିଜ ପ୍ରତିକ୍ରିୟା ଜଣାଇ ପ୍ରଫେସର କର କହିଛନ୍ତି, ମୁଁ ଆଶା କରେ ଏହି ସମ୍ମାନ ମୋ ସହପାଠୀମାନଙ୍କୁ ଗବେଷଣା ଓ ପ୍ରକାଶନରେ ଆଗ୍ରହୀ କରିବ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଜଳେଶ୍ୱର, ୩୧।୧୦ (ସମିସ) : ଜଳେଶ୍ୱର ବ୍ଲକର ଦେବ କୁମାର ଗାଁର ରଂଜିତ ଦଣ୍ଡପାଟଙ୍କ ସ୍ତ୍ରୀ ମାମୀ ଦଣ୍ଡପାଟ(୨୫)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ନାମ୍ପୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ଲାଗି ପଠାଇଛି। ରଂଜିତ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଥିବାବେଳେ ମାମୀ ସହିତ ଜଣେ ଯୁବକର ପ୍ରେମ ସଂପର୍କ ବଢିଥିଲା। ଏ ସଂପର୍କରେ ଶାଶୁ ଶଶୁର ଆକଟ କରିବାରୁ ତିକ୍ତତା ବଢିଥିଲା। ଗତକାଲି ଶାଶୁ ଶଶୁର ବିଲକୁ କାମ କରିବାକୁ ଯାଇଥିଲେ। ୮ ଓ ୫ ବର୍ଷର ଦୁଇ ପୁଅ ସ୍କୁଲକୁ ଯାଇଥିବା ବେଳେ ମାମୀ ନିଜର ଷ୍ଟଲରେ ବେକକୁ ବାନ୍ଧି ଘରର ଉରାକାଠରେ ଝୁଲିପଡ଼ିଥିବା ଶାଶୂଘର ପକ୍ଷରୁ କୁହାଯାଉଛି। ଆଜି ବସ୍ତାରୁ ବାପଘର ଲୋକେ ଆସି ନାମ୍ପୋ ଫାଣ୍ଡିରେ ହତ୍ୟା ଅଭିଯୋଗ କଲା ପରେ ଶଶୁର ଅମୂଲ୍ୟ ଦଣ୍ଡପାଟକୁ ପୁଲିସ ଅଟକ ରଖିଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୩୧।୧୦(ସମିସ): ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟ୍ୟାନୁଷ୍ଠାନ "କଳାକାର' ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ ୩୫ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗ ଦେଇ "କଳାକାର'ର ପ୍ରୟାସ ସାଧୁବାଦ ଜଣାଇଥିଲ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କୃତୀ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କମଳାକାନ୍ତ ଆଚାର୍ଯ୍ୟ, ରାମଚନ୍ଦ୍ର ମହାପାତ୍ର, ଚିନ୍ମୟ ରକ୍ଷିତଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅମୀତା ରାଣୀ ସିଂହ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ସୌମ୍ୟରଂଜନ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଅଶ୍ୱିନୀ କୁମାର ସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଂପାଦକ ଇଂ. ଶ୍ରୀତମ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

## ଶିଶୁ ସାହିତ୍ୟିକଙ୍କ ସ୍ମୃତିସଭା



ବାଲେଶ୍ୱର, ୩୧।୧୦(ସମିସ): ବିଶିଷ୍ଟ ଶିଶୁସାହିତ୍ୟିକ, ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଦିବଂଗତ ଭାସ୍କର ଚନ୍ଦ୍ର ଦାସଙ୍କ ଏକାଦଶାହ ତାଙ୍କ ବାସଭବନ ମେଘଡମ୍ବରୁରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ପୌରୋହିତ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁସାହିତ୍ୟିକ ପୀତାମ୍ବର ଦାସ ପ୍ରାକ୍‌କଥନ ରଖିଥିବା ବେଳେ ରେମୁଣା ବ୍ଲକ୍ ଚେୟାରମ୍ୟାନ୍ ରାଜେନ୍ଦ୍ର କୁମାର ରାଉତ, ସ୍ଥାନୀୟ ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ପୀତବାସ ନାୟକ, କବି ପୂର୍ଣ୍ଣଚନ୍ଦ୍ର ସେଠୀ, ମୋନାଲିସା ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସର୍ବେଶ୍ୱର ପଣ୍ଡା, କମଳ ଦାସ ପ୍ରମୁଖ ସ୍ମୃତି ଆଲେଖ୍ୟ ବାଢ଼ିଥିଲେ। ଏହି ପରିପ୍ରେକ୍ଷୀରେ ପୀତାମ୍ବର ଦାସଙ୍କ ସମ୍ପାଦିତ ସ୍ମୃତିଚାରଣ ପୁସ୍ତିକା 'ଅସ୍ତମିତ ଭାସ୍କର' ଉନ୍ମୋଚିତ ହୋଇଥିଲା। ସାନଝିଅ ପୁଷ୍ପିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବାଲେଶ୍ୱର, ୩୧।୧୦(ସମିସ)



ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ସଞ୍ଚାଳନ ଅତିଥି ପରିଚୟ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଚେତନତା ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର, ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ବାଲେଶ୍ୱର ଜିଲ୍ଲା ଉପ ଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ, ନୀଳଗିରି ଉପ ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ ଦୁର୍ନୀତି ଓ ଦୁର୍ନୀତି ନିବାରଣ, ସଚେତନତା ନିମନ୍ତେ ଚଳିତ ମାସ ୨୭ ତାରିଖଠାରୁ ଆସନ୍ତା ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ୱାକାଥନ, ଗଣଦୌଡ, ଚିତ୍ରାଙ୍କନ, ବ୍ୟଙ୍ଗ ଚିତ୍ର, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି ଚାଲୁ ରହିବା ସଙ୍ଗେ ସଙ୍ଗେ ଜିଲ୍ଲା ଠାରୁ ଗ୍ରାମରେ ମଧ୍ୟ ସଚେତନ କରାଯାଉଥିବା ସମ୍ପର୍କରେ ଅବଗତ କରିଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ବାଲେଶ୍ୱର ଡିଭିଜନ ଅଧୀନରେ ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜକୁ ସ୍ୱତନ୍ତ୍ର ଅଦାଲତ ବାରିପଦା, କେଉଁଝର ଓ ବାଲେଶ୍ୱରଠାରେ ସ୍ଥାପିତ ହୋଇଛି। ଏତଦ୍ ଭିନ୍ନ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଆୟ ବହିର୍ଭୁତ ସମ୍ପତ୍ତି ଅର୍ଜିତ, ସରକାରୀ ଅର୍ଥ ଆତ୍ମସାତ, ଉତ୍କୋଚ ସମ୍ପର୍କିତ ବିଭିନ୍ନ ଦିଗକୁ ଆଧାର କରି ସୂଚନା, ପଞ୍ଜୀକରଣ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ପରେ ପରେ ଜିଲ୍ଲାପାଳ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରାଇଥିଲେ। ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଶ୍ରୀ ପାତ୍ର ଦୁର୍ନୀତିର ପରିଭାଷା ସଂଜ୍ଞା ପ୍ରସଙ୍ଗରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର ଆଜି ସମଗ୍ର ବିଶ୍ୱ ଦୁର୍ନୀତି କବଳିତ, ମାନସିକ ସ୍ତରରେ ସୁଧାର ଆଣିବା ପାଇଁ ସ୍ୱଚ୍ଛତାକୁ ଆପଣାଇବା ସହ ସାମାଜିକ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ବାର୍ତ୍ତା ଉପସ୍ଥାପନ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ସଚେତନତା ସଭାର ଅଧକ୍ଷ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଷୟିକ ବିଜ୍ଞାନ ଓ ମାନସିକ ପରିବର୍ତ୍ତନ ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁର୍ନୀତି ନିବାରଣ ବିଭାଗର ଶ୍ରୀବଲ୍ଲଭ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।

-ସାମୁଏଲ୍ ଜନ୍‌ସନ୍

ସକାଳ THE SAKALA

## ଭୂସ୍ଖଳନ ଓ ଅବରୋଧ

ଚଳିତ ମୌସୁମୀ ଋତୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ଅକଳ୍ପନୀୟ। ସେହିଭଳି ପଞ୍ଜାବର ଶସ୍ୟାଗାର ପ୍ରଳୟଙ୍କରୀ ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବାରମ୍ବାର ଭୂସ୍ଖଳନ କାରଣରୁ ହିମାଳୟ ପାଦଦେଶରେ ଥିବା ହିମାଚଳ ଓ ଉତ୍ତରାଖଣ୍ଡର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମାଟିତଳେ ଏକପ୍ରକାର ପୋତି ହୋଇପଡ଼ିଛି। ମୌସୁମୀ ବିଦାୟ ନେବା ପୂର୍ବରୁ 'ମୋନ୍ଥା' ବାତ୍ୟା ଆନ୍ଧ୍ର, ତେଲଙ୍ଗାନା ଓ ଓଡ଼ିଶାର ବିପୁଳ କ୍ଷୟକ୍ଷତି ଘଟାଇଛି। ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାରେ 'ମୋନ୍ଥା' ପ୍ରଭାବିତ ବର୍ଷା କେବଳ ବ୍ୟାପକ ଫସଲହାନି ଘଟାଇନି, ଭୂସ୍ଖଳନରେ ରାସ୍ତା ଅବରୋଧ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାହାଡ଼ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ତେବେ ଏହି ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ଗତ ମଙ୍ଗଳବାର ଓ ବୁଧବାର ପାର୍ବତ୍ୟାଞ୍ଚଳ ଘେରା ଓଡ଼ିଶାର ତିନିଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ କ୍ରମାଗତ ବର୍ଷା ହେବାରୁ ଭୂସ୍ଖଳନ ଘଟିଥିଲା। ଗଞ୍ଜାମ ଜିଲ୍ଲାର ରାଇପାଟ ନିକଟସ୍ଥ ତିଡ଼ିକାସାରି-ଅଙ୍କୁଲି ରୋଡ୍ ଉପରେ ମାଟି ଅତଡ଼ା ଧସି ଅବରୁଦ୍ଧ ହୋଇଯିବାରୁ ପ୍ରାୟ ୨୦ଟି ଗ୍ରାମମଧ୍ୟରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ଚାରିଆବାଡ଼ ଘାଟ ସଂଲଗ୍ନ ରାସ୍ତାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ଖାରିଆଗୁଡ଼ା ଘାଟ ମଧ୍ୟ ଭୂସ୍ଖଳନରେ ଅବରୋଧ ହୋଇଥିଲା। ବଡ଼ ପଥର ଖଣ୍ଡ ବର୍ଷାର ପ୍ରଭାବରେ ଗଡ଼ି ଆସି ଗୋଟିଏ ବାସଗୃହ ସମ୍ମୁଖରେ ଅଟକି ଯାଇଥିଲା। ସୌଭାଗ୍ୟକ୍ରମେ ସେଠାରେ ଅବସ୍ଥାନ କରୁଥିବା ପରିବାର ସଦସ୍ୟଙ୍କ କୌଣସି କ୍ଷତି ଘଟିନାହିଁ। ସେହିଭଳି ଗଜପତି ଜିଲ୍ଲାର ଶାଙ୍କୁଡ଼ା-ଖିଲିଗଣ୍ଡା ଘାଟି ରାସ୍ତା ମାଟି ଅତଡ଼ା ଧସି ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇପଡ଼ିଥିଲା। ଫଳରେ ବୋଣ୍ଡା ଓ ଖିଲିଙ୍ଗ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେବେ ଅବରୋଧ ହୋଇଥିବା ରାସ୍ତାକୁ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଗମନାଗମନ ଉପଯୋଗୀ କରାଯାଇ ପାରିଛି। କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀର ଜଳପତନ ବିପଦ ସଂକେତ ଅତିକ୍ରମ କରିନଥିବାରୁ ବନ୍ୟା ବିପର୍ଯ୍ୟୟ ଉପୁଜି ନାହିଁ। ତେବେ ଗୁମ୍ମା କେନାଲର ଜଳ ପ୍ଲାବନ ଯୋଗୁଁ ସଂଲଗ୍ନ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସଂପୃକ୍ତ ଅଞ୍ଚଳରେ ୫,୯୨୫ ସୁଦକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି। ବର୍ଷା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଧାପ୍ରାପ୍ତ ବିଦ୍ୟୁତ ପ୍ରବାହରେ ସ୍ୱାଭାବିକତା ଫେରାଇ ଆଣିବାରେ ଟିପିଏସଓଡିଏଲ ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ପ୍ରାକୃତିକ ଦୁର୍ବିପାକର ପ୍ରଶମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଏକାଧିକ ଅନୁରୂପ ବିପର୍ଯ୍ୟୟର ସଫଳ ମୁକାବିଲା ମଧ୍ୟ କରିପାରିଛି। ଏଥିପାଇଁ ପ୍ରସ୍ତୁତ ଢାଞ୍ଚା ଓ କାର୍ଯ୍ୟଧାରାକୁ ଏକ ଆଦର୍ଶ ବ୍ୟବସ୍ଥା ବା ନକ୍ସା ରୂପେ ଅନ୍ୟମାନେ ଗ୍ରହଣ କରିଛନ୍ତି। ତେଣୁ 'ମୋନ୍ଥା'ର ଦୁର୍ବଳ ସ୍ଥିତିକୁ ଏବର ସରକାର ମୁକାବିଲା କରିବାର ସେଭଳି ଅସୁବିଧାର ସମ୍ମୁଖୀନ ନହେବା ସ୍ୱାଭାବିକ। କାରଣ ସେହି ପୁରୁଣା ଧାରା ଓ ନକ୍ସା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି।

## ଯୁଦ୍ଧ ବିରତି ଓ ଅଶାନ୍ତ ଗାଜା

ଇସ୍ରାଇଲ ଓ ଗାଜା ମଧ୍ୟରେ ଯୁଦ୍ଧ ବିରାମର ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ନିରନ୍ତର ନାନା ଅଭିଯୋଗ ଦର୍ଶାଇ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ରୂପେ ପ୍ରୟୋଗ କରିବାର ମସୁଧାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ ଓହରିବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ଏପରିକି କିଛି ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରି ହମାସକୁ ଦୋଷାରୋପ କରିବା ଓ ସେହି ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସେଥିପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ସମସ୍ତଙ୍କୁ ଚକିତ କରିଛି। ଇସ୍ରାଏଲ ପକ୍ଷରୁ ଗାଜା ଉପରେ ହୋଇଥିବା ବାୟୁସେନାର ଆକ୍ରମଣରେ ୧୦୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୬ ଶିଶୁ। ଅକ୍ଟୋବର ୧୦ ରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିବା ବେଳେ ଅମାନବୀୟ ନରସଂହାର ଜାରି ରହିଛି। ହୋଇପାରେ କାହା ପକ୍ଷରୁ ଚୁକ୍ତିର ଖିଲାପ ହୋଇଛି, ତାହାର କ'ଣ ସମାଧାନ ଘନଘନ ବୋମାମାଡ଼ରେ ସମ୍ଭବ? ସବୁଠାରୁ ବିଚଳିତ କଲାଭଳି ଖବର ହେଲା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ବିରାମ ଚୁକ୍ତିକୁ ଇସ୍ରାଏଲ ମାନିବ। ହମାସ ମୁଣ୍ଡ ଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଫେରାଇବାର ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏପରିକି ତାହା ସହ ସମ୍ପୃକ୍ତ ଥିଲା ମୃତ ପଣବନ୍ଦୀଙ୍କ ଶରୀର ଫେରସ୍ତ। ମୃତ ଶରୀରର ସବୁ ଅଂଶ ଫେରାଇନଥିବାର ମଧ୍ୟ ଅଭିଯୋଗ ହେଲା। ତାହାକୁ ନେଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗୁରୁବାର ହମାସ ଆଉ ଦୁଇଟି ଶରୀର ଫେରାଇଛି। କିନ୍ତୁ ଘଟଣାକ୍ରମର ଯେ ଏହିଠାରେ ଅନ୍ତ ଘଟିବ, ଏକଥା ନୁହେଁ।

ଗାଜାରେ ସୃଷ୍ଟି ହୋଇଥିବା ଉତ୍ତେଜନାର ଅନ୍ୟ ଏକ ଦିଗ ହେଲା ଦକ୍ଷିଣାଞ୍ଚଳରେ ଘଟିଥିବା ଗୁଳି ବିନିମୟରେ ଜଣେ ଇସ୍ରାଏଲ ସୈନ୍ୟଙ୍କ ମୃତ୍ୟୁ। ଏହା ପଛରେ ହମାସର କେତେ ସଂପୃକ୍ତି ଅଛି ତାହା ଭିନ୍ନ କଥା। ଟ୍ରମ୍ପଙ୍କ ସମର୍ଥନ ଲାଭ ପାଇଁ ମୃତ ସୈନିକଙ୍କୁ ଆମେରିକୀୟ ଦର୍ଶାଇ ଇସ୍ରାଏଲ୍ ନିଜ ଆଡୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହାର ବିସ୍ମିତ ହେବାର ନାହିଁ। ଯୁଦ୍ଧ ବିରତି ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ଆଦୌ ନିଷ୍ଠା ନାହିଁ। ଏଭଳି ଏକ ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିଠାରୁ ଯୁଦ୍ଧବିରାମ ବା ଶାନ୍ତି ଆଶା କରିବା ବୃଥା। ବିଶ୍ୱ ସମୁଦାୟର ଚାପ ଓ ଟ୍ରମ୍ପ ନିଜେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବାରୁ ଇସ୍ରାଏଲ ପାଇଁ ଗତ୍ୟନ୍ତର ନଥିଲା। କିନ୍ତୁ ପ୍ରତି ମୂହୂର୍ତ୍ତରେ କିଛି ନା କିଛି ମନଗଢ଼ା ଆରୋପ ଓ ଏପରିକି ନେତାନ୍ୟାହୁ ନିଜ ଆଡୁ କିଛି ବିଭ୍ରାଟ ସୃଷ୍ଟି କରି ଯୁଦ୍ଧ ଜାରି ରଖିବାକୁ ଚାହାନ୍ତି। ଏକଥା ମଧ୍ୟ ସତ୍ୟ ଯେ ଆମେରିକାର ସାମରିକ ସାହାଯ୍ୟ ବିନା ଏହି ଯୁଦ୍ଧ ଗୋଟିଏ ଇଞ୍ଚ ଆଗକୁ ବଢ଼ିପାରିବ ନାହିଁ। ମୁଣ୍ଡ ଜାମିନ ଥିବା ୨ ଜଣଙ୍କ ମୃତ ଶରୀର ଫେରସ୍ତ ପରେ ସ୍ଥିତି ବଦଳିବ ବୋଲି ଆଶା କରାଯାଇଛି।

ଇସ୍ରାଏଲ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲେ ମଧ୍ୟ ନ୍ୟୁଗାଜାରେ ଆଉ ୨ ଜଣଙ୍କୁ ହତ୍ୟା କରାଯାଇଛି। ତୁର୍କୀର ରାଷ୍ଟ୍ରପତି ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ଜର୍ମାନୀର ହସ୍ତକ୍ଷେପ ଲୋଡ଼ିଛନ୍ତି। କାତାର ପକ୍ଷରୁ ମଧ୍ୟ ଅନୁରୂପ ନିବେଦନ କରାଯାଇଛି। ଏସବୁ ସତ୍ତ୍ୱେ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଅସଲ ମସୁଧା କ'ଣ ତାହା ସ୍ପଷ୍ଟ ହେଉନାହିଁ। ଅଥଚ ଯୁଦ୍ଧ ବିରାମ ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜେରୁଜେଲମରେ ଜନମତ ସୃଷ୍ଟି ପାଇଁ ଅତିରକ୍ଷଣବାଦୀ ଇହୁଦୀଙ୍କ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଛି। ଏସବୁ ସତ୍ତ୍ୱେ ଆମେ ଆଶା କରିବା ମଧ୍ୟପ୍ରାଚ୍ୟରେ ଖୁବଶୀଘ୍ର ଶାନ୍ତିର ପଥ ପରିଷ୍କାର ହେଉ।

# କୀଟନାଶକ: ସବୁଜ ବିପ୍ଳବର ଅଲୋଡ଼ା ଉପହାର

ସବୁଜ ବିପ୍ଳବ ସ୍ୱାଧୀନ ଭାରତର ବିପୁଳ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଦେଲା ସତ; କିନ୍ତୁ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ନେଇ ଆସିଲା କୀଟ ଓ କୀଟନାଶକ ରୂପକ ବୋଝ। ଅଧୁନା ଆଧୁନିକ କୃଷି କୀଟନାଶକ ବିନା ପରିକଳ୍ପନା ମଧ୍ୟ କରାଯାଇପାରିବ ନାହିଁ। କୃଷିକୁ ଅଧିକ ଅମଳକ୍ଷମ ଓ ପରିବେଶ ସହନଶୀଳ କରିବା ପାଇଁ ଯେତେଯେତେ ନୂଆ ନୂଆ କିସମ ଉଦ୍‌ଭାବନ ହେଉଛି, ତା'ସହିତ ତାଳ ଦେଇ ନୂଆ ନୂଆ ରୋଗ ପୋକ ସୃଷ୍ଟି ହେଉଛନ୍ତି। କେବଳ ସେତିକି ନୁହେଁ, ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ଜନ୍ମ ନେଉଥିବା ଏହି ନୂଆ ରୋଗପୋକଗୁଡ଼ିକ ଅତିମାତ୍ରାରେ କୀଟନାଶକ ଓ ରୋଗନାଶକ ସହନଶୀଳ ହୋଇଗଲେଣି। ବିଶେଷଜ୍ଞମାନେ ରୋଗ, ପୋକ ନିଦାନ କରି ପ୍ରତିକାର ଆବିଷ୍କାର କରିବା ପୂର୍ବରୁ ଫସଲ ଉଜୁଡ଼ି ଯାଉଛି। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଏହା ପ୍ରମୁଖ।

ଅପରପକ୍ଷରେ ଏହି କୀଟ ଓ କୀଟନାଶକ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଅତିମାତ୍ରାରେ ଅନୁକୂଳ ହୋଇଛି। ରାସାୟନିକ ସାର ପ୍ରୟୋଗ ବଢ଼ିବା ସହିତ ସୃଷ୍ଟି ହେଉଥିବା ନୂଆ ନୂଆ କୀଟ ଓ ରୋଗ ଅନୁଯାୟୀ କୀଟନାଶକ ଓ ରୋଗନାଶକର ନୂଆ ନୂଆ ଉତ୍ପାଦ ବଜାରକୁ ଆସୁଛି, ଯାହାକୁ ଚାଷୀ କିଣିବାକୁ ବାଧ୍ୟ ହେଉଛି। ବହୁଦେଶୀୟ କମ୍ପାନୀମାନେ କୀଟନାଶକକୁ ଏଭଳି ଉପାଦାନରେ ବିକଶିତ କରୁଛନ୍ତି ଯେ ଥରେ ତାହା ପ୍ରୟୋଗ ହେଲା ପରେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ କାମ ଦେଉନାହିଁ। ଆଉ କେତେକ ସ୍ଥାନରେ ବଜାର ଅଂଶ ଓ ବାର୍ଷିକ ରୋଜଗାର ହରାଇବା ଭୟରେ ଚାଷୀମାନେ ପ୍ରତିଷେଧକ ରୂପେ ବେଉକ୍ଷଣ ବେଳେ ହିଁ ତୃଣନାଶକ ଓ କବକନାଶକ ଜମିରେ ପ୍ରୟୋଗ କରୁଛନ୍ତି। ଏହି ଉଦ୍ୟମ କେତେକାଂଶରେ ସଫଳ ହେଉଛି ସତ, କିନ୍ତୁ ଯେଉଁଠାରେ ସେଭଳି କବକ ବା ଅନାବଶ୍ୟକ ତୃଣ ଉର୍ଦ୍ଧ୍ୱେଇବାର ସମ୍ଭାବନା ନାହିଁ ସେଠାରେ କବକନାଶକ ଓ ତୃଣନାଶକର ଅନାବଶ୍ୟକ ପ୍ରୟୋଗ ପରବର୍ତ୍ତୀ ସମୟରେ ସେହି ପରିବେଶ ଓ ମାଟିକୁ ରାସାୟନିକ ସହନଶୀଳ କରିଦେଉଛି। ଏହିକ୍ରମରେ କୀଟ ଓ କୀଟନାଶକ ଚାଷୀର ସର୍ବନାଶ କରୁଥିବା ବେଳେ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ପୁଷ ମାସ ଡାକି ଆଣୁଛି।

ସବୁଜ ବିପ୍ଳବର ଅଲୋଡ଼ା ଉପହାର ସ୍ୱରୂପ ଆସିଥିବା ଏହି ରାସାୟନିକ ଉତ୍ପାଦଗୁଡ଼ିକର ଭାରତରେ ସଂଗଠିତ ବଜାରମୂଲ୍ୟ ପ୍ରାୟ ୨୪, ୫୦୦ କୋଟି ଟଙ୍କା। ପେଷ୍ଟିସାଇଡ୍ ବା କୀଟନାଶକ ଭାବରେ ଜଣାଶୁଣା ଓ ବ୍ୟବହୃତ ଏହି ରାସାୟନିକ ଉପାଦନ ମୁଖ୍ୟତଃ ତିନିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା, କୀଟନାଶକ(ଇନସେକ୍ଟିସାଇଡ୍), ତୃଣନାଶକ(ହର୍ବିସାଇଡ୍ସ) ଓ କବକନାଶକ(ଫୁଙ୍ଗିସାଇଡ୍)। ଏଥିମଧ୍ୟରେ ସବୁଠାରୁ ବଡ଼ ଅଂଶ ହେଉଛି କୀଟନାଶକର। ଭାରତରେ କୀଟନାଶକର ବାର୍ଷିକ କାରବାର ୧୦, ୭୦୦ କୋଟି ଟଙ୍କା ଥିବା ବେଳେ ତୃଣନାଶକର ୮, ୨୦୦ କୋଟି ଟଙ୍କା ଏବଂ କବକନାଶକର କାରବାର ୫, ୬୦୦ କୋଟି ଟଙ୍କା। ତୃଣନାଶକର ବଜାର ସର୍ବାଧିକ ବାର୍ଷିକ ୧୦% ହାରରେ ବୃଦ୍ଧି ପାଉଛି। ଏଥିରୁ ଭାରତୀୟ କୀଟନାଶକ ବଜାର ପ୍ରତି ବହୁଦେଶୀୟ କମ୍ପାନୀମାନଙ୍କ ଲୋଭ ଓ ଲାଭ ସହଜେ ଅନୁମେୟ। ଅଧୁନା ଭାରତୀୟ କୀଟନାଶକ ବଜାରରେ 'ବେୟର ଏଜି' ନାମକ ବହୁଦେଶୀୟ କମ୍ପାନୀର ଆନୁମାନିକ ଅଂଶ ୧୫% ଥିବା ବେଳେ 'ସିଞ୍ଜେଣ୍ଟା'ର ୧୨%, 'ଏଡିଏଏମଏ'ର ୧୦%, 'କର୍ଟେଭା ଏଗ୍ରୀସାଇନ୍ସ'ର ୭% ଏବଂ 'ସୁମିତୋମୋ କେମିକାଲ'ର ୬% ରହିଛି। ଆଶ୍ଚର୍ଯ୍ୟର କଥା ଯେ ଏଭଳି ବିପୁଳ ଲୋଭନୀୟ ଭାରତୀୟ କୀଟନାଶକ ବଜାରରେ ଭାରତୀୟ ସଂସ୍ଥା ବା ଉଦ୍ୟୋଗର ପଦଚିହ୍ନ ଅତି ନଗଣ୍ୟ। ସବୁଠାରୁ ବଡ଼ ଭାରତୀୟ କମ୍ପାନୀ 'ଧନୁକା ଆଗ୍ରିଟେକ୍'ର ଆନୁମାନିକ ବଜାର ଅଂଶ ୬% ଥିବା ବେଳେ 'ସିସିପିଏଲ୍'ର ୪%। ଅନ୍ୟ କେତେକ କମ୍ପାନୀ ବହୁଦେଶୀୟ କମ୍ପାନୀଙ୍କ ସହିତ ଯୌଥ ଉଦ୍ୟୋଗରେ ଭାରତରେ କୀଟନାଶକ ଉତ୍ପାଦନ କରୁଛନ୍ତି।

ଜଣେ କୃଷି ବୈଜ୍ଞାନିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୀଟନାଶକ ବଜାର ସମ୍ପର୍କରେ ଯେଉଁ ଗୋପନୀୟ ତଥ୍ୟ ପ୍ରଘଟ କରିଛନ୍ତି ତାହା ଯଦି ସତ ହୋଇଥାଏ ତେବେ ଭାରତୀୟ କୃଷି ଓ କୃଷକ କୀଟନାଶକର ଅଦୃଶ୍ୟ ପଞ୍ଝା ଭିତରକୁ ଯାଇସାରିଛନ୍ତି, ଯେଉଁଥିରୁ ମୁକୁଳିବା ନିକଟ ଭବିଷ୍ୟତରେ ଏତେ ସହଜ ନୁହେଁ। କମ୍ପ୍ୟୁଟରର ଆଣ୍ଟିଭାଇରସ୍ ବିକଶିତ କରୁଥିବା କମ୍ପାନୀମାନେ ଯେପରି ସ୍ୱୟଂ ନିୟମିତ ବ୍ୟବଧାନରେ ଭାଇରସ୍‌ମାନ ବିକଶିତ କରି ଇଣ୍ଟରନେଟ୍ ମାଧ୍ୟମରେ ଛାଡ଼ିଦିଅନ୍ତି ସେଭଳି କିସମ ଉଦ୍ଭାବନ କରୁଥିବା କେତେକ ଲୋଭୀ ଓ ଅସାଧୁ କୃଷି ବିଶେଷଜ୍ଞଙ୍କୁ ବହୁଦେଶୀୟ କମ୍ପାନୀମାନେ ବିପୁଳ ଉତ୍କୋଚ ଦେଇ ନବବିକଶିତ କିସମରେ ରୋଗପୋକର ବୀଜାଣୁମାନଙ୍କୁ ଛାଡ଼ିଦିଅନ୍ତି। ତାହା କାଳକ୍ରମେ ରୂପପରିବର୍ତ୍ତନ କରି(ମ୍ୟୁଟେସନ୍) ବ୍ୟାପକ କ୍ଷେତ୍ରକୁ ପ୍ରଭାବିତ କରେ। ଏହାକୁ ଏବେ 'ସବୁଜ ଆତଙ୍କ' ନାମରେ ଅଭିହିତ କରାଯାଉଛି। ନିକଟରେ ଆମେରିକାରେ ସୋୟାବିନ୍ ଫସଲକୁ ଏହି ଉପାୟରେ ବିଧ୍ୱଂସ କରିବା ପାଇଁ ଦୁଇ ଚୀନ୍ କୃଷି ବୈଜ୍ଞାନିକଙ୍କ ଷଡ଼ଯନ୍ତ୍ର ଧରାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି।

କେତେକ କୃଷିବିଜ୍ଞାନୀଙ୍କ ମତରେ ସଙ୍କରଜାତୀୟ ବିହନ ବିକାଶ ବେଳେ ଗୁଣସୂତ୍ର ପରିବର୍ତ୍ତନ ହିଁ ଅନେକ ରୋଗକୁ ସ୍ୱତଃ ସୃଷ୍ଟି କରୁଛି, ଯାହାର ନିରାକରଣ ପାଇଁ କୀଟନାଶକ ଅପରିହାର୍ଯ୍ୟ ହୋଇପଡୁଛି। ଆଉ କିଛି ବିଶେଷଜ୍ଞଙ୍କ ମତାନୁଯାୟୀ ଚାଷୀ ପ୍ରୟୋଗ କରୁଥିବା ରାସାୟନିକ ସାରରେ ମଧ୍ୟ କୀଟ ଓ କବକ ସୃଷ୍ଟିକାରୀ ତତ୍ତ୍ୱର ଅସାଧୁ ସମ୍ମିଶ୍ରଣ ହେଉଛି। ଏହା ପଛରେ ରହିଛି ଭାରତ ସରକାରଙ୍କ ବିପୁଳ ରିହାତି ଯୋଜନା। କହିବା ବାହୁଲ୍ୟ କୃଷି ଓ କୃଷକ ଜରିଆରେ ସରକାରଙ୍କ ଏହି ବିପୁଳ ରିହାତିର ଅସଲି ହକ୍‌ଦାର ବା ହିତାଧିକାରୀ ହେଉଛନ୍ତି ସାର ଓ କୀଟନାଶକ ଉତ୍ପାଦନ କରୁଥିବା କମ୍ପାନୀ। କୀଟନାଶକଠାରୁ ସାର ବଜାର ଆହୁରି କେତେଗୁଣା ଅଧିକ। ତେଣୁ ଏତେ ଶୀଘ୍ର ଯେ ସେମାନେ ଭାରତୀୟ ବଜାରକୁ ହାତଛଡ଼ା କରିଦେବେ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ।

ସାମଗ୍ରିକ ଭାବେ କହିବାକୁ ଗଲେ ବିହନ, ସାର ଓ କୀଟନାଶକ ମଧ୍ୟରେ ଏକ ମଧୁଚନ୍ଦ୍ରିକା ବା ଅସାଧୁ ମେଣ୍ଟ ସୃଷ୍ଟି ହୋଇସାରିଛି, ଯାହା ବିଶ୍ୱର ଖାଦ୍ୟ ନିରାପତ୍ତା ଆଗରେ ବିରାଟ୍ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ ବଜାର ଅର୍ଥନୀତି ଓ ଆମଦାନୀ-ରପ୍ତାନୀ ବାଧ୍ୟବାଧକତାରେ ଶସ୍ୟ ଓ କୃଷି ସମସ୍ୟା ଆଉ କୌଣସି ଦେଶ କିମ୍ବା ଅଞ୍ଚଳରେ ସୀମିତ ହୋଇରହିନାହିଁ; ରୋଗପୋକ ସମସ୍ୟା ମଧ୍ୟ ଲକ୍ଷ୍ୟ-ଅଲକ୍ଷ୍ୟରେ ଆମଦାନୀ ରପ୍ତାନୀ ହୋଇଚାଲିଛି। ଅପରପକ୍ଷରେ ଏହାଦ୍ୱାରା ସାର ଓ କୀଟନାଶକ ଉଦ୍ୟୋଗ ଏବଂ ପରୋକ୍ଷରେ ସେମାନଙ୍କ ଟିକସରେ ବିଭିନ୍ନ ଦେଶର ରାଜକୋଷମାନ ପୁଷ୍କଳ ହେଉଛି। ଏହି ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି, କୃଷିକ୍ଷେତ୍ରର ସାମୟିକ ବଳିଦାନ, ସର୍ବୋପରି କୃଷି ବୈଜ୍ଞାନିକଙ୍କ ରାଷ୍ଟ୍ରପ୍ରତି ସମର୍ପିତ କର୍ତ୍ତବ୍ୟବୋଧ, ସାଧୁତା ଓ ନିଷ୍ଠାର ସମନ୍ୱୟ ଆବଶ୍ୟକ। ଏହି ବିଷଚକ୍ର ଯେତେଶୀଘ୍ର ଭାଙ୍ଗିବ ବିଶ୍ୱ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ସେତେ କଲ୍ୟାଣକାରୀ ସାବ୍ୟସ୍ତ ହେବ।

ରୋଗ, ପୋକ ଫସଲକୁ କ୍ଷତି କରୁଥିବା ବେଳେ କୀଟନାଶକ ଫସଲ, ପାଣି, ପବନ ଜରିଆରେ ପରୋକ୍ଷ ଭାବେ ତାହାକୁ ଖାଉଥିବା ମଣିଷ, ଗାଈଗୋରୁଙ୍କ ଶରୀରକୁ ବିଷାକ୍ତ କରି ନା ନା ରୋଗ ସୃଷ୍ଟି କରିଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ ସବୁଜ ବିପ୍ଳବର ଏହି ଅଲୋଡ଼ା ଉପହାରଟିକୁ ତତ୍କାଳ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପରିହାର କରିବା ଏକପ୍ରକାର ଅସମ୍ଭବ। ଏବେ ଆମ ଦେଶରେ କୃଷିଶ୍ରମିକଙ୍କ ଘୋର ଅଭାବ ସୃଷ୍ଟି ହୋଇଛି। ତେଣୁ ଚାଷୀମାନେ ବାଧ୍ୟବାଧକତାରେ ଘାସମରା ଔଷଧ ବା ତୃଣନାଶକ ଉପରେ ନିର୍ଭର କରୁଛନ୍ତି, ଯାହାର ଫାଇଦା ବହୁଦେଶୀୟ କମ୍ପାନୀମାନେ ନେଉଛନ୍ତି। ଏହି ଶ୍ରମକାତରତା ଯୋଗୁଁ କୀଟନାଶକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ଚାଷୀ ଏବଂ ପରୋକ୍ଷ ପ୍ରଭାବିତ ଖାଉଟି ନିଜ ପାଇଁ କ୍ଷତି ଡାକି ଆଣୁଛନ୍ତି। କୃଷିଜାତ ମୂଲ୍ୟ ବୃଦ୍ଧି ଆଶଙ୍କାରେ ସରକାର ମଧ୍ୟ କୃଷି ଶ୍ରମିକଙ୍କ ମଜୁରୀ ବଢ଼ାଇବାକୁ ସାହସ କରୁନାହାନ୍ତି। ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୧୯ରେ ଉଦ୍ଭିଦ ସୁରକ୍ଷା କର୍ମୀ ଓ କୃଷି ଶ୍ରମିକଙ୍କ ପାଇଁ ଜାତୀୟସ୍ତରରେ ହାରାହାରି ଦୈନିକ ମଜୁରୀହାର ପ୍ରାୟ ୩୨୬ ଟଙ୍କା ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ତାହା ୪୪୭ ଟଙ୍କାରୁ ସାମାନ୍ୟ ବୃଦ୍ଧି ପାଇଥିଲା। ଆଜିର ବଜାର ଦରରେ ଏତେ କମ୍ ମଜୁରୀରେ ମାନବ ସମ୍ବଳ ଉପଲବ୍ଧ ନ ହେବା ସ୍ୱାଭାବିକ। ଏହାଛଡ଼ା ହାତରେ ଘାସ ବାଛିବା ପାଇଁ ଏକର ପିଛା ୮/୧୦ ଘଣ୍ଟା ସମୟ ଲାଗୁଥିବା ବେଳେ ମାତ୍ର ୨/୩ ଘଣ୍ଟାରେ ଏକ ଏକରରେ ତୃଣନାଶକ ପ୍ରୟୋଗ କରାଯାଇପାରୁଛି। ଏଣୁ ଶସ୍ତାରୁ ପରବର୍ତ୍ତୀ ସମୟରେ ହୀନସ୍ତା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

କୀଟନାଶକର ପଞ୍ଝାରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଜୈବିକ କୃଷି, ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏହାଛଡ଼ା ଆମେ ନିଜକୁ ଯନ୍ତ୍ର ଓ ରାସାୟନିକ ନିର୍ଭରଶୀଳତା ହ୍ରାସ କରି ପରିଶ୍ରମୀ ହେବା ଆବଶ୍ୟକ। ସାମଗ୍ରିକ, ସମନ୍ୱିତ ଓ ସହଯୋଗୀ ଉଦ୍ୟମ ବିନା ଭାରତୀୟ କୃଷିକୁ ଏହି ସମସ୍ୟାରୁ ମୁକ୍ତ କରାଯିବା ଏକପ୍ରକାର ଅସମ୍ଭବ।

ସକାଳ ମିଡିଆ ସର୍ଭିସ୍

# ହରିକେନ୍ ମେଲିସା

ଡ. ବିଜୟ କେତନ ପଟ୍ଟନାୟକ

ଗତ ଅକ୍ଟୋବର ୨୭/୨୮ ତାରିଖରେ ଓଡ଼ିଶା ମହାବାତ୍ୟା 'ମୋନ୍ଥା'ର ଆନୁମାନିକ ପ୍ରଳୟଙ୍କରୀ ପ୍ରଭାବରୁ ବର୍ତ୍ତି ଯାଇଥିବା ବେଳେ ଅକ୍ଟୋବର ୨୮ ତାରିଖରେ ପଶ୍ଚିମ ଗୋଲାର୍ଦ୍ଧରେ ଉତ୍ତର ଆମେରିକା ତଟଦେଶରେ ତଥା ଉତ୍ତର-ଆଟଲାଣ୍ଟିକ ମହାସାଗର ଭିତରେ ଥିବା କାରବିୟାନ ସମୁଦ୍ରର ଦ୍ୱୀପ ଦେଶଗୁଡ଼ିକରେ, ବିଶେଷକରି ଜାମାଇକାରେ, ହରିକେନ 'ମେଲିସା' ଖଣ୍ଡପ୍ରଳୟ ସୃଷ୍ଟି କରିଛି। କ୍ୟୁବା, ବାହାମା ଆଦି ଦ୍ୱୀପଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। 'ମେଲିସା' ଆଟଲାଣ୍ଟିକ ମହାସାଗରେ ଚଳିତ ବାତ୍ୟାଋତୁର ସଂଘଟିତ ପଞ୍ଚମ ହରିକେନ ଏବଂ ଶତାବ୍ଦୀର ସବୁଠାରୁ ଭୟଙ୍କର ବାତ୍ୟା। ଅକ୍ଟୋବର ମାସ ପ୍ରାରମ୍ଭରେ ପଶ୍ଚିମ ଆଫ୍ରିକା ତଟରୁ ଏକ ଉଷ୍ମ ମଣ୍ଡଳୀୟ ଢେଉ ଦ୍ୱାରା ଏହାର ଜନ୍ମ ହୋଇଥିଲା। ପାଣିପାଗ ବିଜ୍ଞାନୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ସମୁଦ୍ରର ଜଳରାଶି ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ସେଠାରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ଓ ଗଭୀର ଅବପାତରେ ପରିଣତ ହୋଇ ବାତ୍ୟା ସୃଷ୍ଟି ହୋଇଥାଏ। ହରିକେନ୍ 'ମେଲିସା' ମଧ୍ୟ ଧୀରେ ଧୀରେ ଉତ୍ତପ୍ତ ସାମୁଦ୍ରିକ ଜଳରାଶିରୁ ବଳ ଗୋଟାଇ ଆଟଲାଣ୍ଟିକ ମହାସାଗରରେ ଆଗକୁ ବଢ଼ିଥିଲା।

ଘୂର୍ଣ୍ଣିବାତ୍ୟାକୁ ସ୍ଥାନବିଶେଷରେ ତିନିପ୍ରକାର ନାମରେ ଅଭିହିତ କରାଯାଇଛି। ଯଥା ହରିକେନ, ସାଇକ୍ଲୋନ ଓ ଟାଇଫୁନ। ଉତ୍ତର ଆଟଲାଣ୍ଟିକ ମହାସାଗର, କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ହରିକେନ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଲେ ଏହାକୁ କୁହାଯାଏ ଟାଇଫୁନ। ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ସଂଲଗ୍ନସ୍ଥାନ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଚକ୍ରବାତ ବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ସାଇକ୍ଲୋନ।

ଗତ ୨୮ ଅକ୍ଟୋବରରେ ଜାମାଇକା ଦ୍ୱୀପଦେଶର ଦକ୍ଷିଣ-ପଶ୍ଚିମରେ ଥିବା ନିଉହୋପ ଇଲାକାରେ ସ୍ଥଳଭାଗ ସ୍ପର୍ଶ କଲା ବେଳେ ହରିକେନ 'ମେଲିସା'ର ବାୟୁର ଗତି ଥିଲା ଘଣ୍ଟା ପ୍ରତି ୧୮୫ ମାଇଲ ବା ୨୯୫ କିଲୋମିଟର ଏବଂ ଏହାର କେନ୍ଦ୍ରସ୍ଥଳର ବାୟୁଚାପ ରହିଥିଲା ୮୯୨ ମିଲିବାର ବା ୨୬.୩୪ ଇଞ୍ଚ। ଏହା ତୁଳନାରେ ୧୯୯୯ ମସିହାର ଓଡ଼ିଶା ସୁପର ସାଇକ୍ଲୋନ ସମୟରେ ପବନର ଗତି ଥିଲା ଘଣ୍ଟାପ୍ରତି ୨୬୦ କିଲୋମିଟର ଓ କେନ୍ଦ୍ରସ୍ଥଳର ବାୟୁ ଚାପ ଥିଲା ୮୯୮ ମିଲିବାର ବା ୨୬.୫୨ ଇଞ୍ଚ। ୨୦୧୯ ମସିହାରେ ଜାମାଇକା ନିକଟସ୍ଥ ବାହାମା ଦ୍ୱୀପଦେଶରେ ବୋରିଆନ୍ ନାମକ ଅନ୍ୟ ଏକ ଘୂର୍ଣ୍ଣିବାତ୍ୟା ଆଘାତ ଦେଇଥିଲା, ଯାହାର ବାୟୁ ଗତି ଥିଲା ଘଣ୍ଟାପ୍ରତି ୧୮୫ ମାଇଲ।

ବାୟୁର ଗତି ଓ ତୀବ୍ରତା ଦୃଷ୍ଟିରୁ 'ମେଲିସା' ଶ୍ରେଣୀ ବିଭାଗ କ୍ରମରେ ଥିଲା ୫ମ ଶ୍ରେଣୀ ବା କାଟାଗୋରି -୫। ୧ମ ଶ୍ରେଣୀ ହରିକେନର ବାୟୁ ଗତି ୭୦ରୁ ୯୫ ମାଇଲ, ଦ୍ୱିତୀୟ ଶ୍ରେଣୀର ୯୬ ରୁ ୧୧୦ ମାଇଲ, ତୃତୀୟ ଶ୍ରେଣୀର ୧୧୧ ରୁ ୧୨୯ ମାଇଲ, ଚତୁର୍ଥ ୧୩୦ ରୁ ୧୫୬ ମାଇଲ ଏବଂ ପଞ୍ଚମ ୧୫୭ ମାଇଲ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ଏହି ଶ୍ରେଣୀରେ ବାୟୁର ଗତି ଘଣ୍ଟା ପ୍ରତି ୨୫୨ କି.ମି ବା ତହିଁରୁ ଅଧିକ ହୋଇଥାଏ। କାଟାଗୋରୀ ୫ ହରିକେନରେ ପବନର ଗତି ଓ ତୀବ୍ରତା ଏବେ ଅଧିକ ଯେ ଏହା ଦ୍ୱାରା ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ଏପରିକି ମଜବୁତ ସିମେଣ୍ଟ ଓ କଂକ୍ରିଟ ଘର ଭାଙ୍ଗି ଯାଏ ବା ଛାତ ଉଡ଼ିଯାଏ। ବଡ଼ ବଡ଼ ଗଛ ଉପୁଡ଼ି ପଡ଼େ। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ଓ ଯୋଗଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଠପ ହୋଇଯାଏ। ସମୁଦ୍ରରେ ସୁନାମି ଭଳି ଉଚ୍ଚ ଜୁଆର ଆସିଥାଏ।

ହରିକେନ୍ 'ମେଲିସା' ପ୍ରଭାବରେ ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜୁଆର ଉଠି ସମୁଦ୍ର ଉପକୂଳର ଭିତ୍ତିଭୂମିକୁ ଗ୍ରାସ କରିଥିଲା। ପ୍ରାୟ ୫୦, ୦୦୦ ଜାମାଇକା ଅଧିବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ସମପରିମାଣର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ହରିକେନ୍‌ରେ ପାଖାପାଖି ୧୫ ଲକ୍ଷ ଲୋକ ସିଧାସଳଖ କ୍ଷତିଗ୍ରସ୍ତ ହୋଇଛନ୍ତି।

ଜାମାଇକା ଦ୍ୱୀପ କ୍ୟାରିବିୟାନ ସାଗର ମଧ୍ୟରେ ତୃତୀୟ ବୃହତ୍ତମ ଦ୍ୱୀପ। ଏହାର ରାଜଧାନୀ କିଙ୍ଗସ୍ଟନ। ଜନସଂଖ୍ୟା ୨୭ ଲକ୍ଷରୁ ୩୦ ଲକ୍ଷ ମଧ୍ୟରେ। ଜାମାଇକାର ଭୂଭାଗ ଶ୍ୟାମଳ ସବୁଜିମାମୟ। ପର୍ବତ, ଜଙ୍ଗଲ ବିଶେଷତଃ ବୃଷ୍ଟିବନରେ ଭରପୂର। ଉପକୂଳ କଡ଼େ କଡ଼େ ଛୋଟ ଛୋଟପଥରର ପାହାଡ଼। ଭରପୂର ପର୍ଯ୍ୟଟନ ସମ୍ଭାର। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଜାମାଇକା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପ୍ରାୟ ୪୩ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି। 'ମେଲିସା' ଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଜାମାଇକାରେ ପ୍ରଳୟ ସୃଷ୍ଟି କରିବା ପରେ 'ମେଲିସା' ସାମାନ୍ୟ ଦୁର୍ବଳ ହୋଇ ଚତୁର୍ଥ କାଟାଗୋରି ବାତ୍ୟାରେ ପରିଣତ ହୋଇଥିଲା ଏବଂ କ୍ୟୁବା ଅଭିମୁଖେ ଅଗ୍ରସର ହୋଇଥିଲା।

ପ୍ରକୃତିର ଏଇ କ୍ରୋଧ ଓ ତାଣ୍ଡବ ଲୀଳା ବିଶ୍ୱ ତାପନ ଜନିତ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି। ପୃଥିବୀର ତାପମାତ୍ରା ବଢ଼ିବା ସଂଗେ ସଂଗେ ବିଭିନ୍ନ ସାଗର ଓ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାଗୁଡ଼ିକର ପୌନଃପୁନିକତା ବଢୁ ନ ଥିଲେ ମଧ୍ୟ ଏହାର ତୀବ୍ରତା ଯଥେଷ୍ଟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ପରିଣତି, ପ୍ରକୃତିର କୋପ ଭାବରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଉଛି। ସମଗ୍ର ଜୀବଜଗତ ପାଇଁ ଏହା ଏକ ସତର୍କ ଘଣ୍ଟି।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

ପ୍ରବୀର କୁମାର ପଟ୍ଟନାୟକ



## ଦ୍ୱିତୀୟ-ବୁଦ୍ଧ କଥା

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହିଭଳି ଭାବରେ ବଜ୍ରଯାନ ଶିକ୍ଷା ଓ ପରମ୍ପରା ଦ୍ୱାରା ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ପଦ୍ମସମ୍ଭବ ହେଉଛନ୍ତି ଉଭୟ ଜନ୍ମଶୂନ୍ୟ ତଥା ମୃତ୍ୟୁଶୂନ୍ୟ। ସେ ଗୋଟିଏ ଆକୃତିରେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ପୁଣି ବହୁପ୍ରକାରର ଆକୃତିରେ ପୁନଃଆବିର୍ଭାବ ହୋଇପାରନ୍ତି। ତାଙ୍କ ଜ୍ଞାନ, ଶିକ୍ଷା ତଥା ସାଧନା ଦ୍ୱାରା ସୃଷ୍ଟ ପ୍ରବୁଦ୍ଧ ଶିଷ୍ୟଗୋଷ୍ଠୀ ସମଗ୍ର ବିଶ୍ୱରେ ତାଙ୍କ ମହତ୍ତ୍ୱର ଆଲୋକ ବିଚ୍ଛୁରିତ କରି ଚାଲିଛନ୍ତି। ଏହା ଫଳରେ ସମସ୍ତ ଜୀବିତ ମନୁଷ୍ୟ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକାଳରେ ଜଣେ ଜଣେ ପଦ୍ମସମ୍ଭବ ଉପସ୍ଥିତ ହୋଇପାରିବେ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଯେପରି ଚମକପ୍ରଦ, ତାଙ୍କର ତିବ୍ବତ ପରିତ୍ୟାଗ ମଧ୍ୟ ସେହିଭଳି ଏକ ବିସ୍ମୟଜନକ ବ୍ୟାପାର। ତିବ୍ବତରେ ସେ ପ୍ରାୟ ପଚାଶ ବର୍ଷ କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ପରେ ଏବଂ ଲାମା ଧର୍ମକୁ ସେଠାରେ ଅତ୍ୟନ୍ତ ଦୃଢ଼ଭିତ୍ତିର ସହ ପ୍ରତିଷ୍ଠା କରିବା ପରେ ଏବଂ ତାହାକୁ ସମସ୍ତ ନିରାପତ୍ତାର ସହ ବ୍ୟବସ୍ଥିତ କରିସାରିବା ପରେ ଖ୍ରୀ ୮୦୨ ରେ ସମସ୍ତ ତିବ୍ବତୀୟଙ୍କୁ ଦୁଃଖ ସାଗରରେ ଭସାଇ ଅନ୍ୟସ୍ଥାନରେ ବୌଦ୍ଧ ଧର୍ମର ସଂସ୍ଥାପନ ନିମିତ୍ତ ତିବ୍ବତରୁ ତାଙ୍କର ବିଦାୟ ନେବାର ସମୟ ହୋଇଗଲା ବୋଲି ସେ ଘୋଷଣା କରିଦେଲେ। ତାଙ୍କର ଦୁଇ ପରମପ୍ରିୟା ସହଚରୀ ଜଣେ ପତ୍ନୀ ମନ୍ଦରଭା ଓ ଅନ୍ୟ ଜଣକ ହେଲେ ତାଙ୍କର ଅତ୍ୟନ୍ତ ବିଶ୍ୱାସଯୋଗ୍ୟା ସହାୟିକା ବା ସହକର୍ମୀ ତଥା ପରମ-ଭକ୍ତ ୟେଶେ ସୋଗ୍ୟାଲ ଏହି ଦୁହିଁଙ୍କ ଗହଣରେ ସେ ତିବ୍ବତର ଉତ୍ତର ପାଖରେ ଥିବା ମଙ୍ଗ୍-ୟୁଲରେ ରହିଥିବା ଗୁଙ୍ଗ୍-ଥାଙ୍ଗ-ଲା ନିକଟରେ ପହଞ୍ଚିଲେ। ସେଠାରେ ପଦ୍ମସମ୍ଭବ ରାଜା, ଧର୍ମାଧୀଶଗଣ ଓ ଜମା ହୋଇଥିବା ସମସ୍ତଙ୍କୁ ବିଦାୟ ଜଣାଇବା ସହ ସମସ୍ତଙ୍କ ପାଇଁ ତାଙ୍କର ବିଦାୟବେଳର ଉପଦେଶ ରହିଲା, 'ଯାହାସବୁ ଧର୍ମଶିକ୍ଷା ପାଇଛୁ ତା'କୁ ବଜାୟ ରଖିବା, ଯାହା ସବୁ ଗୁପ୍ତବିଦ୍ୟାର ଭଣ୍ଡାର ଦେଶସାରା ବିଭିନ୍ନ ସ୍ଥାନରେ ଲୁକ୍କାୟିତ ହୋଇ ରଖାଯାଇଛି ଉପଯୁକ୍ତ ସମୟରେ ସେ ସବୁର ପ୍ରକଟନ ଏବଂ ପ୍ରଚାର ପ୍ରସାର କରାଇବା ଆବଶ୍ୟକ।' ଏହା କହି ଅଶ୍ୱଚାଳିତ ଯାନରେ ଆରୋହଣ କରି ସ୍ୱଳ୍ପସଂଖ୍ୟକ ସହାୟକଙ୍କ ସହ ଦକ୍ଷିଣ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ। ମନ୍ଦରଭା ସାଂଗରେ ରହିଲେ; ମାତ୍ର ୟେଶେ ତିବ୍ବତରେ ହିଁ ଗୁରୁଙ୍କ ଉପଦେଶ ଓ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟର ସଞ୍ଚାଳନ ନିମନ୍ତେ ରହିଲେ।

ସାଧାରଣ ଭାବେ ଦର୍ଶାଯାଇଛି ଯେ ବୌଦ୍ଧଧର୍ମର ପ୍ରବେଶ ଓ ବିସ୍ତାରକୁ ତିବ୍ବତରେ ବିରୋଧ କରୁଥିବା ଶକ୍ତିସବୁକୁ ସଂପୂର୍ଣ୍ଣଭାବେ ପଦ୍ମସମ୍ଭବ ଆୟତ୍ତ କରିଥିଲେ। ତଥାପି ମଧ୍ୟ ଅଭିଜାତ ଗୋଷ୍ଠୀର କେତେକ ପ୍ରଭାବଶାଳୀ ବ୍ୟକ୍ତି ପଦ୍ମସମ୍ଭବଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିଲେ ଏବଂ ତାଙ୍କ ବିରୋଧରେ ରାଜାଙ୍କ କାନରେ ବାରମ୍ବାର ଅନେକ ଅଭିଯୋଗମୂଳକ ବିଷୟ ପକାଇ ରାଜାଙ୍କ ମନକୁ ବିଷାକ୍ତ କରାଉଥିଲେ। ମାତ୍ର ରାଜା ସେସବୁକୁ କର୍ଣ୍ଣପାତ ନ କରି ଗୁରୁଙ୍କ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବ୍ୟବସ୍ଥା କରାଇଥିଲେ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର ହେଲେ ପିଣ୍ଟୁ ଦାଶ

ଫୁଲବାଣୀ, ୩୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ଶୁକ୍ରବାର ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଅଣାଯାଇଛି।

ସକାଳ ୮ଟା ୧୫ରେ ବ୍ରହ୍ମପୁର ଜେଲରୁ ବାହାରି ଦିନ ୧୧ଟା ୫୦ରେ ଫୁଲବାଣୀ ଜେଲକୁ ନିଆଯାଇଥିଲା। ପିଣ୍ଟୁଙ୍କ ଉପସ୍ଥିତି ଦୃଷ୍ଟିରୁ ଫୁଲବାଣୀ ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ କରାଯାଇଛି। ଜେଲ ଅଧିକାରୀଙ୍କ ସୂଚନା ଅନୁସାରେ, ଜେଲର ଅନ୍ତେବାସୀ କ୍ଷମତା ୩୭୦ ଥିବା ବେଳେ ପିଣ୍ଟୁଙ୍କୁ ମିଶାଇ ବର୍ତ୍ତମାନ ଏଠାରେ ୨୨୯ଜଣ କଏଦୀ ଅଛନ୍ତି। ପିଣ୍ଟୁଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ଜେଲ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ କଏଦୀଙ୍କ ଭଳି ଏକ ୱାର୍ଡରେ ତାଙ୍କୁ ରଖାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୨୨ ତାରିଖରେ ଅନ୍ୟମାନଙ୍କ ସହ ପିଣ୍ଟୁଙ୍କୁ ପୁଲିସ ଗିରଫ କରିଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କାରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ଭଞ୍ଜନଗର କିମ୍ବା ଆସିକା ଜେଲକୁ ପଠାଇବାକୁ ଚିନ୍ତା କରାଯାଇଥିବା ବେଳେ ଶେଷରେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୁଲିସର କଡ଼ା ସୁରକ୍ଷାବଳୟ ଭିତରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ପିଣ୍ଟୁ ଦାଶଙ୍କ ଠିକଣା ବଦଳିଛି।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ

ଭୁବନେଶ୍ୱର,୩୧।୧୦(ସମିସ): ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶ ପ୍ରେମରେ ଜୀବନକୁ ଆହୁତି ଦେଇ ଉଦ୍ଭାସିତ କରିଥିବା, ଚିନ୍ତାର ଉଚ୍ଚତମ ଶୃଙ୍ଗକୁ ସ୍ପର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସି ଯାଇଥିଲା, ସେତେବେଳେ ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି



## ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି

ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। ବିପ୍ଳବୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ଇତିହାସରେ ମିଳିବା ଦରକାର। ଐତିହ୍ୟ ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଆମ କୀର୍ତ୍ତି ଓ ସଂସ୍କୃତି ସୁରକ୍ଷିତ ରହିବ। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପଯୁକ୍ତ ଭାବେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ ବୋଲି କହିବା ସହିତ ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି ଗଜପତି ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟଜ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୩୧।୧୦(ସମିସ): ମୟୂରଭଞ୍ଜ ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡର ଆଦେଶ ପ୍ରଦାନ କରିଛନ୍ତି। ଏହାସହ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୭ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅନ୍ତର୍ଗତ ହୋତାପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତ(୬୮)। ଘଟଣାରୁ ପ୍ରକାଶ ଯେ, ଜଣେ ନାବାଳିକା ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ଅଭିଯୁକ୍ତଙ୍କ ନାତୁଣୀ ସହିତ ସେ ପଡିଆରେ ଖେଳୁଥିବା ବେଳେ ଦୋକାନକୁ ସାମଗ୍ରୀ କିଣିବାକୁ ପଠାଇ ପୀଡିତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ସେ ଜୋରରେ ପାଟି କରିଥିଲେ ମଧ୍ୟ କେହି ଉଦ୍ଧାର କରିନଥିଲେ। ପରେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଘରକୁ ଆସି ଘଟଣା ବାବଦରେ ପରିବାରଙ୍କୁ ଜଣାଇଥିଲେ। ପରେ ପରିବାରଲୋକେ ସ୍ଥାନୀୟ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ପିଡୀତାଙ୍କର ବୟାନ ରେକର୍ଡ କରିଥିଲା। ଏଥିସହ ପୁଲିସ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ଆଇନଜୀବୀ 'ପୀତବାସ ପଣ୍ଡା' ହତ୍ୟା ମାମଲା

# ଫେରାର୍ ଉମା ଓ କୁରୁପତିଙ୍କ ଲାଷ୍ଟ ଲୋକେସନ୍ ଝାଡ଼ଖଣ୍ଡ

ବ୍ରହ୍ମପୁର, ୩୧।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ଇତି ମଧ୍ୟରେ ବିତିଯାଇଛି ଦୀର୍ଘ ୨୬ଦିନ। ତଥାପି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଓ ସୁପାରି କିଲରଙ୍କ ନିକଟରେ ପହଞ୍ଚିପାରିନି ପୁଲିସ। ଫେରାର୍ ଉମା ବିଶୋୟୀ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କୁରୁପତି ଭୂୟାଁ ସୁପାରି ନେଇ ଗୁଳି କରିଛି। ଘଟଣାରେ ଇତି ମଧ୍ୟରେ ମୋଟ ୧୪ଜଣଙ୍କୁ ଗିରଫ କରିସାରିଛି ପୁଲିସ। ବର୍ତ୍ତମାନ ମଧ୍ୟ ୪ଜଣଙ୍କୁ ନିୟମିତ ବ୍ୟବଧାନରେ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି। ଉଭୟ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟରେ ଓ ରାଜ୍ୟ ବାହାରେ ତନାଘନା ଜାରି ରଖିଥିବା ଜଣାପଡ଼ିଛି। ପୀତବାସ ପଣ୍ଡାଙ୍କୁ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିପାଇଁ ଦୀର୍ଘଦିନରୁ ଯୋଜନା ହୋଇଥିବା ବେଳେ ସେପ୍ଟେମ୍ବର ୩ ତାରିଖ ପରେ ଏହାକୁ ରୂପ ଦେବାକୁ ପ୍ରସ୍ତୁତ ହୋଇଥିଲା ବ୍ଲୁ-ପ୍ରିଣ୍ଟ। ତେବେ ଏହା ପଛରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅନେକ କାରଣ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ଜେରା କରିବା ସମୟରେ ସେମାନଙ୍କ ସ୍ୱୀକାରୋକ୍ତି ପରେ ବହୁ ତଥ୍ୟ ପଦାକୁ ଆସିଥିବା କହିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ। ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ବୃତ୍ତିଗତ, ରାଜନୈତିକ ଏବଂ ବ୍ୟବସାୟିକ ଆଦି ବିଭିନ୍ନ କାରଣର କିଛି ନା କିଛି ଲିଙ୍କ୍ ରହିଛି। ଜେରା ସମୟରେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବୟାନ ଆଧାରରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ଫେରାର୍ ଉମା ଓ କୁରୁପତିଙ୍କ ଗିରଫ ପରେ ହତ୍ୟାକାଣ୍ଡ ସମ୍ପର୍କିତ ଅଧିକ କିଛି ତଥ୍ୟ ମିଳିବ ବୋଲି ଆଶା ରଖିଛି ପୁଲିସ।

ଗୁଳିକାଣ୍ଡ ପରେ ଟିଣ୍ଟୁ ପ୍ରଧାନ ଓ ସୁପାରିକିଲର୍ କୁରୁପତି ଭୂୟାଁ ବାଇକ୍‌ରେ ପୁରୁଷୋତ୍ତମପୁର ଦେଇ ୧୬ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ରାମେଶ୍ୱର ଛକ ପରେ ଭୁବନେଶ୍ୱର ଓ ପୁରୀ ଚାଲିଯାଇଥିଲେ। ପୁରୀରୁ ଟିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରି ଯାଇଥିବା ବେଳେ କୁରୁପତି ଜୟପୁର ଯାଇଥିଲା। ଜୟପୁରରେ ପୂର୍ବରୁ ଅପେକ୍ଷା କରିଥିବା ଉମା ବିଶୋୟୀ ସହ କୁରୁପତିର ସାକ୍ଷାତ ହୋଇଥିଲା। ସୁନୀଲ ହୋତାଙ୍କ ଫାର୍ମହାଉସ୍‌ରେ ଆଶ୍ରୟ ନେବା ପରେ ଉଭୟେ ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିଲେ। ସେମାନଙ୍କର ଲାଷ୍ଟ ଲୋକେସନ ଝାଡ଼ଖଣ୍ଡ ଥିଲା। ସେହିଦିନଠାରୁ ଉଭୟଙ୍କର ଟେର୍ ପାଇପାରୁନି ପୁଲିସ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିନ୍ତା ବଢ଼ାଇଲା...

ସାମ୍ନାକୁ ଆସିଛି। ଏଠାରେ ରହୁଥିବା ପ୍ରତ୍ୟେକ ପରିବାରର ୪ ଜଣରୁ ୩ ଜଣ ଅସୁସ୍ଥ ଅନୁଭବ କରୁଛନ୍ତି। ୭୫ ପ୍ରତିଶତ ଘରେ କେହି ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ବାୟୁମଣ୍ଡଳରେ ଥିବା ବିଷାକ୍ତ ବାୟୁ ଓ ମୌସୁମୀ ଜନିତ ଭୂତାଣୁ ତଥା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣରେ ପୀଡ଼ିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପୂରା ଅଞ୍ଚଳରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ୍ ଓ ଗାଜିଆବାଦ୍‌ରେ ୧୫, ୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗତ ମାସ ମଧ୍ୟରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଅସୁସ୍ଥତା ବୃଦ୍ଧି ପାଇଛି ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ଶେଷ ଆଡକୁ ୫୬ ପ୍ରତିଶତ ପରିବାରେ ଜଣେ କିମ୍ବା ଅଧିକ ଲୋକ ଅସୁସ୍ଥତା ଅନୁଭବ କରୁଥିଲେ। କିନ୍ତୁ ଏବେ ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦିଲ୍ଲୀରେ ଏବେ ୭୫ ପ୍ରତିଶତ ଘରେ ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଛି। ଡାକ୍ତରମାନେ ଏଚ୍‌୩ଏନ୍‌୨ ଇନଫ୍ଲୁଏଞ୍ଜା ଓ ଅନ୍ୟାନ ଭାଇରାଲ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ରିପୋର୍ଟ କରୁଛନ୍ତି। ଲଗାତର ଜ୍ୱର, କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଓ ଥକ୍କାପଣର ଲକ୍ଷଣ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପ୍ରଦୂଷଣ ଦୂର ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି।

### 'ଟାଇମ୍'ର ପ୍ରଭାବଶାଳୀ...

ଗିରଫ କରାଯାଇଥିଲା। ଏବେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ଜୀବନୀ ଓ ସଂଘର୍ଷକୁ ଭିତ୍ତି କରି ଲୋକପ୍ରିୟ ଚଳଚ୍ଚିତ୍ର '୩ ଇଡିୟଟ୍ସ' ନିର୍ମାଣ କରାଯାଇଥିଲା। ତାଙ୍କ ଭୂମିକାରେ ସୁପରଷ୍ଟାର ଅମୀର ଖାନ୍ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ସୋନମ ଦାବି କରିଆସୁଛନ୍ତି। ବିଜେପି ଏହି ମାନ୍ୟତା ଦେବାକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ସେଥିରୁ ଓହରି ଯାଇଛି।

### ଭାରତ-ଆମେରିକା...

ନେବେ ଏବଂ ସମରାଭ୍ୟାସ କରିବେ। ଦୁଇ ଦେଶ ମିଳିତ ଭାବେ ଅସ୍ତ୍ରଶସ୍ତ୍ର, ପ୍ରତିରକ୍ଷା ଉପକରଣ ଏବଂ ନୂଆ ଜ୍ଞାନକୌଶଳ ପ୍ରସ୍ତୁତ କରିବେ। ଆମେରିକା ନିଜର କିଛି ଉନ୍ନତ ପ୍ରତିରକ୍ଷା ଜ୍ଞାନକୌଶଳକୁ ଭାରତ ସହ ସେୟାର କରିବ। ଭାରତ ଏବଂ ଆମେରିକାର ଏଜେନ୍ସିଗୁଡିକ ପରସ୍ପରକୁ ସୁରକ୍ଷା ସମ୍ବନ୍ଧିତ ସୂଚନା ପ୍ରଦାନ କରିବେ। ହେଗସେଥ୍ କହିଥିଲ ଯେ ଏହି ପ୍ରତିରକ୍ଷା ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ମଜବୁତ ହେବ। ଦୁଇ ଦେଶ ମଧ୍ୟରେ ସମନ୍ୱୟ, ମିଳିତ ସୂଚନା ପ୍ରଦାନ ଏବଂ ଜ୍ଞାନକୌଶଳ ସହଯୋଗରେ ନୂଆ ଯୁଗ ଆରମ୍ଭ ହେବ। ଏହି ଚୁକ୍ତି ପାଇଁ ରାଜନାଥ ତାଙ୍କ ସମକକ୍ଷ ହେଗ୍‌ସେଥଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ମଧ୍ୟରୁ ଅନ୍ୟତମ। ଦୁଇ ଦେଶ ପରସ୍ପରକୁ ଭରସା କରନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଏବଂ ଶାନ୍ତି ଚାହାନ୍ତି। ଏହା ଦ୍ୱାରା ଭାରତର 'ଆକ୍ଟ ଇଷ୍ଟ ପଲିସି'କୁ ବଳ ମିଳିବ।

### ମୁଁ ଆସୁଛେଁ...

ଆପଣମାନେ ଖୁସି ତ?" ନବୀନଙ୍କ ଏହି ବାର୍ତ୍ତା ପରେ ସାରା ନୂଆପଡ଼ାରେ ବିଜେଡି ଶିବିରରେ ଉତ୍ସାହ ଭରିଯାଇଛି। ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିବା ସହିତ ନବୀନଙ୍କ ଗସ୍ତକୁ ସାରା ନୂଆପଡ଼ାବାସୀ ଚାହିଁ ରହିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୩ ତାରିଖରେ କୋମନାରେ ଜନସଭାକୁ ସମ୍ବୋଧିତ କରିବେ ଓ ଆସନ୍ତା ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ଼ ପର୍ଯ୍ୟନ୍ତ ଏକ ବିଶାଳ ରୋଡ଼ଶୋ' କରିବେ। ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ପଟ୍ଟନାୟକ ୨୦୨୪ ଫେବ୍ରୁଆରୀ ମାସରେ ନୂଆପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ପାଇଁ ୪୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାର ପରିବର୍ତ୍ତନ ପରେ ଏହାମଧ୍ୟରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ପରିବର୍ତ୍ତେ ଏବର ସରକାର ପ୍ରଚଳନ କରିଥିବା ବିକଶିତ ଗାଁରେ ମିଳିଥିବା ନାମମାତ୍ର ଅନୁଦାନ ବି ଏଯାଏ ପହଞ୍ଚିନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଏବେ ବି ଲୋକପ୍ରିୟତାରେ ନବୀନ ଏକ ନମ୍ବର ନେତା ଭାବେ ଗଣା ହେଉଥିବା ବେଳେ ନବୀନଙ୍କ ଆଗରେ ବିରୋଧୀଙ୍କ କୌଣସି କୌଶଳ କାମ ଦିଏନି। ଏଥର ମଧ୍ୟ ନବୀନଙ୍କ ଗସ୍ତ ନୂଆପଡ଼ାରେ ବିଜେପି ଓ କଂଗ୍ରେସର ଖେଳ ବିଗାଡ଼ିଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଅଙ୍କ କଷିଛନ୍ତି। ନୂଆପଡ଼ାର ବିକାଶରେ ନବୀନଙ୍କ ଅନେକ ଅବଦାନ ରହିଛି। ବିଶେଷ ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ସାଜିଥିବା ବେଳେ ଏହା ନବୀନଙ୍କର ହିଁ ଅବଦାନ। ତେଣୁ ନବୀନଙ୍କ ଗସ୍ତରେ ନୂଆପଡ଼ାରେ ବିଜେଡି ଆହୁରି ଶସକ୍ତ ହେବାର ସମ୍ଭାବନା ରହିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ଭୋଟ୍ ପଡ଼ିବ। ଏହାର ୪୮ ଘଣ୍ଟା ଅର୍ଥାତ ୯ ତାରିଖ ସନ୍ଧ୍ୟାରେ ଏଠାରେ ପ୍ରଚାର ସରିବ। ତେଣୁ ସବୁ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାମକୁ ଜୋରଦାର କରିଛନ୍ତି। ସଭା ସମିତି ସାଙ୍ଗକୁ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ମାଗୁଛନ୍ତି।

### କିଛି ପାଇଲାନି...

ବିଧାୟକ ଘଡ଼ାଇ ଏକ ଭଡା ଘରେ କ୍ୟାମ୍ପ କରି ରହୁଛନ୍ତି। ଶ୍ରୀ ଘଡ଼ାଇଙ୍କ ଉକ୍ତ ଭଡଡ଼ା ଘରେ ହଠାତ୍ ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ପହଞ୍ଚିଥିଲା ସେତେବେଳେ ଘଡେଇ ନଥିବାବେଳେ ତାଙ୍କର ଜଣେ ସହଯୋଗୀ ଗେଟ ଖୋଲି ଦେଇଥିଲେ। ଟିମ ଘରର ଛାନ ଭିନ୍ କରିଥିଲେ ହେଁ କୌଣସି ବେଆଇନ ଜିନିଷ ପତ୍ର କି ଟଙ୍କା ପାଇ ନଥିଲେ। ଖବର ପାଇ ବିଜେଡି ସମର୍ଥକମାନେ ଆସି ଟିମ୍ ପୁଲିସର କାର୍ଯ୍ୟଧାରାକୁ ବିରୋଧ କରିଥିଲେ। ବିନା କୌଣସି ସର୍ଚ୍ଚ ୱାରେଣ୍ଟରେ କାହିଁକି ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ମାଜିଷ୍ଟ୍ରେଟ ନାଏକଙ୍କୁ ପଚାରିବାରେ ଏଥି ପାଇଁ କୌଣସି ସର୍ଚ୍ଚ ୱାରେଣ୍ଟର ଆବଶ୍ୟକତା ନାହିଁ। ସି-ଭିଜିଲ ପୋର୍ଟାଲରେ ଅଭିଯୋଗ ପାଇ ଆମେ ତଦନ୍ତ କରିଥିଲୁ କିଛି ମିଳିନଥିଲା ବୋଲି କହିଛନ୍ତି।

### ବେଆଇନ୍ କାର୍ଯ୍ୟକୁ...

ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ନିର୍ବାଚନ ପ୍ରଚାରର ତଦାରଖ ଦାୟିତ୍ୱ ଦିଆଯାଇଛି। ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସେ ଆଇନଗତ ଭାବେ ସେଠାରେ ଏକ ଭଡ଼ା ଘରେ ରହୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମାତ୍ର ନୂଆପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁଲିସ ସହିତ ଶ୍ରୀ ଘଡ଼ାଇଙ୍କ ବାସଭବନରେ ବିନା ସର୍ଚ୍ଚ ୱାରେଣ୍ଟେ ଚଢାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେହି ଘରୁ କୌଣସି ଅପରାଧିକ ସାମଗ୍ରୀ ମିଳି ନାହିଁ। ଏହି ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା ଏବଂ ଦଳର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ପରେ ସେଠାରୁ ସେମାନେ ଚାଲିଯାଇଥିଲେ। ବିଜେଡି କହିଛି ଯେ ଗତ ୨୭ ତାରିଖରେ ଦଳ ତରଫରୁ ନୂଆପଡା ଜିଲ୍ଲାପାଳ ଏବଂ ଏସ୍ପିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଏକ ଦାବିପତ୍ର ଦିଆଯାଇଥିଲା। ଦଳ ସେତେବେଳେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହ ସେମାନେ ବିଜେପି ସରକାର ଦ୍ୱାରା ପ୍ରଭାବିତ ହୋଇ ବିଜେପି ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଥିଲା। ଦୁର୍ଭାଗ୍ୟବଶତଃ ସେବେଠାରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ କ୍ଷମତାର ଅଧିକ ଅପବ୍ୟବହାର ହୋଇଛି। ଏଥିରେ ଉପରୋକ୍ତ ଚଢ଼ାଉ ଅନ୍ତର୍ଭୁକ୍ତ ରହିଛି ଓ ଏହାଦ୍ୱାରା ଶ୍ରୀ ଘଡ଼ାଇଙ୍କ ସମେତ ବିଜେଡି କର୍ମୀମାନଙ୍କୁ ଲଜ୍ଜିତ କରିବାକୁ ଚେଷ୍ଟା କରାଯାଇଛି। ଏହି ଆଚରଣ ଦ୍ୱାରା ବିଜେଡି କର୍ମୀମାନେ ଗଭୀର ଭାବେ ନିରୁତ୍ସାହିତ ହୋଇଛନ୍ତି ଓ ଏହି ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି। ଏଭଳି ଦୁଃସାହସ ଦ୍ୱାରା ହୋଇଥିବା କ୍ଷତି ଅପୂରଣୀୟ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

### ବ୍ରହ୍ମପୁର ଏସପିଙ୍କୁ...

ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କରିଲେ ସେ ସମ୍ପର୍କରେ ଏସପି ସ୍ପଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରାନଯିବ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଏହି ସ୍ପଷ୍ଟୀକରଣ ଅଦାଲତରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଆବେଦନକାରୀଙ୍କ ଆଇନଜୀବୀ ମଧ୍ୟ ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ ଏସପିଙ୍କ ସାମ୍ବାଦିକ ସମ୍ମିଳନୀର ଭିଡିଓ ଉପଲବ୍ଧ ରହିଛି ଯେଉଁଥିରେ ଏସପି ଏହି ନିର୍ବାଚନୀ ମକଦ୍ଦମା ଫଳାଫଳ ସମ୍ପର୍କରେ ମନ୍ତବ୍ୟ ଦେଉଥିବା ଦେଖାଯାଇଛି। ସେହିଭଳି ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ହତ୍ୟା ଘଟଣାର ତଦନ୍ତ ସମୟରେ ହତ୍ୟା ଅଭିଯୁକ୍ତ ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସଙ୍କ ମଧ୍ୟରେ ସାଧାରଣ ସଂଯୋଗ ଭାବେ ଏହି ନିର୍ବାଚନୀ ମକଦ୍ଦମା ଉଭା ହୋଇଥିଲା ବୋଲି ଏସପି କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲତି ଫିକୁ ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି କହିଥିବା ଗଣମଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଅନ୍ୟପଟରେ ନିର୍ବାଚନୀ ମକଦ୍ଦମାର ଆବେଦନକାରୀ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି, ସେଠାରେ ୨୪ ତାରିଖ ପର୍ଯ୍ୟନ୍ତ ଅଟକ ରଖି ବିଧାୟକ କେ.ଅନୀଲ କୁମାରଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ। ପ୍ରକାଶଥାଉକି ଏହି ପ୍ରସଂଗରେ ଗତ ଶୁଣାଣି ବେଳେ ଏସପିଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ.ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ସମଗ୍ର ଘଟଣାବଳୀ ସମ୍ପର୍କରେ ଅବଗତ କରିବା ସହ ସୁରକ୍ଷା ଓ ଏସପିଙ୍କୁ ସ୍ପଷ୍ଟୀକରଣ ପାଇଁ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆସନ୍ତା ୭ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

### ମଜୁରି ଦେଉନାହାନ୍ତି...

କର୍ମ ନିଯୁକ୍ତି ଯୋଜନା ସୃଷ୍ଟି କରାଯାଇଥିଲା। ସେହିଦିନଠାରୁ ଏମଏନଆରଜିଏ ଯୋଜନାରେ ବିଭିନ୍ନ ସମୟରେ ଦୈନିକ ମଜୁରୀରେ ପରିବର୍ତ୍ତନ ଘଟି ବର୍ତ୍ତମାନ ପଞ୍ଚାୟତସ୍ତରରେ ଜବ୍‌କାର୍ଡଧାରୀଙ୍କୁ ଦୈନିକ ୨୭୩ଟଙ୍କା ମଜୁରୀରେ ଶ୍ରମିକଙ୍କୁ ସରକାର କାମ କରାଉଛନ୍ତି। ନିୟମ ମୁତାବକ, କାର୍ଯ୍ୟ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ସେମାନଙ୍କ ମଜୁରୀ ଡିବିଟି ଜରିଆରେ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ, ଖଟିଖିଆ, ଦିନମଜୁରିଆ ଲୋକଙ୍କୁ ସରକାର କାମରେ ଲଗାଇ ପାଖାପାଖି ଦେଢ଼ ମାସ ହେବ ସେମାନଙ୍କ ପାଉଣା ନ ଦେବା ଶ୍ରମିକମହଲରେ ଅସନ୍ତୋଷ ସୃଷ୍ଟି କରିଛି।

ସରକାରୀ ଏମଜିଏନଆରଜିଏ ୱେବସାଇଟ୍ ତଥ୍ୟ ମୁତାବକ, ଜଳେଶ୍ୱର ବ୍ଲକରେ ସେପ୍ଟେମ୍ବର ୨୦ତାରିଖରୁ ଶ୍ରମିକଙ୍କୁ ମଜୁରୀ ମିଳି ନଥିବା ବେଳେ ଅନ୍ୟ ୧୧ଟି ବ୍ଲକ୍‌ରେ ମଧ୍ୟ ସେପ୍ଟେମ୍ବର ୨୨ରୁ ଶ୍ରମିକଙ୍କୁ ମଜୁରୀ ମିଳିନି। ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୧୨ଟି ବ୍ଲକରେ ଆଜି ସୁଦ୍ଧା ୩୦,୭୯୦ଜଣ ଶ୍ରମିକଙ୍କର ୬ କୋଟି ୭୩ ଲକ୍ଷ ୧୪ ହଜାର ୫୩୩ ଟଙ୍କା ବକେୟା ରହିଛି। ଏ ସଂପର୍କରେ ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ କହିଛନ୍ତି, ମନରେଗା ଯୋଜନା କେନ୍ଦ୍ର ସରକାରଙ୍କ। ସରକାରଙ୍କଠାରୁ ଟଙ୍କା ଆସିଲେ ଶ୍ରମିକଙ୍କୁ ଦିଆଯିବ। ଉଲ୍ଲେଖଯୋଗ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୦୫ର ସିଡ୍ୟୁଲ ୨, ପାରାଗ୍ରାଫ ୨୯ (୧) ମୁତାବକ ମଷ୍ଟର ରୋଲ ସରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ମଜୁରି ଦେଇନଥିଲେ ଶ୍ରମିକଙ୍କୁ ୧୬ ଦିନରୁ ପ୍ରତି ଦିନ ୦.୦୫ ପ୍ରତିଶତ ହାରରେ ଦେୟ ସୁଧ ଶ୍ରମିକଙ୍କୁ ଦିଆଯିବାର ନିୟମ ରହିଛି। ନିୟମ ମୁତାବକ ଶ୍ରମିକଙ୍କୁ ତୁରନ୍ତ ସେମାନଙ୍କର ମଜୁରୀ ସହ ମଜୁରୀର ବିଳମ୍ବ ସୁଧ ପ୍ରଦାନ କରିବାକୁ ଦାବି ହୋଇଛି।

**AFFIDAVIT**
I, Pramodini Mohanty, W/o-Geetiranjan Mohanty, resident of At/Po- Kalyani Nagar, PS-Madhupatna, District- Cuttack, Pin-753013, Odisha declare by this affidavit No.- 2489 dated 31/10/2025 that now onwards I shall be known as **Shruti Mohanty** for all future purposes.

**AFFIDAVIT**
I, Rajakishore Mohanty, S/o Ganeswar Mohanty, resident of AT/PO-Kalyani Nagar, PS-Madhupatna, District- Cuttack, Pin-753013, Odisha declare by this affidavit No.- 2488 dated 31/10/2025 that now onwards I shall be known as **Braja Kishore Mohanty** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**Notice**
**(Above 18 years of age)**
By Virtue of an Affidavit sworn before the Executive Magistrate, Udala, Mayurbhnaj, dated 30.10.2025, I, Umakanta Sahu, Address At/ Po- Dhanghera , Ps-Udala, Dist- Mayurbhanj, Pin-757087 declare that I have changed my name Sipu Sahu to Umakanta Sahu. Henceforth I shall be known as **Umakanta Sahu** for all purposes.
**Umakanta Sahu**

**AFFIDAVIT**
By virtue of an Affidavit before Notary Public, Malkangiri, **I, Rinku Dhali**, aged about 24 years, W/o.: Dhananjaya Dhali, D/o.: Ramababu Biswas, resident of Village: M.P.V-77, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1635/2025, Dated: 30.10.2025 that I have changed my name from Rinku Biswas to **Rinku Dhali.** Henceforth I shall be known as **Rinku Dhali** for all future purposes.

**AFFIDAVIT**
I, Mira Das, W/O-Nirmal Kumar Mohakud, resident of staff Qtrs-S/18, KIMS Campus-5, KIIT, Patia, Bhubaneswar-24, Odisha, declare by this affidavit no.-381, Dated. 11.10.2025 that, now onwards I shall be known as **Mirabai Das** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, **I, Ananda Madhi**, aged about 23 years, S/o.: Beera Madhi, resident of Village: Kurub, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1655/2025, Dated: 30.10.2025 that I have changed my name from Adama Madi to **Ananda Madhi.** Henceforth I shall be known as **Ananda Madhi** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapan Ranjan Sahoo, S/o- Pramod Kumar Sahoo, At- Chakamadhupr, P.O.-Madhupr, P.S.-Mahanga, Dist.-Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapan Ranjan Sahoo**

**AFFIDAVIT**
I Kanduru Majhi, At-Kailashchandrapur, Budhikhamari, Dist - Mayurbhanj, Odisha, Pin - 757029 declared by affidavit before in The court of Executive Magistrate Baripada, Si No -1495, dtd - 15/09/2025 that my actual name is KANDURU MAJHI, S/O RUHYA MAJHI which is mentioned in my Aadhaar card and voter card.That my name wrongly mentioned as KANDRU MAJHI SRIDHAR S/O RUHIA MAJHI in my Driving License No - OR1120000006889. That I declared that KANDURU MAJHI, S/O RUHYA MAJHI and KANDRU MAJHI SRIDHAR, S/O RUHIA MAJHI is same and one person for all purpose.
**Sd/- Kanduru Majhi**

**AFFIDAVIT**
By virtue of an affidavit (CF No. 43) sworn before The Executive Magistrate, Bhubaneswar dated- 29/10/2025. I, **Deepti Verma,** W/o Amar Verma, Address: Plot No. 5/280, Gopinathpur, Ghodapadiya, Near Ruchika Restaurant, Dhauli, Bhubaneswar, Dist-Khordha, PIN- 751012, Odisha declare that I have changed my name from **Deepti Singh Bhadauriya** to **Deepti Verma.** Henceforth, I shall be known as **Deepti Verma** (new name) for all purposes.
**Deepti Verma**

**ପୂର୍ବ ତଟ ରେଳପଥ**
**ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ ନିଦାନ କେନ୍ଦ୍ର(Diagnostic Centre)/ ଚିକିତ୍ସାଳୟଗୁଡ଼ିକର ସୂଚୀକରଣ ନିମନ୍ତେ ଆଗ୍ରହର ପରିପ୍ରକାଶ**
ସଂ. ECoR/MD/CH/BBS/Radiology/Tie-up/775, ତା.24.10.2025ରିଖ
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର(BBS) ହେଉଛି 110 ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ଯେ କି ମୋଟ୍ 4,670 ରେଳ କର୍ମଚାରୀ, ସେମାନଙ୍କ ଆଶ୍ରିତ, 4030 RELHS କର୍ମଚାରୀ, ସେମାନଙ୍କ ଆଶ୍ରିତ ତଥା ମଣ୍ଡଳଗୁଡ଼ିକରୁ ସନ୍ଦର୍ଭିତ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି। ନିୟମିତ ଭାବେ ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱରରେ ମଧ୍ୟ ଏକ ଏକ୍ସ-ରେ(Ex-Ray) ଏବଂ USG ୟୁନିଟ୍ କାର୍ଯ୍ୟ କରୁଛି। ଅନୁବନ୍ଧିତ ରିଫେରାଲ (Referral) ଚିକିତ୍ସାଳୟଗୁଡ଼ିକରୁ ଉଚ୍ଚ କ୍ଷମତା ସମ୍ପନ୍ନ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ ନିମନ୍ତେ ଚିକିତ୍ସାଳୟ ତରଫରୁ ଯୋଜନା କରାଯାଇଛି।
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର "ରେଳବାଇ ବୋର୍ଡ ପତ୍ର ସଂ. 2011/H/6-4/policy, ତା.03.02.2015ରିଖ ଅନୁଯାୟୀ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ କାର୍ଯ୍ୟରେ ମାନକ ପରିଚାଳନା କାର୍ଯ୍ୟ ପ୍ରକ୍ରିୟା(Standard Operation Procedure)" ସମ୍ବନ୍ଧରେ ରେଳବାଇ ବୋର୍ଡ ମାର୍ଗଦର୍ଶିକା ଅନୁଯାୟୀ ରେଳବାଇ ହିତାଧିକାରୀମାନଙ୍କୁ ଉପରୋକ୍ତ ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟମାନଙ୍କ ସୂଚୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି।
ଉପରୋକ୍ତ ସେବା ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର ସହିତ ପାରସ୍ପରିକ ବୁଝାମଣାପତ୍ର (Mutual Agreement)ରେ ଅଂଶଗ୍ରହଣ ନିମନ୍ତେ ଇଚ୍ଛୁକ ଭୁବନେଶ୍ୱର ସ୍ଥିତ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟଗୁଡ଼ିକ ଠାରୁ ଜଉମୁଦା ଦରଖାସ୍ତ କରିଆରେ ଆଗ୍ରହର ପରିପ୍ରକାଶ(EOI) ଆମନ୍ତ୍ରଣ କରୁଛି।
ଉପରୋକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ସୂଚୀକରଣ ପାଇଁ ଇଚ୍ଛୁକ ଥିବା ସେଣ୍ଟର/ଚିକିତ୍ସାଳୟଗୁଡ଼ିକ ନିର୍ଦ୍ଧାରିତ ନଥିପତ୍ର ସହିତ ଏକ ଜଉମୁଦା ଲଫାଫାରେ ତା.28.11.2025 ରିଖ 1700 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଙ୍କ କାର୍ଯ୍ୟାଳୟରେ ଆଗ୍ରହର ପରିପ୍ରକାଶ(EOI) ଦାଖଲ କରିପାରିବେ।
ସ୍ପଷ୍ଟୀକରଣ ନିମନ୍ତେ ଦୟାକରି ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ହସ୍ପିଟାଲ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇ-ମେଲ : medicaldirector8@gmail.com ଙ୍କ ସହିତ ଯୋଗାଯୋଗ କରନ୍ତୁ।
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in → Tenders → Expression of interest ଅବଲୋକନ କରନ୍ତୁ।
PR-742/Q/25-26 | ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼




ଖଇରା, ୩୧।୧୦ (ସମିସ): ଖଇରା ପୁଲିସ ପକ୍ଷରୁ ରନ ଫର ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଆୟୋଜିତ ହୋଇଛି ଗଣଦୌଡ ତଥା ରାଷ୍ଟ୍ରୀୟ ଏକତା ଦିବସରେ ରନ ଫର ୟୁନିଟି କାର୍ଯ୍ୟକ୍ରମକୁ ଖଇରା ଥାନାରେ ଆଇଆଇସି ଶୁଚନ୍ଦ୍ର କୁମାର ମହାଳିକଙ୍କ ନେତୃତ୍ୱ ଖଇରା ବ୍ଲକଠାରୁ ଖଇରା କଲେଜ ପର୍ଯ୍ୟନ୍ତ ଏକ ଗଣ ଦୌଡ଼ ଆୟୋଜିତ ହୋଇଥିଲା। ଖଇରା ଥାନା ର ଏସଆଇ ତପନ ଜେନା ସମେତ ଥାନାର ସମସ୍ତ କର୍ମଚାରୀ, ସାମ୍ବାଦିକ ଓ ବ୍ୟବସାୟୀ ମାନେ ସାମିଲ ହୋଇଥିଲେ।

ଭୋଗରାଇ : ଭୋଗରାଇ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣ ଦୌଡରେ ପ୍ରଥମେ ଭୋଗରାଇ ଥାନା ସମ୍ମୁଖରୁ ବାହାରି ଥାନାଛକ ପରିକ୍ରମା କରିବା ପରେ ଆନନ୍ଦବଜାର ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ କୁମ୍ଭାରମୂଳୀ ସମିତି ସଦସ୍ୟ ଆଶିଷ ପାତ୍ର, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ଏଏସଆଇ ବୁଦ୍ଧିଆ ମୁର୍ମୁ, ଲକ୍ଷ୍ମୀପାଟଣା ଫାଣ୍ଡି ଅଧିକାରୀ ଗତିକୃଷ୍ଣ ଜେନା, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏହି ଗଣ ଦୌଡରେ ଅଂଶଗ୍ରହଣ କରିଥିଲେ।

ନୀଳଗିରି: ନୀଳଗିରି ବରହମପୁର ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ଅବସରରେ ଏହି ଗଣଦୌଡ଼ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ବସଷ୍ଟାଣ୍ଡ ଛକ ନିକଟରେ ପହଞ୍ଚିଥିଲା। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ବହରମପୁର ଥାନା ଆଇଆଇସି ପ୍ରେମଦା ନାୟକଙ୍କ ନେତୃତ୍ୱରେ ଆୟୋଜିତ ଗଣଦୌଡ଼ରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

# ପ୍ଲାଷ୍ଟିକ ପାଇପ୍ ଚୋରି ଅଭିଯୋଗ; ଜଣେ ଗିରଫ

ବୈଶିଙ୍ଗା, ୩୧।୧୦(ସମିସ): ବୈଶିଙ୍ଗା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ପାଇଁ ଗଚ୍ଛିତ ରହିଥିବା ମୂଲ୍ୟବାନ ପ୍ଲାଷ୍ଟିକ ପାଇପ ଚୋରି ଅଭିଯୋଗରେ ଜଡିଡା ଗ୍ରାମର ମନୋରଞ୍ଜନ ବେହେରାଙ୍କ ପୁଅ ନିଲୁ ଔରଫ ସୁବାସ ଚନ୍ଦ୍ର ବେହେରାକୁ ପୁଲିସ ଗିରଫ କରିଛି। ତାଙ୍କ ଘରୁ ୧୮ ଖଣ୍ଡ ପାଇପ ଜବତ କରିଛି ପୁଲିସ। ସୂଚନା ଅନୁଯାଇ ମେର୍ଦାନୂଆଗାଁ ଗ୍ରାମର ଜନୈକ ଠିକାଦାର ରାଜକିଶୋର ସାମଲ ମେଗା ପାନୀୟ ଜଳ ପ୍ରକଳ୍ପରେ କାମ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉକ୍ତ କାମରେ ବ୍ୟବହୃତ ପ୍ଲାଷ୍ଟିକ ପାଇପ ସବୁ ଗଚ୍ଛିତ ରଖିଛନ୍ତି। ତେବେ କିଛିଦିନ ଧରି ଜଡିଡା ଅଞ୍ଚଳରେ ଗଚ୍ଛିତ ବିଭିନ୍ନ ସ୍ଥାନରୁ ବାରମ୍ବାର ପାଇପ ଚୋରି ହୋଉଥିବାର ସେ ଜାଣିବାକୁ ପାଇଥିଲେ। ଏ ନେଇ ଅନୁସନ୍ଧାନ କରି ସେ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ କି ନିଲୁ ବିଭିନ୍ନ ସମୟରେ ଏକାଧିକ ପାଇପ ଚୋରି କରିବା ସହିତ ସେସବୁକୁ ନେଇ ନିଜ ଘର ଛାତ ଉପରେ ଲୁଚାଇ ରଖିଛି। ରାଜକିଶୋର ଥାନାରେ ଲିଖିତ ଅଭିଯୋଗ ଦେବାପରେ ଏଏସଆଇ ଲମ୍ବୋଦର ବାରିକ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ନିଲୁ ଘର ଛାତ ଉପର ସମେତ ସେ ବିଲରେ ପୋତି ଲୁଚେଇ ରଖିଥିବା ୧୮ ଟି ପାଇପ ଜବତ କରିଥିଲେ। ଅଭିଯୁକ୍ତ ନିଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଭୋଗରାଇ ବ୍ଲକ୍‌ରେ ବ୍ୟାପୁଛି ଭୂତାଣୁଜନିତ ଜ୍ୱର

# ଆୟୁଷ ବିଭାଗକୁ ୩ ବର୍ଷ ହେଲା ଆସୁନି ଔଷଧ

ବାଲେଶ୍ୱର(ଉତ୍ତର), ୩୧।୧୦ (ସମିସ)




ରାଜ୍ୟର ଅନ୍ୟତମ ଜନସଂଖ୍ୟା ବହୁଳ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ଲୋକସଂଖ୍ୟା ସାଢେ ୩ ଲକ୍ଷରୁ ଉର୍ଦ୍ଧ ରହିଛି। ଏଭଳି ସ୍ଥିତିରେ କମର୍ଦ୍ଦା ଓ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ରହିଥିବାବେଳେ ଚନ୍ଦନେଶ୍ୱର, ଶ୍ରଦ୍ଧାପୁର, ଜଳସୋହରିଆ, ନିମାତପୁର, ଜୟରାମପୁର, ଭୋଗରାଇ, ଦେଉଳା, ଦହମୁଣ୍ଡାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶଙ୍ଖାରୀ, ପୁରୁଷୋତ୍ତମପୁର, ସୁଖିଷଣ୍ଡାରେ ହୋମିଓପାଥିକ ଓ ଗୋପୀନାଥପୁର ଏବଂ ମୁଣ୍ଡାବଣିଆ ଗ୍ରାମରେ ଆୟୁର୍ବେଦିକ ଚିକିତ୍ସାଳୟର ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏହି ସବୁ ଚିକିତ୍ସାଳୟକୁ ଦୈନିକ ସହସ୍ରାଧିକ ଭାଇରାଲ ଜ୍ୱର ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଭିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ନର୍ସଙ୍କ ମନମାନୀ ଯୋଗୁଁ ସ୍ୱାସ୍ଥ୍ୟ ସେବା ବିଗିଡ଼ିବାରେ ଲାଗିଛି।

ସରକାରୀ ନିୟମକୁ ଉଲ୍ଲଂଘନ କରି କେତେକ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନେ ଠିକ ସମୟରେ ନ ଆସି ଦାୟିତ୍ୱରେ ଅବହେଳା କରୁଥିବାର ଅଭିଯୋଗ ହେଉଛି। ଋତୁ ପରିବର୍ତ୍ତନ, ଜଳବାୟୁ ପ୍ରଦୂଷଣ, ଲଗାତାର ବର୍ଷା, ପାନୀୟଜଳର ପରୀକ୍ଷା ନ ହେବା ଯୋଗୁଁ ଭୋଗରାଇରେ ଥଣ୍ଡା ଜ୍ୱର, ଆନ୍ତ୍ରିକ ଜ୍ୱର, ଝାଡା ବାନ୍ତିର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ମହାମାରୀ କରୋନା ୨୦୨୨ ମସିହା ପରେ ସରକାରୀ ଡାକ୍ତରଖାନାକୁ ପାଶ୍ୱର୍ ପ୍ରତିକ୍ରିୟା ବିହୀନ ଆୟୁର୍ବେଦିକ ଔଷଧ ଆସୁ ନ ଥିବାବେଳେ ଆୟୁଷ ଡାକ୍ତରମାନେ ବାଧ ହୋଇ ପ୍ରେସକ୍ରିପସନରେ ଏଲୋପାଥିକ ଔଷଧ ଲେଖୁଛନ୍ତି। ବିଧାୟକ ଗୌତମ ବୁଦ୍ଧ ଦାସ ଗତ ବିଧାନସଭାରେ ଭୋଗରାଇରେ ସ୍ୱାସ୍ଥସେବା ବିପର୍ଯ୍ୟସ୍ତ ସମ୍ପର୍କରେ ପ୍ରଶ୍ନ ରଖିଥିବାବେଳେ ସ୍ୱାସ୍ଥ୍ୟ ପରିବାର ଓ କଲ୍ୟାଣ ମନ୍ତ୍ରୀଙ୍କୁ କମର୍ଦ୍ଦା ଓ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ବିଭାଗର ବିଶେଷଜ୍ଞ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରାଯିବା ସହ ଅଲଟ୍ରାସାଉଣ୍ଡ, ଏମଆରଆଇ, ସିଟି ସ୍କାନ ଦାବି ପ୍ରତି ଗୁରୁତ୍ୱ ଦେବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି ତାହା ପୂରଣ ହୋଇ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ରୋଗୀଙ୍କ ନିମନ୍ତେ ଆବଶ୍ୟକୀୟ ସୁବିଧା ନ ଥିବାରୁ ଭୋଗରାଇ ଜନସାଧାରଣ ୧ ଶହରୁ ଉର୍ଦ୍ଧ ଦୂରତା ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଖର୍ଚ୍ଚାନ୍ତ ଓ ନୟାନ୍ତ ହେଉଥିବାର ଅଭିଯୋଗ ହେଉଛି। ଏପରିକି ଭୋଗରାଇ ୨ ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ, ନାକ, ଗଳା, କାନ ଓ ଦନ୍ତ ଡାକ୍ତର ନିଯୁକ୍ତି କରିବା, ସିଜରିଂ ବ୍ୟବସ୍ଥା, ଅଧିକ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦେବା ଦାବିନେଇ ବିଧାୟକ ସମେତ ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସାମାଜିକ କର୍ମୀ ହରନାରାୟଣ ରାଉତ ଓ ମୁକେଶ ଦଲାଇ ସହ ବିଭିନ୍ନ ଗଣସଂଗଠନର ନେତୃବୃନ୍ଦ ରାଜ୍ୟସରକାର ଠାରେ ବାରମ୍ବାର ଦାବି ଉପସ୍ଥାପନ କରିଥିବାବେଳେ ତାହା ପୂରଣ ହୋଇପାରି ନାହିଁ। ଅପରପକ୍ଷରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିକରଣ କରାଯିବାକୁ ନେଇ ଭୋଗରାଇ ମେଡିକାଲ କ୍ରିୟାନୁଷ୍ଠାନ କମିଟି ଦୀର୍ଘଦିନର ଆନ୍ଦୋଳନ ଓ ଦାବିକୁ ସରକାର ଅଣଦେଖା କରିଥିବାରୁ ପୁଣି ଏକ ବଡଧରଣର ଆନ୍ଦୋଳନ ନିମନ୍ତେ କ୍ରିୟାନୁଷ୍ଠାନ କମିଟି ସଜବାଜ ହେଉଥିବାର ସୂଚନା ମିଳିଛି।

# ଜଗଦ୍ଧାତ୍ରୀ ପୂଜା ପାଇଁ ବାରିପଦା ସହର ଚଳଚଞ୍ଚଳ



ବାରିପଦା, ୩୧।୧୦(ସମିସ): ଜଗଦ୍ଧାତ୍ରୀ ପୂଜା ପାଇଁ ବାରିପଦା ସହର ଚଳଚଞ୍ଚଳ ହୋଇଉଠିଛି। ବାରିପଦା ସହରର ପ୍ରସିଦ୍ଧ ଭଞ୍ଜପୁରର ସାର୍ବଜନୀନ ମା' ଜଗଦ୍ଧାତ୍ରୀଙ୍କ ପୂଜା ସମେତ ୪ଟି ସ୍ଥାନରେ ମା' ପୂଜା ପାଉଛନ୍ତି। ଭଞ୍ଜପୁରରେ ଏହି ପୂଜା ୭୩ ବର୍ଷରେ ପହଞ୍ଚିଛି। ଚିପଟ ନଦୀରୁ ଘଟ ଉତ୍ତୋଳନ ପରେ ବିଶାଳ ଶୋଭାଯାତ୍ରାରେ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ଅବସରରେ ନଭେମ୍ବର ୩ରୁ ୧୦ଦିନ ପାଇଁ ପ୍ରସିଦ୍ଧ ମେଳା ଆରମ୍ଭ ହେବ। ତେଲେଙ୍ଗାନାର ସଚିବାଳୟ ସଦୃଶ୍ୟ ଅବିକଳ ମେଢ଼ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହୋଇଛି। ସେହିପରି ସ୍ଥାନୀୟ ଦେଉଳସାହିର ଏହି ପୂଜା ୮୫ବର୍ଷରେ ପଦାର୍ପଣ କରିଛି। ଅଁଳାନବମୀରେ ବୁଢ଼ାବଳଙ୍ଗ ନଦୀର ବୁଢ଼ାରାଉଳ ମଠ ସଙ୍ଗମ ସ୍ଥଳରୁ ୧୦୮ ଘଟ ବିରାଟ ଶୋଭାଯାତ୍ରାରେ ଅଣାଯାଇ ସ୍ଥାପନ ପୂର୍ବକ ପୂଜା ଆରମ୍ଭ ହୋଇଛି। ମା'ଙ୍କ ମୂର୍ତ୍ତିରେ ରୁପା ଅଳଙ୍କାର ସହିତ ସୁନ୍ଦର ସାଜସଜ୍ଜା ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି। ସେହିପରି ଅପରପକ୍ଷରେ କେଏମ୍‌ବିଏମ୍ ସାହିର ଜଗଦ୍ଧାତ୍ରୀ ପୂଜା ୭୯ବର୍ଷରେ ପହଞ୍ଚିଥିବାବେଳେ ବୁଢାବଳଙ୍ଗ ନଦୀର ମଧୁବନ ନୌକାଘାଟରୁ ଘଟ ଉତ୍ତୋଳନ ପରେ ପୂଜା ଆରମ୍ଭ ହୋଇଛି। ସେହିପରି କଚେରୀ ପରିବା ମାର୍କେଟରେ ପୂଜା ୩୦ ବର୍ଷରେ ପଦାର୍ପଣ କରିଛି। ଅନ୍ୟପକ୍ଷରେ ସହରର ସମସ୍ତ ଦେବୀ ପୀଠରେ ମଧ ଜଗଦାତ୍ରୀଙ୍କ ପୂଜା ଆରମ୍ଭ ହୋଇଛି। ମନ୍ଦିର ଓ ପୂଜା ମଣ୍ଡପ ଗୁଡିକରେ ଶ୍ରଦ୍ଧାଳୁ ବିଶେଷକରି ମହିଳା ଭକ୍ତଙ୍କ ଭିଡ ଜମିବାରେ ଲାଗିଛି। ଏଥିସହିତ ପୂଜା ମଣ୍ଡପଗୁଡିକରେ ସପ୍ତାହ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି।



# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




ଚମ୍ପୁଆ,୩୧।୧୦(ସମିସ): ଚମ୍ପୁଆ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଚମ୍ପୁଆ ବ୍ଲକ ସଭାପତି ଗଣେଶ ଖିଲାର, ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ବ୍ଲକ ଅଧକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରମଣି ନାଏକ ସମେତ ୩୦୦ରୁ ଅଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ପଦଯାତ୍ରା କାଞ୍ଜିଆ ଶୁଳାଠାରୁ ଦିନ ୧୧ଟାରେ ଆରମ୍ଭ ହୋଇ ସିଲିପୁଜିଂଠାରେ ଶେଷ ହୋଇଥିଲା। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ୧୯୯୯ ମସିହା ମହାବାତ୍ୟାଠାରୁ ଆରମ୍ଭ କରି ଶାସନ କାଳରେ ଜନସାଧାରଣଙ୍କ ନିମନ୍ତେ ବହୁବିଧ ଯୋଜନା କରି ଓଡିଶାକୁ ସୁନାର ଓଡିଶା କରିଥିବା ବେଳେ ବିଜେପି ସରକାର ଅନେକ ଯୋଜନା ବନ୍ଦ କରିବାରେ ଲାଗିଛନ୍ତି ବୋଲି ସୂଚନା ଦେଇଥିଲେ।

## ଛାତ୍ରାବାସ ନିର୍ମାଣରେ ଅନିୟମିତତା ଅଭିଯୋଗ

# ରାତିଅଧିଆ ଲାଗିଲା ସୂଚନାଫଳକ





ଚମ୍ପୁଆ,୩୧।୧୦(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଆଇଟିଡିଏ ଅଧୀନରେ ଚାଲିଥିବା ଏକ ଆବାସିକ ସ୍କୁଲର ହଷ୍ଟେଲ ନିର୍ମାଣରେ ଅନିୟମିତତା ହୋଇଥିବା ଖବର ସମ୍ପର୍କରେ ପଚରାଯିବାରୁ ତରବରିଆ ଭାବେ କର୍ତ୍ତୃପକ୍ଷ ରାତିଅଧିଆ ସୂଚନାଫଳକ ଲଗାଇଥିବା ଦେଖାଯାଇଛି। ଶୁକ୍ରବାର 'ସକାଳ'ରେ ଏନେଇ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ରାବାସ ନିର୍ମାଣରେ ଅନିୟମିତତା ପରିଲକ୍ଷିତ ହୋଇଥିଲା। ଅଭିଯୋଗ ଅନୁସାରେ, ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରାଯାଉଥିଲେ ମଧ ଜନସାଧାରଣଙ୍କ ପାଇଁ କୌଣସି ସୂଚନା ଫଳକ ଲଗାଯାଇ ନଥିଲା। କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ଏହି ଛାତ୍ରାବାସର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ସହରୀ ମଡେଲର ଛାତ୍ରାବାସ କାର୍ଯ୍ୟ ଅଧାରୁ ଅଧିକ ଶେଷ ହେବାକୁ ବସିଲାଣି। ମାତ୍ର ସୂଚନା ଫଳକ ଲଗାଇବାରେ ଟାଳଟୁଳ ନୀତି ଲାଗିରହିଥିଲା। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରବିନ୍ଦ୍ରନାଥ ନାଏକଙ୍କୁ ପଚାରିବାରୁ କାମ ପୂର୍ବରୁ ସୂଚନାଫଳକ ଲଗାଇବା କାମ ମୋର ନୁହଁ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି ମତ ଦେଇଥିବା ବେଳେ ଏନେଇ ବିଭାଗୀୟ ଯନ୍ତ୍ରୀ ନରେଶ ପରିଡାଙ୍କୁ ପଚାରିବାରୁ ଠିକାଦାର ହଁ ଲଗାଇବି ହଁ ଲଗାଇବି କହି ଦିନ ଗଡାଇ ଚାଲିଛି ମୁଁ ବର୍ତ୍ତମାନ ଛୁଟିରେ ଅଛି କହି କଥା ଏଡାଇଦେଇଥିଲେ। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଛାତ ପଡି ସାରିଥିବା ବେଳେ ଉପର ମହଲା କାର୍ଯ୍ୟଆରମ୍ଭ ହୋଇସାରିଲାଣି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଛାତ୍ରାବାସ କାର୍ଯ୍ୟ ଏତେ ଦୂର ଆଗେଇ ଯାଇଥିଲେ ମଧ ଯନ୍ତ୍ରୀ ଜଣଙ୍କ ଏହାର ତଦାରଖ କରୁନାହାନ୍ତି ବା ଯନ୍ତ୍ରୀ ନିଜ ଦାୟିତ୍ୱରୁ ଦୁରେଇ ଯାଉଛନ୍ତି। ଫଳରେ କାର୍ଯ୍ୟର ମାନକୁ ନେଇ ଏଠାରେ ପ୍ରଶ୍ନବାଚୀ ଦେଖାଯାଇଛି।

# ବୁଲା କୁକୁର ମାଳ ମାଳ; ପୌରାଞ୍ଚଳବାସୀ ଅସୁରକ୍ଷିତ, ଆତଙ୍କିତ

## ୧୮ ମାସରେ ଟିକା ନେଇଛନ୍ତି ୩୫୮୩

ଆନନ୍ଦପୁର, ୩୧।୧୦(ସମିସ)




ଆନନ୍ଦପୁର ପୌରାଞ୍ଚଳରେ ବଢ଼ିଚାଲିଛି ବୁଲା କୁକୁରଙ୍କ ସଂଖ୍ୟା। ଏହାକୁ ନେଇ ରାସ୍ତାଘାଟରେ ଅନେକ ଦୁର୍ଘଟଣା ଘଟୁଛି। ଲୋକମାନେ ଅସୁରକ୍ଷିତ ଏବଂ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେବେ ସହରାଞ୍ଚଳରେ ବୁଲାକୁକୁର ନିୟନ୍ତ୍ରଣ କରାଯିବାକୁ ପୂର୍ବରୁ ଘୋଷଣା କରାଯାଇଥିବାବେଳେ ଆନନ୍ଦପୁର ପୌରାଞ୍ଚଳରେ ଏନେଇ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

କିଛିଦିନ ତଳେ ରାଜଧାନୀ ଭୁବେନଶ୍ୱରରେ ବୁଲାକୁକୁରଙ୍କ ସଂଖ୍ୟା ଗଣତି କରାଯାଇ ସାର୍ବଜନୀନ କରଯାଇଥିଲା। ଏନେଇ ବନ୍ଧ୍ୟାକରଣ ସମ୍ପର୍କରେ ମଧ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ସହରାଞ୍ଚଳରେ ମଧ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିବାବେଳେ ଏନେଇ ଆନନ୍ଦପୁର ପୌରାଞ୍ଚଳରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ମାଳମାଳ ବୁଲାକୁକୁର ନଜରକୁ ଆସିଛି। ସକାଳୁ ପ୍ରାତଃଭ୍ରମଣରେ ଗଲେ ଅନେକ ସ୍ଥାନରେ ବୁଲାକୁକୁର ଲୋକମାନଙ୍କୁ ଗୋଡାଉଥିବା ମଧ ପରିଲକ୍ଷିତ ହୋଇଛି। ପ୍ରାତଃଭ୍ରମଣରେ ଗଲେ ବାଧହୋଇ ବରିଷ୍ଠ ନାଗରିକମାନେ ନିଜର ସୁରକ୍ଷାପାଇଁ ହାତରେ ବାଡ଼ିଧରି ଯାଉଥିବା ପରିଲକ୍ଷିତ ହୋଇଛି। ଘସିପୁରା ଝାଡ଼େଶ୍ୱର ରୋଡ, ଡାକ୍ତରଖାନା ରୋଡ, ଆନନ୍ଦପୁର ବଡ଼ଦାଣ୍ଡ, ଫକୀରପୁର ବଜାର, ପଦ୍ମପୁର, ଶାଳପଡ଼ା, ଘସିପୁରା ବସଷ୍ଟାଣ୍ଡ ଅଞ୍ଚଳରେ ମାଳମାଳ ବୁଲାକୁକୁର ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଅନେକ ସମୟରେ ବୁଲାକୁକୁରଙ୍କ ଯୋଗୁଁ ବାଇକ୍, ସାଇକଲ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ଆହତ ହେଉଛନ୍ତି।

ଗତ ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ୨୦୨୫ମଧ୍ୟରେ ବୁଲା କୁକୁର କାମୁଡ଼ାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୋଟ୍ ୩୫୮୩ଜଣ ପ୍ରତିଷେଧକ ଟିକା ନେଇଛନ୍ତି। ୨୦୨୪ ଏପ୍ରିଲରେ ୩୧୦ଜଣ, ମେରେ ୨୭୩, ଜୁନରେ ୧୭୬, ଜୁଲାଇରେ ୧୭୦, ଅଗଷ୍ଟରେ ୧୪୧, ସେପ୍ଟେମ୍ବରରେ ୧୪୧, ଅକ୍ଟୋବରରେ ୧୭୪, ନଭେମ୍ବରରେ ୨୦୦, ଡିସେମ୍ବରରେ ୨୪୬, ୨୦୨୫ ଜାନୁଆରୀରେ ୨୭୩, ଫେବୃଆରୀରେ ୨୩୭, ମାର୍ଚ୍ଚରେ ୨୩୨, ଏପ୍ରିଲରେ ୨୦୩, ମେରେ ୧୬୯, ଜୁନରେ ୧୨୩, ଜୁଲାଇରେ ୧୩୯, ଅଗଷ୍ଟରେ ୧୫୪, ସେପ୍ଟେମ୍ବରରେ ୧୧୩ଜଣ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କୁକୁର କାମୁଡ଼ା ଟିକା ନେଇଛନ୍ତି। ଅବଶ୍ୟ ଏଥିରେ ଗ୍ରାମାଞ୍ଚଳ ରୋଗୀ ରହିଥିଲେ ମଧ ପୌରାଞ୍ଚଳରେ କୁକୁର କାମୁଡ଼ା ହାର ସର୍ବାଧିକ ବୋଲି ଜଣାପଡିଛି। ଏପଟେ ସହରରେ ବୁଲାକୁକୁର ସଂଖ୍ୟା ଅତିଷ୍ଠ କଲାଣି ବୋଲି ଘସିପୁରାର ଯୁବସମାଜସେବୀ ଦେବରାଜ ସାହୁ କହିଛନ୍ତି। ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, କୁକୁର ଗଣନା କିମ୍ବା ବନ୍ଧ୍ୟାକରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ନିଷ୍ପତ୍ତି କିମ୍ବା ନିର୍ଦ୍ଦେଶନାମା ଆସିନାହିଁ। ତେବେ ପଶୁ ଚିକିତ୍ସା ବିଭାଗ ସହିତ ପରାମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୧୦ ଆହତ

### କୁକୁରକୁ ପିଟି ପିଟି ମାରିଦେଲେ

ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ବଜାର ପାଟଣା-କେନ୍ଦେଇପଶି ରାସ୍ତା ରାଣା ଟ୍ରେଡର୍ସ ନିକଟରେ ବୁଧବାର ପୂର୍ବାହ୍ନରେ ଏକ ବୁଲା କୁକୁର କାବୁଲି ବେହେରାଙ୍କ ପୁଅ ପ୍ରୀତିରାଜ ବେହେରା (୯) ଡ଼ିମିରିଡିହାର ପଙ୍କଜ ବେହେରାଙ୍କୁ ଗୋଡାଇ ଗୋଡେଇ କାମୁଡିଥିଲା। ଆହୁରି ୮ଜଣଙ୍କୁ ପାଗଳ କୁକୁର ଗୋଡେଇ ଗୋଡେଇ କାମୁଡ଼ିଥିଲା। କୁକୁର ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ଗଦାଧରପୁରର ରଙ୍ଗାଧର ଦାସ, କେନ୍ଦ୍ରାପଡ଼ାର ତୃପ୍ତିରଞ୍ଜନ ଆଚାର୍ଯ୍ୟ, ଜାମୁଲେଇବେଡ଼ାର ମିଟୁ ନାଏକ, ଭୁବନେଶ୍ୱରର ଅର୍ଚ୍ଚିତା ମହାପାତ୍ର, ଆନନ୍ଦପୁର ରଞ୍ଜିତା ମହାନ୍ତ, କେନ୍ଦେଇପୋଷିର କୈଳାଶ ନାଏକ, ପାଟଣାର ଇସାନ ନଜରୁଲା ଓ ସାଲମ୍ ଅଂସାରି। ଗୁରୁବାର ଆହୁରି ୮ଜଣଙ୍କୁ ଗୋଡାଇ ଗୋଡାଇ କୁକୁର କାମୁଡିବାରେ ଲୋକେ ଉତ୍ତ୍ୟକ୍ତ ହୋଇ ଗୁରୁବାର ଅପରାହ୍ନରେ ସଂଘବଦ୍ଧ ଭାବେ କୁକୁରକୁ ପିଟିପିଟି ମାରି ଦେଇଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର




ଠାକୁରମୁଣ୍ଡା,୩୧।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ପଡିଆବେଡା ପଞ୍ଚାୟତ ଅନ୍ତର୍ଗତ ଭୀମକୁଣ୍ଡ ବୋଙ୍ଗି ଗ୍ରାମରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ଗ୍ରାମର ମହେନ୍ଦ୍ର ମହାନ୍ତ (୪୦) ଧାନବିଲକୁ ଯାଇଥିବାବେଳେ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ହେଲେ ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ମହେନ୍ଦ୍ରଙ୍କ ଡାହାଣ ଗୋଡ ଆଣ୍ଠୁକୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡିଛନ୍ତି। ପରେ ସେ ପାଟି କରିବାରୁ ନିକଟରେ ଥିବା ଅନ୍ୟ ଚାଷୀ ପହଞ୍ଚିବାରୁ ଭାଲୁଟି ପଳାଇଥିଲା। ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ତାଙ୍କ ଡାହାଣ ଗୋଡରେ ଗଭୀର କ୍ଷତ ହୋଇଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରାଷ୍ଟ୍ରୀୟ ବିଜ୍ଞାନ ସମ୍ମିଳନୀରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ




ବହଳଦା, ୩୧।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଝାଡଗାଁ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରାଷ୍ଟ୍ରୀୟ ବିଜ୍ଞାନ ସମ୍ମିଳନୀରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦଶମ ଶ୍ରେଣୀର ଛାତ୍ରୀ ଆଲିଶା ପଣ୍ଡା କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁ ସହରରେ ଆୟୋଜିତ ରାଷ୍ଟ୍ରୀୟ ସ୍ତରର ବିଜ୍ଞାନ ସମ୍ମିଳନୀର ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କ୍ୱାଣ୍ଟମ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ ଉପରେ ରାଷ୍ଟ୍ରୀୟ ସ୍ତରର କୁଇଜ ପ୍ରତିଯୋଗିତାରେ ଓଡିଶାରୁ ଜଣେ ମାତ୍ର ଛାତ୍ରୀ ଆଲିଶା ପଣ୍ଡା ଭାଗ ନେଇଥିଲେ। ସେ ଏହା ପୂର୍ବରୁ ଜିଲ୍ଲା ଓ ରାଜ୍ୟ ସ୍ତରର ବିଜ୍ଞାନ ସମ୍ମିଳନୀରେ ପ୍ରଥମ ସ୍ଥାନ ଅଧିକାର କରି ରାଷ୍ଟ୍ରୀୟ ସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ତିରିଂ ବ୍ଲକ ଅନ୍ତର୍ଗତ ବଡଡାଲିମା ବାସିନ୍ଦା ଶିକ୍ଷକ ସୁମନ୍ତ ପଣ୍ଡା ଓ ସୁନନ୍ଦା ପଣ୍ଡାଙ୍କ ଝିଅ। ଏହି ରାଷ୍ଟ୍ରୀୟ ବିଜ୍ଞାନ ସେମିନାର ୩୦ ତାରିଖରେ ଆୟୋଜିତ ହୋଇଥିବାବେଳେ ତାଙ୍କ ସହିତ ବିଦ୍ୟାଳୟର କମ୍ପ୍ୟୁଟର ଶିକ୍ଷକ ସତ୍ୟରଞ୍ଜନ ଜେନା ମଧ୍ୟ ଗସ୍ତ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି।

## ପେନସନ ମେଳାରେ ୬ ସମ୍ବର୍ଦ୍ଧିତ



ବାରିପଦା, ୩୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂଙ୍କ ସଭାପତିତ୍ୱରେ ଅକ୍ଟୋବର ମାସରେ ଅବସର ଗ୍ରହଣ କରିଥିବା ୬ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେକ୍ସନ ଅଫିସର ସୁଦୀପ୍ତ କୁମାର ମୌଳିକ୍, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାକିରିରୁ ବିଦାୟ ନେଇଥିବା ଶିକ୍ଷକଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଖୁଣ୍ଟା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଚଞ୍ଚଳା ମହାନ୍ତ, ତାଳପଦା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ରମାକାନ୍ତ ଗିରି, ଦର୍ଖୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକଲତା ଭୂୟାଁ, ପୋଡ଼ା ଅସ୍ତିଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ଭୂୟାଁ, ହାଟ ବାଦଡ଼ା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅର୍ଜୁନ ଚନ୍ଦ୍ର ମହାନ୍ତ, ନଗପାଳ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଗଣେଶ୍ୱର ମହାକୁଡ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚକଧର ପ୍ରକଳ୍ପ ବନ୍ଦ ଦାବିରେ ଚତୁର୍ଥ ପର୍ଯ୍ୟାୟ ଆନ୍ଦୋଳନ

# ଗର୍ଜିଲେ ୩ ହଜାର ମହିଳା, ପୁରୁଷ ଓ ଚାଷୀ






ତେଲକୋଇ, ୩୧।୧୦(ସମିସ)

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କରଦାଙ୍ଗି ପଞ୍ଚାୟତ ଚକଧର ଠାରେ ପ୍ରସ୍ତାବିତ ସମାକୋଇ ଚକଧର ଡ୍ୟାମ୍ ଜଳ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଶୁକ୍ରବାର ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନ ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକଳ୍ପ ବନ୍ଦ ଦାବିରେ ତେଲକୋଇ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳି ପାରୁନାହିଁ। ଏହି ଆନ୍ଦୋଳନରେ ସ୍ଥାନୀୟ ବିଧାୟକ ଅନୁପସ୍ଥିତ ରହିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତେଲକୋଇ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ୩ ହଜାରରୁ ଅଧିକ ମହିଳା ପୁରୁଷ ସଂଗ୍ରାମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଡାକ ବଙ୍ଗଳାରୁ ଏହି ପ୍ରତିବାଦ ଶୋଭାଯାତ୍ରା ବାହାରି ବଜାର ମଧ୍ୟ ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ପୂର୍ଣ୍ଣ ସମର୍ଥନ କରିଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗ ଦେଇ ଏ ସରକାର ଝିଣ୍ଟିକା ମାରି ବଣି ପୋଷିବା ନୀତି ଧରିଛନ୍ତି, ଚକଧର ପ୍ରକଳ୍ପ ହେଲେ କୌଣସି ଚାଷ ଜମିକୁ ଜଳସେଚନ ହେବ ନାହିଁ ବରଂ କଳକାରଖାନାକୁ ଜଳଯୋଗାଣ ପାଇଁ ଉଦ୍ଦିଷ୍ଟ ହେବ। ଜଙ୍ଗଲ ଜମି ଓ ସବୁଜ ବନାନୀ ଜଳମଗ୍ନ ହେବ। ହଜାର ହଜାର ପରିବାର ଭିଟା ମାଟି ହରାଇ ନିଜର ଜୀବିକା ହରାଇବେ। ଯେଉଁଠି ବି ଏହି ସବୁ ପ୍ରକଳ୍ପ ହୋଇଛି ସେଇଠି ଅନେକ ପରିବାର ବିସ୍ଥାପିତ ହୋଇଛନ୍ତି। ଲୋକେ ଦୁର୍ବିସହରେ କାଳ କାଟୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଆଗାମୀ ଦିନରେ ସରକାର ଏହି ଚକଧର ପ୍ରକଳ୍ପ ବନ୍ଦ ନକଲେ ସମନ୍ୱୟ ସମିତି ଓ ତେଲକୋଇ ଅଞ୍ଚଳବାସୀ ବିଧାନସଭା ଘେରଉ ପାଇଁ ପ୍ରସ୍ତୁତି ଆରମ୍ଭ କରିବ ବୋଲି ସମନ୍ୱୟ ସମିତିର ସଭାପତି କୈଳାସଚନ୍ଦ୍ର ପ୍ରଧାନ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ଅନୁଗୁଳ ଜିଲ୍ଲା ପାଲହଡା ନିର୍ବାଚନମଣ୍ଡଳୀର ବୁଡି ଅଞ୍ଚଳ ବିସ୍ଥାପିତଙ୍କୁ ଜଳଯୋଗାଣ ନିମନ୍ତେ ମୋହନ ସରକାର ସମାକୋଇ ନଦୀ ବନ୍ଧ ପ୍ରକଳ୍ପ ପାଇଁ ପ୍ରଥମ ବଜେଟରେ ଅର୍ଥ ବ୍ୟବସ୍ଥା କରିଛନ୍ତି। ଏହି ପ୍ରକଳ୍ପ ତେଲକୋଇ ବ୍ଲକର ତଳ ମୁଣ୍ଡ ଚକଧରଠାରେ ନିର୍ମାଣ ହେବାକୁ ପ୍ରସ୍ତାବ ହୋଇଛି। ଏହି ପ୍ରକଳ୍ପ ହେଲେ ତେଲକୋଇ ବ୍ଲକର ୧୨ଟି ପଞ୍ଚାୟତର ୪୦ରୁ ଅଧିକ ଗ୍ରାମ ଜଳମଗ୍ନ ହେବା ସହ ହଜାର ହଜାର ପରିବାର ନିଜର ଭିଟା ମାଟି ହରାଇବା ଆଶଙ୍କା ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପକୁ ସ୍ଥାନୀୟ ଲୋକେ ଦୀର୍ଘ ୪୦ ବର୍ଷରୁ ଅଧିକ ହେବ ବିରୋଧ କରିଆସୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଶାନ୍ତିଶୃଙ୍ଖଳା ଭାବେ

**ବିଧାନସଭା ଘେରଉ ଚେତାବନୀ**

ସମଗ୍ର ତେଲକୋଇ ବ୍ଲକକୁ ବନ୍ଦ କରାଯାଇ ଆନ୍ଦୋଳନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ତେଲକୋଇ ବନ୍ଦ ସମେତ ଜଗମୋହନପୁରସ୍ଥିତ ୪୯ ନମ୍ବର ଜାତୀୟ ରାଜପଥରେ ଚକ ଅଖ ବନ୍ଦ କରାଯାଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ତେଲକୋଇ ବନ୍ଦ ସମେତ କେନ୍ଦୁଝର ଚାଲ ଅଭିଯାନ ହୋଇଥିଲା। ହଜାର ହଜାର ସଂଗ୍ରାମୀ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଥିଲେ। ପରେ ସ୍ଥାନୀୟ ବିଧାୟକଙ୍କ ନେତୃତ୍ୱରେ ଏକ ସମନ୍ୱୟ ସମିତିର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପ ବନ୍ଦ ନିମନ୍ତେ ଗୁହାରି କରିଥିଲେ। ମୁଖ୍ୟମନ୍ତ୍ରୀ ବିଧାୟକ ଓ ଉପସ୍ଥିତ ପ୍ରତିନିଧିମଣ୍ଡଳୀଙ୍କୁ ସକାରାତ୍ମକ ଆଶ୍ୱାସନା ଦେଇଥିଲେ। ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ଚକଧର ପ୍ରକଳ୍ପକୁ ଅସନ୍ତୋଷ ତେଜିବାରେ ଲାଗିଛି। ଏଇ ନିକଟରେ ସମାକୋଇ ଚକଧର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ପାଲଲହଡ଼ା ବିଧାୟକ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଯାହାକୁ ନେଇ ପୁଣି ଆନ୍ଦୋଳନ ସରଗରମ ହୋଇଛି। ଏହି ପ୍ରତିବାଦ ଶୋଭାଯାତ୍ରାରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, କୃଷକ ସଂଗଠନ ଯୁବନେତା ମନହର ଅଲ୍ଲୀ, ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ସମାକୋଇ ସମନ୍ୱୟ ସମିତିର ସଭାପତି କୈଳାସଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ବାବୁଲାଲ ପ୍ରଧାନ, ଚକଧର ସଂଗ୍ରାମ ସମିତିର ସଭାପତି କେଶରୀ ରାଉତ, ମାଙ୍କଡ଼ା ସଂଗ୍ରାମ ସମିତିର ସଭାପତି ରତ୍ନାକର ରାଉତ, ବରିଷ୍ଠ ସଂଗ୍ରାମୀ ନାରାୟଣ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ହଟକିଶୋର ପ୍ରଧାନ, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷ ବିକ୍ରମ ନାୟକଙ୍କ ସହ ମହିଳା ପୁରୁଷ ସାମିଲ ହୋଇଥିଲେ।

### ହୋ ଭାଷାକୁ ସାମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ପ୍ରସଙ୍ଗ

## ନୂଆଦିଲ୍ଲୀ ଯନ୍ତରମନ୍ତରରେ ଧାରଣା

ବାରିପଦା/ରାଇରଙ୍ଗପୁର, ୩୧।୧୦(ସମିସ): ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଓଡିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର ଏବଂ ଆସାମର ହୋ ଭାଷାଭାଷୀଙ୍କ ୫ଟି ରାଜ୍ୟରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ହୋ ଭାଷାଭାଷୀ, ସାମାଜିକ ଓ ରାଜନୈତିକ ନେତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ଦିନରୁ ହୋ ଭାଷାଭାଷୀଙ୍କ ତରଫରୁ କ୍ରମାଗତ ଭାବରେ ଅବହେଳା କରିଆସୁଛନ୍ତି। ତେଣୁ ବିଲୁପ୍ତ ପ୍ରାୟ ଏହି ଭାଷା ଆଗାମୀ ଦିନରେ ଚିହ୍ନ ବର୍ଣ୍ଣ ହରାଇ ଦେବ ବୋଲି ବକ୍ତାମାନେ ଆଶଙ୍କା ବ୍ୟକ୍ତ କରିଥିଲେ।



ସରକାର ଇତିମଧ୍ୟରେ ଠୋସ୍ ପଦକ୍ଷେପ ନ ନେଲେ ହୋ ଭାଷା ସହିତ ସଂଶ୍ଳିଷ୍ଟ ଥିବା ପାରମ୍ପରିକ ଜ୍ଞାନ, ମୌଖିକ କାହାଣୀ ଆଦି ଲୁପ୍ତ ହେଇ ହୋ ଆଦିବାସୀ ଜାତିର ଅସ୍ତିତ୍ୱ ରହିବ ନାହିଁ। ଏହି ଅବସରରେ ରାମରାଇ ମୁଦୁଇୟା, ଲକ୍ଷ୍ମୀଧର ସିଂ, ସୁରା ବିରୁଲୀ, ଡମ୍ବରୁଧର ଜାମୁଦା, ନାରଣ ପୂର୍ତ୍ତି, ପ୍ରହ୍ଲାଦ ପୂର୍ତ୍ତି, କ୍ଷିରୋଦ ତରଫରୁ ଏକ ଦିବସୀୟ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଭାରତ ବର୍ଷରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ମାତୃଭାଷା ଭାବରେ ବ୍ୟବହୃତ ହୋ ଆଦିବାସୀ ଭାଷାକୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ନୂତନ ଭାବରେ ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଏହି ଗଣଧାରଣା ଦିଆଯାଇଥିଲା। ଧାରଣାରେ ଲଗାତର ଭାବରେ ଆନ୍ଦୋଳନ ହେଉଥିଲେ ମଧ୍ୟ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉନଥିବାରୁ ନେତୃମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଝାଡଖଣ୍ଡ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ବିଗତ ଦିନରେ ହୋ ଭାଷାକୁ ସରକାରୀ ମାନ୍ୟତା ପାଇଁ ସୁପାରିସ ହେଇଥିଲେ ମଧ୍ୟ କେନ୍ଦ୍ର ସରକାର ହେମ୍ବ୍ରମ, ଗମେୟା ଅମ୍ପ, ରମେଶ ବିରୁଆ, ଇପିଲ ସାମାଡ, ବାବୁଲି ହାଇବୁରୁ, ଗବର ସିଂ ହେମ୍ବ୍ରମ, ସୁକଦେବ ହେମ୍ବ୍ରମ, ଜବାହାର ଲାଲ ବାଙ୍କୀରା,ଗମେୟା ଅମଙ୍ଗ, ବୈଜୁ ସିର୍କା, ଯାଦୁନାଥ ଟିୟୁ, ଗଣେଶ ଚନ୍ଦ୍ର ହେମ୍ବ୍ରମ ଲବେନ୍ଦ୍ର ହେମ୍ବ୍ରମ, ଜଗନାଥ ହେସା ପ୍ରମୁଖ ନେତୃତ୍ୱ ନେଇଥିଲ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦଯାପିତ



କୁଳିଅଣା, ୩୧।୧୦(ସମିସ): କୁଳିଅଣା ବିଇଓଙ୍କ କାର୍ଯ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଇଓ ରଶ୍ମିରଞ୍ଜନ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏବିଇଓ ଗୌତମ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସୁଗଦା ମୁର୍ମୁ, ଏବିଇଓ ଗୌରୀମଣି ସେଠୀ, ଏବିଇଓ ସରସ୍ୱତୀ ସିଂ, ସଂଘୀୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ହାଡିବନ୍ଧୁ ଜେନା ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୩ଟି କ୍ଲଷ୍ଟରରୁ ୪୯୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ୩୨ଟି ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତି ବିଭାଗରୁ ପ୍ରଥମ ସ୍ଥାନର ୩୨ ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷୟିତ୍ରୀ ପ୍ରଜ୍ଞା ଭାରତୀ ଦଳେଇ ଧନ୍ୟବାଦ ଦେଇଥିଲେ।

## ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ଖୁଣ୍ଟିଂ, ୩୧।୧୦(ସମିସ): ଶୁକ୍ଳି ବ୍ଲକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଘଣାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଭୋଇ ଓ ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡା ଏବଂ ମୁଖ୍ୟ ବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ତେରଣ୍ଟିର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଆରୁକ୍ ସମେତ ଅତିରିକ୍ତ ଗୋଷ୍ଠୀ ବ୍ଲକ ଶିକ୍ଷା ଅଧିକାରୀ



ନୟନତାରା ମହାନ୍ତ ଓ ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏଥିରେ ସମୁଦାୟ ୯ଟି ମଣ୍ଡଳ ସ୍ତରୀୟ ବିଦ୍ୟାଳୟର ୨୨୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହିତ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ମୁକ୍ତିକାନ୍ତ ବଳ ଓ କାମିନୀକାନ୍ତ ମହାକୁଡ ମଞ୍ଚ ପରିଚାଳନା କରିଥିଲେ।

## ଜାତୀୟ ଏକତା ଦିବସରେ ଚାରା ରୋପଣ

ତୁରୁମୁଙ୍ଗା, ୩୧।୧୦(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ପାଟଣା ବନବିଭାଗ ପକ୍ଷରୁ ଏକତା ଦିବସ ଓ ଚାରା ରୋପଣ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନବାର୍ଷିକୀ ପାଳନ ଅବସରରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣା ବନପାଳ ନିରଞ୍ଜନ ସେଠୀ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ଓ ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସହକାରୀ ବନପାଳ ଦୀପକ ସ୍ୱାଇଁ, ହୃଦାନନ୍ଦ ମହାନ୍ତି, ଦୀପକ ରଣା, ଡଳିରାଣୀ ସାହୁ, ଦେବଜାନୀ ମହାନ୍ତ, ରାଜେଶ ଜେନା, ରଞ୍ଜିତା ମହାନ୍ତ ଓ ଝରଣାରାଣୀ ସାହୁଙ୍କ ସମେତ ଟିମ ଲିଡ଼ର ରଣଜିତ ପଲେଇ ଓ ସମସ୍ତ ପାରା କର୍ମଚାରୀ ସାମିଲ ଥିଲେ। ବନାଞ୍ଚଳର ସମସ୍ତ କର୍ମଚାରୀ ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ପାଠ କରିବା ସହ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବଉଳ, ପଣସ, କାଞ୍ଚନ, ଓଉ, ନାଗ ଚମ୍ପା, ଫୁଲିଆରୀ ଓ ଅମୃତଭଣ୍ଡା ଆଦି ଚାରା ରୋପଣ କରାଯାଇଥିଲା। କୃପାଚାର୍ଯ୍ୟ ମହାନ୍ତ ଓ ଖଗେଶ୍ୱର ମହାନ୍ତ ସହଯୋଗ କରିଥିଲେ।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

## ୯ ମାସରେ ୪୭୬ ଦୁର୍ଘଟଣା; ୩୨୭ ଜଣଙ୍କ ମୃତ୍ୟୁ



ବାରିପଦା, ୩୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଜାନୁଆରୀରୁ ସେପ୍ଟେମ୍ବର (୯ ମାସ ମଧ୍ୟରେ ୪୭୬ଟି ସଡ଼କ ଦୁର୍ଘଟଣାରେ ୩୨୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୯ ଜଣ ଆହତ ହୋଇଛନ୍ତି। ଏ ନେଇ ଶୁକ୍ରବାର ଅପରାହ୍ନରେ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ଏହି ସୂଚନା ଦେଇଛନ୍ତି। ବୈଠକରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସଡ଼କ ସୁରକ୍ଷା ସମ୍ପର୍କିତ ମାର୍ଚ୍ଚ ମାସରୁ ସେପ୍ଟେମ୍ବର ମଧ୍ୟରେ ତାଙ୍କ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ସଡ଼କ

**ଉଲ୍ଲଙ୍ଘନକାରୀଙ୍କଠାରୁ ୭.୦୫ କୋଟି ଜରିମାନା ଆଦାୟ**

ଦୁର୍ଘଟଣା ପ୍ରତିରୋଧ ସମ୍ପର୍କିତ ବିଭିନ୍ନ ଆଇନ ଉଲ୍ଲଂଘନକାରୀ ଚାଳକ ଓ ଗାଡି ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ୬ ମାସରେ ଦ୍ରୁତଗତିରେ ଗାଡି ଚାଳନା ପାଇଁ ୫୬୭୦, ବିନା ହେଲମେଟରେ ୨୫୪୮, ବିନା ସିଟ ବେଲ୍ଟରେ ୮୦୬, ମୋବାଇଲ ଫୋନ ବ୍ୟବହାର ପାଇଁ ୨୪୬, ନିଶାଶକ୍ତ ହୋଇ ଗାଡି ଚାଳନା ପାଇଁ ୨୭୯, ଓଭରଲୋଡିଂ ପାଇଁ ୫୬, ଟ୍ରିପଲ ରାଇଡିଙ୍ଗ ପାଇଁ ୨୯୭, ଭୁଲ ପାର୍ଶ୍ୱରେ ଗାଡି ଚାଳନା ପାଇଁ ୫୮, ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଭୁଲ ସ୍ଥାନରେ ପାର୍କିଂ ପାଇଁ ୧୨୮୫, ମୋଟର ଯାନ ଆଇନର ଧାରା ସପ୍ତମ ଉଲ୍ଲଘଂନ ପାଇଁ ୫୬ ଓ ଅନ୍ୟାନ୍ୟ ମାମଲାରେ ଚିହ୍ନିତ ୨୩୭୦୨ ଜଣଙ୍କୁ ଧରାଯାଇ ୧୪୦୬୮ଟି ଇ-ଚାଲାଣ ମାଧ୍ୟମରେ ୧୪୦୪ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଜବତ ସହିତ ୬୦ଟି ଯାନକୁ ସିଜ କରାଯାଇଛି ବୋଲି କହିଛନ୍ତି। ଏନେଇ ମୋଟ ୭ କୋଟି ୪ଲକ୍ଷ ୯୦ହଜାର ୭୫୮ ଟଙ୍କା ଜରିମାନା ଆଦାୟ ହୋଇଛି ବୋଲି ସେ ଉଲ୍ଲେଖ କରିଥିଲେ। ସେହିପରି ପୁଲିସ ଓ ଆରଟିଓଙ୍କ ତରଫରୁ ତନଖି କରାଯାଇ ଯଥାକ୍ରମେ ୭୮ ଓ ୧୪୦୪ଟି ମିଶି ମୋଟ ୧୪୮୨ଟି ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ କାର୍ଯ୍ୟଚ୍ୟୁ ପୂର୍ବକ ଜରିମାନା ଆଦାୟହୋଇଛି। ଜିଲ୍ଲାପାଳ ଉକ୍ତ ବିବରଣୀର ସମୀକ୍ଷା ପୂର୍ବକ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଜାତୀୟରାଜପଥ ନମ୍ବର ୧୮ ଓ ୪୯ରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କର ତୁରନ୍ତ ପ୍ରତିକାର କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ରାଜପଥ ନମ୍ବର ୫୩ରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କର ମରାମତି ଦିଗରେ ପଦକ୍ଷେପ ନେବାପାଇଁ ରାଜ୍ୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ରାଜପଥକୁ ସଂଲଗ୍ନ ହୋଇଥିବା ବିଦ୍ୟାଳୟଗୁଡିକର ଏକ ତାଲିକା ପ୍ରସ୍ତୁତ କରିବା ସହ ବିଦ୍ୟାଳୟ ପରିବହନ କମିଟି ଗଠନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୁଲିସ ଓ ପରିବହନ ବିଭାଗ ଦ୍ୱାରା ଯୁଗ୍ମ ପ୍ରବର୍ତ୍ତନକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବହନ, ପୁଲିସ, ସ୍ୱାସ୍ଥ୍ୟ, ଶିକ୍ଷା, ନଗର ଉନ୍ନୟନ, ଏସଆରଟିସି, ଏନଏଚ, ଏନଏଚଏଆଇର ମିଳିତ ସହଯୋଗରେ ସପୃକ୍ତ ବିଭାଗର କାର୍ଯ୍ୟାନ୍ୱୟନ ମାଧ୍ୟମରେ ଏହାର ସଫଳ ରୂପାୟନ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ କମିଟିର ସଦସ୍ୟ ଓ ବିଭାଗୀୟ ଅଧିକାରୀ, ଘରୋଇ ବସ ଆସୋସିଏସନର ସଭାପତି, ସମ୍ପାଦକ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



### ଶିକ୍ଷାଦାନ ଛାଡ଼ି ଗୋଷ୍ଠୀକନ୍ଦଳରେ ଶିକ୍ଷକଶିକ୍ଷୟିତ୍ରୀ

# ଟାୟାର ଜାଳି ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ହାଟଡିହୀ,୩୧।୧୦(ସମିସ)



କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଜଳସରପୁର ହାଇସ୍କୁଲରେ ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାଦାନକୁ ଗୁରୁତ୍ୱ ନଦେଇ ଗୋଷ୍ଠୀ କନ୍ଦଳରେ ସମୟ ବିତାଉ ଥିବାବେଳେ ଏହାର ପ୍ରତିବାଦ କରି ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଟାୟାର ଜାଳି ଜାବିନୀପୁର-ଗେଡ଼ମା ରାସ୍ତାକୁ ଅବରୋଧ କରି ବସିଥିଲେ। ହାଟଡିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଘଟଣାସ୍ଥଳରେ ପହଞ୍ଚି ଛୁଆମାନଙ୍କୁ ବୁଝାସୁଝା କରି ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ ରାସ୍ତାରୁ ହଟିଥିଲେ।

ବିଦ୍ୟାଳୟରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହୁଛନ୍ତି। ଶିକ୍ଷାଦାନ ପ୍ରତି କେହି ଯତ୍ନବାନ ହେଉନାହାନ୍ତି। ବିଜ୍ଞାନଶିକ୍ଷୟିତ୍ରୀ ସ୍କୁଲକୁ ନିୟମିତ ଆସୁ ନଥିବା ବେଳେ ଠିକ ଭାବେ ମଧ୍ୟ ପଢ଼ାଉ ନାହାନ୍ତି। ଏପରିକି ସେ ପାଠ ପଢ଼ାଇବା ବଦଳରେ ଭେଷ୍ଟିଜ କମ୍ପାନୀର ବ୍ୟବସାୟ କରୁଛନ୍ତି। ସେହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବୁଝାଇ ସୁଝାଇ ବିକ୍ରି କରୁଛନ୍ତି। ଯେଉଁ ଛାତ୍ରଛାତ୍ରୀ ନକିଣିବେ ତାଙ୍କୁ ଗାଳି ଗୁଲଜ କରୁଛନ୍ତି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷକ ଜଣକ କୌଣସି ଅଭିଯୋଗ ଶୁଣୁ ନଥିବା ବେଳେ ସେ ବି ଅନୁପସ୍ଥିତ ରହୁଥିବା ଅଭିଯୋଗ କରିଛନ୍ତି।

ଗତକାଲି ଶାଳଣିଆଁ ବଜାରରେ ଜଣେ ଶିକ୍ଷୟିତ୍ରୀ ସେହି ସ୍କୁଲର କିରାଣି ଓ ଜଣେ କର୍ମଚାରୀ ହାତାହାତି ହେବାକୁ ନେଇ ବିଦ୍ୟାଳୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାରେ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା ରୁଜୁ ହୋଇଥିବା ତଦନ୍ତ କାରି ଅଧିକାରୀ କହିଛନ୍ତି। ଶୁକ୍ରବାର ପ୍ରଧାନଶିକ୍ଷକ, ବିଜ୍ଞାନ ଶିକ୍ଷୟିତ୍ରୀ, କିରାଣି ଓ ଅନ୍ୟ ଜଣେ କର୍ମଚାରୀ ଅନୁପସ୍ଥିତ ରହିବାରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଘୋର ବିରୋଧ କରିଛନ୍ତି। ବିଦ୍ୟାଳୟ ଭଳି ଏକ ମନ୍ଦିରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏପରି ଆଚରଣରେ ଅତିଷ୍ଠ ହୋଇପଡିଛନ୍ତି ଛାତ୍ରଛାତ୍ରୀ। ସକାଳୁ ପ୍ରିୟଙ୍କା ମହାପାତ୍ର, ଶୁଭସ୍ମିତା ଚକ୍ର, ଅଭିଷେକ ଜେନା, ଶେଷଦେବ କାଣ୍ଡି, ମେଘନା କର, ବର୍ଷାପ୍ରିୟଦର୍ଶିନୀ ପଣ୍ଡା, ବନ୍ୟାରାଣୀ ନାୟକ, ଅମର ସିଂ, ଅପର୍ଣ୍ଣା ଦେହୁରୀ, ସୌମ୍ୟଜିତ ଦାସ, କ୍ରିଷ୍ଣା ଦାସ, ପୃଥ୍ୱୀରାଜ ଖଣ୍ଡେଇ, ସାଇସତ୍ୟ ସ୍ୱରୂପ ଜେନାଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ଲା-କାର୍ଡ ଧରି ଟାୟାର ଜାଳି ସକାଳ ୧୦ଟାରୁ ବସି ରହିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଆନନ୍ଦପୁର ବିଧାୟକ କହିଛନ୍ତି, ଏହି ବିଦ୍ୟାଳୟରେ ଶିକ୍ଷାଦାନ କମ୍ ରାଜନୀତି ଅଧିକ। ତୁରନ୍ତ ଏହାର ସମାଧାନ କରାଯିବ।

■ ମଟନ୍ ମିଳିଲାନି ବୋଲି ଭୋଜିରେ ହତ୍ୟା ମାମଲା

## ହତ୍ୟାକାରୀକୁ ଆଜୀବନ ଜେଲ୍

**ଭଦ୍ରକ,୩୧।୧୦(ସମିସ):** ଗତ ୨୦୨୨ ମସିହାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆହାରପଦା ଗ୍ରାମର ବିଦ୍ୟାଧର ମାଝୀ ଓରଫ ବିଦୁ ହତ୍ୟା ମାମଲାର ହତ୍ୟାକାରୀ ଆଦିତ୍ୟ କୁମାର ରାଉତ ଓରଫ ଗୁଡୁକୁ ଭଦ୍ରକ ଜିଲ୍ଲା ତଥା ଦୌରାଜଜ ସଂଗ୍ରାମ କେଶରୀ ପଟ୍ଟନାୟକ ଆଜୀବନ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ପୁଣି ୬ ମାସ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୨୨ ଜୁଲାଇ ମାସ ୪ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଆହାରପଦା ଗାଁର ବିଦ୍ୟାଧର ମାଝୀଙ୍କ ଜଣେ ସମ୍ପର୍କୀୟଙ୍କ ବିବାହ ପୌରପାଳିକା ବିଜୁ କଲ୍ୟାଣ ମଣ୍ଡପରେ ହେଉଥିଲା। ଉକ୍ତ ବିବାହ ଭୋଜିକୁ ଆଦିତ୍ୟକୁ ମଧ୍ୟ ନିମନ୍ତ୍ରଣ ହୋଇଥିଲା। ମାତ୍ର ଖାଇବା ବେଳକୁ ମାଂସ ତରକାରୀ ସରି ଯାଇଥିବାରୁ ସେ ଏହାର ପ୍ରତିବାଦ କରିଥିଲା। ଏହାକୁ ନେଇ ବିଦ୍ୟାଧର ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଆଦିତ୍ୟ ଉତ୍ତ୍ୟକ୍ତ ହୋଇ ଆହାରପଦା ଫେରିବା ରାସ୍ତାରେ ବିଜେଗଙ୍ଗାଧରପୁର ଛକରେ ଆକ୍ରମଣ କରିବାକୁ ଯୋଜନାବଦ୍ଧଭାବେ ଅପେକ୍ଷା କରି ରହିଥିଲା। ବିଦ୍ୟାଧର ସେହି ରାସ୍ତାରେ ନିଜ ଘର ଆହାରପଦାକୁ ବିଳମ୍ବିତ ରାତିରେ ଫେରିବା ବେଳେ ଆଦିତ୍ୟ ଏକ ଧାରୁଆ ଛୁରୀରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ଘଟଣା ନେଇ ମୃତକଙ୍କ ଭାଇ ମଧୁସୂଦନ ମାଝୀଙ୍କ ଏତଲାକ୍ରମେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇ ପୁଲିସ ଆଦିତ୍ୟକୁ ଗିରଫ କରି ଜେଲ ପଠାଇଥିଲା। ସେହି ଦିନ ଠାରୁ ଆଦିତ୍ୟ ବିଚାରାଧୀନ ବନ୍ଦୀ ଭାବରେ ଜେଲରେ ଅଟକ ରହିଥିଲା। ପରେ ଏହି ମାମଲା (ସ୍ପେଶାଲ କେଶ ନଂ-୧୮୮/୨୨)ର ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପବନ କୁମାର ଶର୍ମା ମକଦ୍ଦମା ପରିଚାଳନା କରୁଥିଲେ।

### ଅଁଳା ନବମୀରେ ଅଘଟଣ; ଦ୍ୱିତୀୟ ଶ୍ରୀକ୍ଷେତ୍ରରୁ ଉଡ଼ିଗଲା ନେତ

## ନୀତିକାନ୍ତି ବିଭ୍ରାଟକୁ ଦାୟୀ କଲେ ସେବାୟତ

ବାରିପଦା, ୩୧।୧୦(ସମିସ)




ପବିତ୍ର ଅଁଳା ନବମୀରେ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଘଟଣ ଘଟିଛି। ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରର ନେତ ଉଡିଯାଇଛି; ଯାହାକି ଆସନ୍ନ ବିପଦର ସଙ୍କେତ ବୋଲି ସେବାୟତମାନେ କହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଅଁଳା ନବମୀ ଥିବାରୁ ମନ୍ଦିରରେ ସକାଳେ ନୀତିକ୍ରାନ୍ତି ଜାରି ରହିଥିଲା; ହେଲେ ସକାଳ ୧୦ଟାରେ ମନ୍ଦିରର ନେତ ଉଡିଯାଇଛି। ବର୍ଷା ନ ଥିଲେ ମଧ୍ୟ ହାଲୁକା ପବନ ଯୋଗୁ ଏହି ଅଘଟଣ ଘଟିଛି। ଏହାକୁ ନେଇ ସମସ୍ତଙ୍କ ମନରେ ଛନକା ସୃଷ୍ଟି କରିଛି। ପହଡ ଖୋଲିବା ପରେ ଧୂପ ଓ ଠା ସେବା ନୀତି ଚାଲିଥିବା ବେଳେ ନେତ ଉଡିଯାଇଛି। ନେତ ଦୂରକୁ ଉଡିଯାଇଥିବା ବେଳେ ବହୁ ଖୋଜଖୋଜି କରିବା ପରେ ବି ମିଳିନଥିଲା। ଏହା ଦେଖି ରୁନୁରା ସେବାୟତମାନେ ମନ୍ଦିର ଉପରକୁ ଉଠି ପୁଣି ନେତ ବାନ୍ଧିଥିଲେ। ଏହାପରେ ଅଧାରୁ ଅଟକି ଥିବା ସମସ୍ତ ନୀତିକ୍ରାନ୍ତି ସମ୍ପନ୍ନ ହୋଇଛି। ତେବେ ଏହା ଆସନ୍ନ ବିପଦର ସଙ୍କେତ ବୋଲି ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର କହିଛନ୍ତି।

ତେବେ ପବିତ୍ର ଅଁଳା ନବମୀରେ ଏଭଳି ଅଘଟଣକୁ ସେବାୟତ ଓ ଶ୍ରଦ୍ଧାଳୁ ସହଜରେ ଗ୍ରହଣ କରି ପାରୁନାହାନ୍ତି। ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ବାରମ୍ବାର ନୀତିକାନ୍ତି ବିଭ୍ରାଟ ପାଇଁ ଏଭଳି ଅଘଟଣ ଘଟିଛି ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି। ଶ୍ରୀ ଶ୍ରୀ ହରିବଳ ଦେବ ଜୀଉ ହେଲେ ଅମାପ ସମ୍ପତ୍ତି ମାଲିକ; କିନ୍ତୁ ମହାପ୍ରଭୁ ଟଙ୍କା ଅଭାବ ଯୋଗୁଁ ଉପାସରେ ରହୁଛନ୍ତି। ଫଳରେ ନୀତିକ୍ରାନ୍ତି ବହୁ ବିଭ୍ରାଟ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ପାଇଁ ରାଜ୍ୟ ସରକାର ଏଥିପ୍ରତି କୋଣସି ଦୃଷ୍ଟି ଦେଉନାହାଁନ୍ତି। ତେଣୁକରି ଏପରି ଅଘଟଣ ଆସନ୍ନ ବିପଦର ସୂଚନା ଦେଉଛି ବୋଲି ମତ ଦେଇଛନ୍ତି। ପ୍ରକାଶ ଥାଉ କି ଗତ ବର୍ଷ ଅକ୍ଟୋବର ୨୪ ତାରିଖରେ ଦାନା ବାତ୍ୟା ପ୍ରଭାବରେ ଜୋରରେ ପବନ ବୋହିଥିବା ବେଳେ ନେତ ଉଡି ରଥଖଳାରେ ପଡିଥିଲା।

### ରାତି ଅଧରେ ଲୁଚି ଲୁଚି ଚେକିଂ କରିବା ମହଙ୍ଗା ପଡ଼ିଲା

## ଚୋର ଭାବି ୩ ବିଦ୍ୟୁତ୍ କର୍ମଚାରଙ୍କୁ ନିର୍ଘୁମ୍ ପିଟିଲେ

ପାଣିକୋଇଲି,୩୧।୧୦(ସମିସ)

ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଗୁରୁବାର ବିଳମ୍ବିତ



ରାତ୍ରୀରେ ୩ଜଣ ବିଦ୍ୟୁତ କର୍ମଚାରୀଙ୍କୁ ଚୋର ବୋଲି ଭାବି ମାଡ଼ ମାରି ପୁଲିସ ଜିମା ଦିଆଯାଇଛି। ଏନେଇ ଥାନାରେ ଦୁଇଟି ଅଭିଯୋଗ କରାଯାଇଛି। ତିନି କର୍ମଚାରୀଙ୍କ ମଧ୍ୟରୁ ଜଣେ ଅଣଓଡ଼ିଆ କର୍ମଚାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଚାନ୍ଦପୁର ଗ୍ରାମର ପ୍ରଦୀପ ପଣ୍ଡାଙ୍କ ସ୍ତ୍ରୀ କଳ୍ପନା ପଣ୍ଡାଙ୍କ ଅଭିଯୋଗ ମୁତାବକ ଗୁରୁବାର ରାତି ୩ଟା ସମୟରେ ଘରର ମହିଳାମାନେ କାର୍ତ୍ତିକ ସ୍ନାନ ପାଇଁ ରାତ୍ରୀରୁ ଉଠିଥିଲେ। ଘରର କବାଟ ଖୋଲାଥିଲା। ଏହି ସମୟରେ ଜଣେ ଅଣଓଡ଼ିଆ ବ୍ୟକ୍ତି ତାଙ୍କ ଘରେ ପଶିଯାଇଥିଲା। ଏହା ଦେଖି ସେମାନେ ଚୋର ଚୋର ପାଟି କରିବାରୁ ପରିବାରର ସମସ୍ତେ ଓ ଗ୍ରାମବାସୀ ଉଠିଆସିଥିଲେ। ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଫୋନ୍ କରିଥିଲେ। ଉକ୍ତ ଯୁବକ ମହିଳାମାନଙ୍କୁ ଧକ୍କା ମାରିବା ସହ ସୁନା ଅଳଙ୍କାର ଛଡ଼ାଇନେଇଥିବାର ଅଭିଯୋଗରେ ମଧ୍ୟ ଦର୍ଶାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣି ଚିକିତ୍ସା ପାଇଁ ପଠାଇଥିଲା। ଅପରପକ୍ଷେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଥାନାରେ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଉକ୍ତ ପରିବାର ପ୍ରତିଦିନ ରାତିରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରନ୍ତି। ଖବର ପାଇ ଗୁରୁବାର ଏକ ଟିମ୍ ବିଦ୍ୟୁତ ତାରରୁ ହୁକ କେଉଁଆଡେ ଯାଇଛି ବୋଲି ଟର୍ଚ୍ଚ ମାରି ଚେକିଂ କରିଥିଲେ। ତାରଟି କୁଆଡେ ଯାଇଛି ଖୋଜିବା ବେଳକୁ ଉକ୍ତ ଘରକୁ ଯାଇଥିଲା। ସେ ଏହା ଦେଖିବା ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶଶିଶେଖର ଶର୍ମା ନାମକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଯାକ ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ବିଦ୍ୟୁତ ବିଭାଗର ଜୁଲମକୁ ନେଇ ପ୍ରଶ୍ନ ଉଠିଛି। ରାତି ଅଧରେ ବିନା ପୁଲିସ ଓ ବିନା ମହିଳା କର୍ମଚାରୀରେ ଜଣଙ୍କ ଘରେ ପଶିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

### ଜାତୀୟ ଭଲିବଲ୍‌କୁ ଦୀପକ ମନୋନୀତ



**ବାସୁଦେବପୁର, ୩୧।୧୦ (ସମିସ):** ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ରଜନୀଦେବୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଦୀପକ କୁମାର ଜେନା ଜାତୀୟ ସ୍ତରରେ ଭଲିବଲ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରରେ ତାଙ୍କର କ୍ରୀଡା ପ୍ରତିଭା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ରାଜ୍ୟରୁ ଜାତୀୟ ସ୍ତରର ଟିମରେ ଦୀପକ ତିନି ନମ୍ବର ଖେଳାଳି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପରିସରରେ କୋଚିଂ ନେବାର ବ୍ୟବସ୍ଥା କରାଯାଇଛି। ଆଜି ରଜନୀଦେବୀ ହାଇସ୍କୁଲ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହିତ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଦୀପକ ରାଜ୍ୟ ପାଇଁ ଗୌରବ ଆଣି ଦିଅନ୍ତୁ ବୋଲି ସ୍ଥାନୀୟ ସରପଞ୍ଚ ବାସୁଦେବ କାଣ୍ଡି କହିଛନ୍ତି।

### ଚୋରା ଅଳଙ୍କାର କିଣି ସୁନା ଦୋକାନୀ ଗିରଫ

**ଭଦ୍ରକ, ୩୧।୧୦(ସମିସ):** ଜଣେ ନାବାଳକଠାରୁ ଚୋରି ଅଳଙ୍କାର କିଣିବା ପଡିଲା ମହଙ୍ଗା। ସୁନା ଦୋକାନୀକୁ ପୋଲିସ ଗିରଫ୍ କରିଛି। ପୀରହାଟ ଥାନାଞ୍ଚଳରେ



ଘଟିଛି ଏପରି ଅଘଟଣ। ପୁଲିସ ଏନେଇ ଚୋରିରେ ସଂପୃକ୍ତ ମାଷ୍ଟରମାଇଣ୍ଡ ସିନ୍ଦୋଳ ଗାଁର ଜଣେ ନାବାଳକକୁ ଅନୁଗୁଳସ୍ଥିତ ସୁଧାର ଗୃହରେ ଛାଡିଥିବା ବେଳେ ଚୋରା ଅଳଙ୍କାର କିଣିଥିବା ସୁନା ଦୋକାନୀ ତଥା ଦୌଲତପୁର ଗାଁର ବାସିନ୍ଦା ମହେଶ୍ୱର ସାହୁଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ସିନ୍ଦୋଳ ଘାଟିଆସାହି ଗାଁର ତ୍ରିନାଥ ଦାସଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇ ତାଙ୍କ ସମ୍ପର୍କୀୟ ଜଣେ ନାବାଳକର ସଂପୃକ୍ତି ଜାଣିଥିଲା। ସୁନା ଅଳଙ୍କାର ବିକି ନାବାଳକ ଜଣକ ଅଭିଯୁକ୍ତ ମହେଶ୍ୱରଙ୍କଠାରୁ ୩ ଲକ୍ଷରୁ ଅଧିକ ଟଙ୍କା ନେଇଥିବା ଜଣାପଡ଼ିଛି।

### କାର୍ କାଚ ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟ୍

**ରାଇରଙ୍ଗପୁର, ୩୧।୧୦ (ସମିସ):** ଶୁକ୍ରବାର ପୂର୍ବାହ୍ନରେ ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ବାଇଦାପୋଷି ୱାର୍ଡ ନଂ ୩ର ନିବାସୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କାଳେଶ୍ୱର ହାଁସଦା ଓ ତାଙ୍କ ଧର୍ମ ପତ୍ନୀଙ୍କ ସହ ଆସି ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ କାରକୁ ଛିଡାକରି କିଛି ଜରୁରୀ ସଉଦା କିଣିବାକୁ ଯାଇଥିଲେ। ହେଲେ ସଉଦା କିଣି ଫେରିବା ପରେ ତାଙ୍କ ଗାଡିର କାଚ ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ପରେ ଏ ନେଇ ଶ୍ରୀ ହାଁସଦା ରାଇରଙ୍ଗପୁର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

### ଜଳାଶୟରେ ପଡ଼ି ଶିଶୁକନ୍ୟା ମୃତ

**ବୈଶିଙ୍ଗା, ୩୧।୧୦(ସମିସ):** ବୈଶିଙ୍ଗା ଥାନା ଅଧୀନ ଭାଲିଆଡିହା ଗ୍ରାମର ବାପି ହାଁସଦାଙ୍କ ୨ ବର୍ଷର ଝିଅ ନାଗେଶ୍ୱରୀ ଘର ପାଖରେ ଖେଳୁଥିବବେଳେ ଏକ ଜଳାଶୟରେ ପଡିଯାଇଥିଲା। ଘରେ ଶିଶୁକୁ ନ ପାଇ ମାଆ ସୋନା ହାଁସଦା ଏଣେତେଣେ ଖୋଜାଖୋଜି କରିଥିଲେ; ହେଲେ ପାଇନଥିଲେ। ପରେ ସନ୍ଦେହ ହେବାରୁ ପରିବାର ଲୋକ ଘରପାଖ ଏକ ଗାଡିଆ ପାଣିରେ ପଶି ଖୋଜିଥିଲେ। କିଛି ସମୟ ପରେ ଗାଡିଆର ଶିଶୁକୁ ଚେତାଶୂନ୍ୟ ଭାବେ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ମୋରଡା/ରାସଗୋବିନ୍ଦପୁର,୩୧।୧୦(ସମିସ):** ଶୁକ୍ରବାର ରାସଗୋବିନ୍ଦପୁର ଥାନା ପୁଲିସ ଏକ ନବଜାତ ଶିଶୁ କନ୍ୟାର ମୃତଦେହକୁ ଜବତ କରିଛି। ଅପରାହ୍ନ ୨ଟା ସମୟରେ ମୂଷାମାରୀ ଛକରୁ ଦୁଇଶହ ମିଟର ଦୂରରେ ଏକ ନିଛାଟିଆ ସ୍ଥାନରେ ଏକ ବ୍ୟାଗ ଏବଂ ଏକ ମସିଣା ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ବ୍ୟାଗରେ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଥିବା ଦେଖି ଲୋକେ ପୁଲିସକୁ ଜଣାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ରାସଗୋବିନ୍ଦପୁର ସିଡିପିଓ ମାଳତୀ ମାର୍ଣ୍ଡିଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଅବଗତ ହୋଇଛନ୍ତି ଏବଂ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

### ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖଇରା, ୩୧।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ସଂଗ୍ରାମ ଭୋଇ(୩୮)ଙ୍କ ମୃତଦେହ ଶୁକ୍ରବାର ବର୍ତ୍ତନା ହାଇସ୍କୁଲ ନିକଟସ୍ଥ ନାଳରୁ ଉଦ୍ଧାର କରାଯାଇଛି। ଗୁରୁବାର ରାତିରେ ଶୌଚ ହେବାକୁ ଆସି ସଂଗ୍ରାମ ଆଉ ଘରକୁ ଫେରି ନ ଥିଲେ। ତେବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା ଓ ସମିତିସଭ୍ୟ ପ୍ରତିନିଧି ପତିତପାବନ କର ତଥା ଅନ୍ୟ ଗ୍ରାମବାସୀଙ୍କ ଅନୁରୋଧ ପରେ ମଧ୍ୟ ପୁଲିସ ସଂଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ଗାଁ ଲୋକେ ନିଜ ପ୍ରଚେଷ୍ଟାରେ ଗାଡିକରି ଖଇରା ମେଡିକାଲ ଆଣିଥିବା କୁହାଯାଉଛି।

### ପଡ଼ୋଶୀଙ୍କୁ ଖଣ୍ଡାରେ ଆକ୍ରମଣ

**ଆନନ୍ଦପୁର,୩୧।୧୦(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମରେ ଗଣ୍ଡଗୋଳ ଘଟିଯାଇଚି। ଗାଁର କୁନି ଓଝା ଖଣ୍ଡାରେ ପ୍ରତିପକ୍ଷଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ, ତ୍ରିଲୋଚନ ଓଝାଙ୍କ ଜମିରେ ଭାଡ଼ା ମାରି ନିଜ ଘର ପ୍ଲାଷ୍ଟର କରୁଥିଲେ ପଡ଼ୋଶୀ କୁନି ଓଝା। ବିନା ଅନୁମତିରେ ତ୍ରିଲୋଚନଙ୍କ ଜାଗାରେ ଭାଡ଼ା ମାରିଥିବାରୁ ସମସ୍ତ ଭାଇମାନେ ଯଥା କୋଦଣ୍ଡ ଓଝା, ତ୍ରିଲୋଚନ ଓଝା, କାହ୍ନୁଚରଣ ଓଝା, ଶ୍ରୀଧର ଓଝା, ରବୀନ୍ଦ୍ର ଓଝା ପ୍ରଶ୍ନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁନି ଓଝା ଏକ ଖଣ୍ଡା ଧରି ଆସି କାହ୍ନୁଚରଣ ଓଝାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ପାଇଁ ଆଣିଥିଲେ। ପରେ କୁନି ଓଝା ତ୍ରିଲୋଚନଙ୍କ ଘରକୁ ଆସି ପୁଣି ଥରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା କହିଛନ୍ତି ତ୍ରିଲୋଚନ। ସେପଟେ କୁନି ଓଝା ମଧ୍ୟ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଷିପୁରା ଥାନାଧିକାରୀ କିଶୋର ପ୍ରଧାନ ଦୁଇ ଅଭିଯୋଗ କୁ ଭିତ୍ତିକରି ତଦନ୍ତ ହେଉଛି ଏବଂ କୌଣସି ମାମଲା ରୁଜୁ ହୋଇ ନଥିବା କହିଛନ୍ତି।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୋର, ୩୧।୧୦(ସମିସ):** ସୋର ଥାନା ମାଣିପୁର ପଞ୍ଚାୟତ ଖୁଣ୍ଟା ବେଙ୍ଗେଇ ଗ୍ରାମର ଜଣେ ଯୁବକ ବେକରେ ପିନ୍ଧା ଧୋତି ବାନ୍ଧି ଗଛ ଡାଳରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଭିମା ହେମ୍ବ୍ରମ (୪୫) ଜଣେ ମାନସିକ ଅନଗ୍ରସର ରୋଗୀ। ଆଜି ସକାଳେ ତାଙ୍କୁ ପରିବାର ଲୋକେ ଘରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଘରଠାରୁ କିଛି ଦୁରରେ ଥିବା ଏକ ଶାଳ ଗଛରେ ବେକରେ ପିନ୍ଧା ଧୋତି ବାନ୍ଧି ଝୁଲୁଥିବାର ଦେଖିଥିଲେ। ଏହା ଦେଖି ଗ୍ରାମବାସୀ ସୋର ପୁଲିସକୁ ଖବର ଦେଇଥିଲେ।ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

### ମାତୃ ହତ୍ୟାକାରୀ ନିର୍ଦ୍ଦୋଷରେ ଖଲାସ

**ନୀଳଗିରି, ୩୧।୧୦ (ସମିସ):** ମାତୃ ହତ୍ୟା ଅଭିଯୋଗର ବିଚାର କରି ନୀଳଗିରିର ଅତିରିକ୍ତ ଦୌରାଜଜ୍ ଶ୍ରତୋସିନୀ କର ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ଓ ସମସ୍ତ ଦସ୍ତାବିଜ୍‌କୁ ଆଧାର କରି ମୁଦାଲାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ବାଘମରା ଗ୍ରାମର ବାବାଜି ସିଂଙ୍କ ପୁଅ ଦୁର୍ଗା ସିଂ ତାର ମାଆ କଙ୍କିମଣି ସିଂକୁ ଏକ କାଠ ଫାଳିଆ ରେ ପିଟି ପିଟି ହତ୍ୟା କରିକରିଥିବାର ଅଭିଯୋଗ ହୋଇଥିଲା। ଦୁର୍ଗା ସିଂର ଭାଇ ବୈଦା ସିଂ ଗତ ୧୯/୨/୨୫ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ନୀଳଗିରି ପୁଲିସ ଦୁର୍ଗାଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦେଇଥିଲା। ନୀଳଗିରି ଜେଲରେ ବିଚାରଧିନ ବନ୍ଦୀ ଭାବେ ଜୀବନ ବିତାଉଥିବାବେଳେ ବିଚାରପତି ୬ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଭିତ୍ତି କରି ମୁଦାଲା ଦୁର୍ଗା ସିଂକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲା ଦୁର୍ଗା ସିଂଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ କୁମାର ପାତ୍ର ମକଦ୍ଦମା ଲଢୁଥିଲେ।

## ୨୧ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ,୨ ଗିରଫ

**ବସ୍ତା ବ୍ଲକ, ୩୧।୧୦ (ସମିସ):** ଦିନକୁ ଦିନ ରୂପସା ଅଞ୍ଚଳରେ ବ୍ରାଉନସୁଗର ବେପାର ବଢ଼ିବାରେ ଲାଗିଛି। ଶୁକ୍ରବାର ରୂପସା ଅଞ୍ଚଳରୁ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ୨୧୦ ଗ୍ରାମ ଓଜନର ବ୍ରାଉନସୁଗର୍ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ। ରୁପସା ଥାନା ରୁପ୍ସା ରେଳ



ଷ୍ଟେସନ ନିକଟରେ ବ୍ରାଉନ ସୁଗର କାରବାର ହେଉଥିବା ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ଦୁଇ ଜଣକୁ ଗିରଫ କରିଥିଲା । ଗିରଫ ଯୁବକ ମାନେ ହେଲେ ରୂପସା ଥାନା ଅନ୍ତର୍ଗତ ମିର୍ଗୀମୁଣ୍ଡି ଗ୍ରାମର ସୁଦାମ ବେହେରା(୩୦) ଓ ସାମିଲହାସନପୁର ଗ୍ରାମର ଗୋକୁଳ ବର ( ୫୩) । ଏହି ଚଢ଼ଉରେ ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ, ଏସ୍‌ଆଇ ଭକ୍ତ ଚରଣ ସ୍ୱାଇଁ, ଏଏସଆଇ ଅନିଲ କୁମାର ସତୁଆ, କବିତା ସେନାପତି, ରଶ୍ମିରେଖା ପାତ୍ର ଓ ପଙ୍କଜ ମହାନ୍ତି ସାମିଲ ଥିଲେ।

## ପତ୍ନୀହନ୍ତା ସ୍ୱାମୀକୁ ୭ ବର୍ଷ କାରାଦଣ୍ଡାଦେଶ

ବାରିପଦା, ୩୧।୧୦(ସମିସ)

ଅତିରିକ୍ତ ଜିଲ୍ଲା ଦୌରାଜଜ (୨) କୋର୍ଟରେ ବିଚାରପତି ସୁମନ କୁମାର ମିଶ୍ର ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ପତ୍ନୀହନ୍ତା ସ୍ୱାମୀକୁ ୭ବର୍ଷ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ସିତୁଣ୍ଡି ଗ୍ରାମର ବାପି ବିନ୍ଧାଣି(୩୫)। ଅଭିଯୋଗ ଅନୁଯାୟୀ, ମଇନା କିସ୍କୁ ଆସାମୀ ବାପିଙ୍କୁ ଦ୍ୱିତୀୟ ବିବାହ କରି ବାରିପଦାରେ ରହୁଥିଲେ। ତେବେ କୌଣସି କାରଣ ପାଇଁ ତାଙ୍କର ବାରମ୍ବାର କଳହ ହେଉଥିଲା। ଯାହାକୁ ନେଇ ବାପି ସ୍ତ୍ରୀ ମଇନାକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲା। ଗତ ୮.୨.୨୦୨୪ରେ ମଇନା ମୁଣ୍ଡ ବ୍ୟଥା ହେବାରୁ ସ୍ୱାମୀକୁ ହସ୍ପିଟାଲ ନେବାକୁ କହିଥିଲା; କିନ୍ତୁ ସେ ହସ୍ପିଟାଲ ନେବା ପରିବର୍ତ୍ତେ ଗାଳିଗୁଲଜ କରିଥିଲା। ରାତିରେ ସେ ଘର ବାହାରେ ଚା' କରୁଥିବା ବେଳେ ବାପି ଉତକ୍ଷିପ୍ତ ହୋଇ ପ୍ରବଳ ମାରଧର କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ମଇନାଙ୍କ ମୃତ୍ୟୁ ଘଟିଥିଲା। ପର ଦିନ ସକାଳୁ ତାଙ୍କ ମା', ଝିଅର



ମୃତଦେହ ଘର ଭିତରେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ସେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ପିପି (ସରକାରୀ ଆଇନଜୀବୀ) ବଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୨- ଅଟୋମନ ସାମ୍ରାଜ୍ୟର ଅନ୍ତ ହେଲା।
- ୧୯୫୦- ଭାରତର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ରେଳ କାରଖାନାରେ ତିଆରି କରାଗଲା।
- ୧୯୫୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୩- ମୈସୁର ନାମ ବଦଳାଯାଇ କର୍ଣ୍ଣାଟକ ହେଲା।
- ୨୦୦୦- ଛତିଶଗଡ଼ ନୂଆ ରାଜ୍ୟ ହେଲା।

## ବିଶ୍ୱ ଧ୍ୱଂସ ଲାଗି ଯୁବତୀ ପ୍ରସ୍ତୁତ



ବିଶ୍ୱ କେବେ ଧ୍ୱଂସ ହେବ, ସେକଥା କେହି ଜାଣନ୍ତି ନାହିଁ। ହେଲେ ଆମେରିକାର ଜଣେ ଯୁବତୀ ଏବେଠୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସବୁଠୁ ବଡ଼ କଥା ହେଲା, ସେ ଏବେଠୁ ଖାଦ୍ୟ ଓ ମଞ୍ଜି ସଂଗ୍ରହ ଆରମ୍ଭ କରି ଦେଇଛନ୍ତି। ୱାଶିଂଟନରେ ରହୁଥିବା ୨୫ ବର୍ଷୀୟା ଗୁଜ୍ଵା କୁହନ୍ତି, ଯଦି ଆଗକୁ ପୂରା ଦୁନିଆର ସିଷ୍ଟମ ଠପ୍ ହୋଇଯିବ, ତାହେଲେ ସେ କାହାରି ସାହାଯ୍ୟ ବିନା ଜୀବନ ଜିଇଁପାରିବେ। ବିଗତ କିଛି ବର୍ଷ ହେଲାଣି ସେ ତାଙ୍କ ଛୋଟ ଫାର୍ମରେ ଖାଦ୍ୟ, ବିହନ, ଔଷଧ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣକୁ ସଂରକ୍ଷିତ କରି ରଖିଛନ୍ତି। ସେହିପରି ଗୁଜ୍ଵା ତାଙ୍କର ସଞ୍ଚିତ ଅର୍ଥକୁ ଖାଦ୍ୟ, ଜଳ ସଂରକ୍ଷଣ, ସୌରଶକ୍ତିରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ଅଧିକାଂଶ ଲୋକଙ୍କୁ ଗୁଜ୍ଵାଙ୍କର ଏହି କାମ ପାଗଳାମୀ ଲାଗିଲେ ବି ତାଙ୍କ ପାଇଁ ଏହା ସ୍ୱାଧୀନତାକୁ କିଣିବା ଭଳି ବୋଲି ସେ କହିଛନ୍ତି। ଏବେ ସେ ତାଙ୍କ ଖାଦ୍ୟ ସଂରକ୍ଷଣକୁ ଦ୍ୱିଗୁଣା କରିଛନ୍ତି। ଏହା ସହିତ ଗୁଜ୍ଵା ଏକଥା କହିଛନ୍ତି ଯେ, ତାଙ୍କ ପାଖରେ ଏତେ ଖାଦ୍ୟପଦାର୍ଥ ସଂରକ୍ଷିତ ଅଛି, ଯାହାକୁ ଖାଇ ଏକ ପାଞ୍ଚ ଜଣିଆ ପରିବାର ଆସନ୍ତା ଦଶ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରିବେ। ସେହିଭଳି ଗୁଜ୍ଵା କୌଣସି ଖାଦ୍ୟ ପଦାର୍ଥ ନଷ୍ଟ କରିବାକୁ ପସନ୍ଦ କରନ୍ତି ନାହିଁ। ଏହାକୁ ସେ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଥାନ୍ତି। ଆସନ୍ତା ଖ୍ରୀଷ୍ଟମାସରେ ଗୁଜ୍ଵା ଗତବର୍ଷରୁ ରଖିଥିବା ରୋଷ୍ଟ ଟର୍କି, ମାସଡ୍ ପଟାଟୋ, ଗ୍ରେଭି, ଗ୍ରୀନ୍ ବିନ୍ସ ଏବଂ ଆପଲ୍ ପାଏ (ଏହାକୁ ସେ ଶୁଖାଇ ସିଲ୍ କରି ରଖିଛନ୍ତି) ଆଦି ଖାଇବେ। ଯେକୌଣସି ପରିସ୍ଥିତିରେ ସେ ତାଙ୍କ ପରିବାରକୁ ଖାଦ୍ୟ ଯୋଗାଇ ପାରିଲେ ଏହା ତାଙ୍କ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗୁଜ୍ଵା କହିଛନ୍ତି। ଯେତେବେଳେ ସାରା ଦୁନିଆ ଠପ୍ ହୋଇଯାଇଥିବ ସେତେବେଳେ ସେ ତାଙ୍କ ହାତ ତିଆରି ଜିନିଷ ଖାଉଥିବେ ବୋଲି ଗୁଜ୍ଵା କହିଛନ୍ତି।

## ଅଗଷ୍ଟ ୧୪ରେ 'ନାଗଜିଲା'




ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟନ୍ ଶେଷ ଥର ପାଇଁ 'ଭୁଲଭୁଲୈୟା ୩'ରେ ଦେଖାଯାଇଥିଲେ। ଏହା ଗତବର୍ଷ ଦୀପାବଳିରେ ରିଲିଜ୍ ହୋଇଥିଲା। ସେବେଠୁ କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା: ନାଗ ଲୋକ କା ପହଲା କାଣ୍ଡ'କୁ ନେଇ ଖବର ଆସିଛି। ଫିଲ୍ମ ନିର୍ମାତା ଏବେ ଏହାର ରିଲିଜ୍ ତାରିଖରୁ ପରଦା ହଟାଇଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ନାଗପଞ୍ଚମୀ ଅର୍ଥାତ୍ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃଗଦୀପ ସିଂହ ଲାମ୍ବା। ଏହି ସିନେମାରେ କାର୍ତ୍ତିକ ଇଚ୍ଛାଧାରୀ ନାଗ ପ୍ରିୟବନ୍ଦେଶ୍ୱର ପ୍ୟାରେ ଚନ୍ଦ ଭୂମିକାରେ ଅଭିନୟ କରିବେ। କାର୍ତ୍ତିକ୍ 'ନାଗଜିଲା' ବ୍ୟତୀତ ଅନନ୍ୟା ପାଣ୍ଡେଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଓ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ।

## ଅଜବ ନୌକା ଦୌଡ଼ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଅଜବ ପ୍ରତିଯୋଗିତାମାନ ଆୟୋଜନ ହୋଇଥାଏ। ଏହି କ୍ରମରେ ଆମେରିକା ଓରେଗନର ଟୁଆଲାଟିନ ସହରରେ ଏକ ନିଆରା ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଏ। ଏଠାରେ ଲୋକେ ବିଶାଳକାୟ କଖାରୁରେ ନିର୍ମିତ ଡଙ୍ଗାରେ ବସି ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। କଖାରୁକୁ ଭିତରୁ ଫମ୍ପା କରି ସେଥିରେ ବସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ପ୍ରତିବର୍ଷ ଶହ ଶହ ଲୋକେ ଭାଗ ନେବା ସହ ଏହି ପ୍ରତିଯୋଗିତା ଦେଖିବାକୁ ଆସିଥାନ୍ତି। ଏହି ନିଆରା ପ୍ରତିଯୋଗିତା ୨୦୦୪ ମସିହାରୁ ଆୟୋଜିତ ହୋଇ ଆସୁଛି। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନେ ହିଁ ନିଜେ କଖାରୁକୁ ଡଙ୍ଗାର ରୂପ ଦେଇଥାନ୍ତି। ଏହାପରେ ହ୍ରଦରେ ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ୱେଷ୍ଟ କୋଷ୍ଟ ଜଏଣ୍ଟ ପମ୍ପକିନ୍ ରେଗାଟାର ୨୧ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଏଥିରେ ଏପରି ଅନେକ କଖାରୁ ଥିଲା, ଯାହାର ଓଜନ ୪୫୦ କେଜିରୁ ଅଧିକ ଥିଲା। ଏହି ବିଶାଳକାୟ କଖାରୁଗୁଡ଼ିକୁ ହ୍ରଦରେ ଛାଡ଼ିବା ପାଇଁ ଆୟୋଜକଙ୍କୁ ଫୋର୍କ ଲିଫ୍ଟ ମେସିନ୍‌ର ସାହାରା ନେବାକୁ ପଡ଼ିଥିଲା। ଏହାପରେ ପ୍ରତିଯୋଗୀମାନେ କରତ ଓ ବଡ଼ ଛୁରୀ ସାହାଯ୍ୟରେ କଖାରୁକୁ ଭିତରୁ ଫମ୍ପା କରିଥିଲେ। କଖାରୁ ଭିତରେ ଥିବା ମଞ୍ଜି ଓ ଅନ୍ୟାନ୍ୟ ଅଂଶ ବାହାରିଯିବା ପରେ ଏହା ପାଣିରେ ଭାସିବା ସହଜ ହୋଇଥାଏ। ଏହି ପ୍ରତିଯୋଗିତାକୁ ଅଧିକ ମନୋରଞ୍ଜନଭିତ୍ତିକ କରିବା ପାଇଁ ପ୍ରତିଯୋଗୀମାନେ ହାଲୋୱିନ ପୋଷାକ ପିନ୍ଧିଥିଲେ। କେହି କେହି ସୁପରହିରୋ ପୋଷାକରେ ନଜର ଆସିଥିବାବେଳେ ଆଉ କେହି ଟିଭି ଶୋ' ତଥା ଫିଲ୍ମର କୌଣସି ଚରିତ୍ର ଭାବେ ଦେଖାଯାଇଥିଲେ। ଦର୍ଶକେ ହ୍ରଦ କୂଳରେ ଛିଡ଼ା ହୋଇ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ।



## ପ୍ରଦୂଷଣ ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ହିତକର



ବାୟୁ ପ୍ରଦୂଷଣ ଏବେ ଚିନ୍ତାର କାରଣ ପାଲଟିଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ ଏବଂ ଗୁଡଗାଓଁ ଆଦି ସ୍ଥାନର ଲୋକେ ପ୍ରଦୂଷଣକୁ ନେଇ ବେଶ୍ ଚିନ୍ତିତ। ପ୍ରଦୂଷଣ ଯୋଗୁ ଶ୍ୱାସକ୍ରିୟାରେ ସମସ୍ୟା, ଆଖି ଜଳାପୋଡ଼ା, କାଶ, ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶରେ ଜଣେ କେଉଁ ସମୟରେ ବାହାରେ ଚଲାବୁଲା କରିପାରିବେ ସେନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ସଚେତନ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୋର ଏବଂ ସନ୍ଧ୍ୟା ସମୟରେ ପ୍ରଦୂଷଣ ମାତ୍ରା ଅଧିକ ଥାଏ। ତେଣୁ ଏହି ସମୟରେ ଚାଲିବା ହିତକର ନୁହେଁ। ସେହିପରି ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ଦିଲ୍ଲୀ ଏନ୍‌ସିଆରର ସକାଳ ବାୟୁ ଅଧିକ ପ୍ରଦୂଷିତ ଥାଏ। ଶୀତଦିନେ ଅଧିକ ଥଣ୍ଡା କାରଣରୁ ବାୟୁର ଗୁଣବତ୍ତା ମଧ୍ୟ ଅଧିକ ଖରାପ ଥାଏ । ବିଶେଷକରି କୁହୁଡ଼ି ଏବଂ ବିଷାକ୍ତ ଧୂଆଁର ପ୍ରଭାବ ସକାଳ ସମୟରେ ଅଧିକ ରହିଥାଏ। ଏପରି ସ୍ଥଳରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ଉଚିତ। କାରଣ ଦିନରେ ଖରା ପଡୁଥିବାରୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଥାଏ। ତେଣୁ ସୂଯ୍ୟାସ୍ତ ପୂର୍ବରୁ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସୂର୍ଯ୍ୟାସ୍ତ ପରେ ତାପମାତ୍ରା ହ୍ରାସ ପାଇ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଥାଏ। ଏ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୂଷିତ ବାୟୁରେ ଚାଲିବାକୁ ଯିବା ପୂର୍ବରୁ ପ୍ରଥମେ ବାୟୁର ଗୁଣବତ୍ତା ତଥା ଏୟାର ଇଣ୍ଡେକ୍ସ କ୍ୱାଲିଟି ପରୀକ୍ଷା କରି ଯିବା ଆବଶ୍ୟକ। ଯଦି ଏକ୍ୟୁଆଇସ୍ତର ୨୦୦ରୁ ଉପରକୁ ଥାଏ, ତେବେ ବାହାରେ ଚଲାବୁଲା ନ କରି ଘରେ ବ୍ୟାୟାମ କରିବା ଭଲ। ଅନ୍ୟପଟେ ପ୍ରଦୂଷିତ ବାୟୁରେ ଚାଲିବାକୁ ଯାଉଥିଲେ, ଉନ୍ନତମାନର ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।


## ଧରା ହୋଇଛି କାର୍ତ୍ତିକମୟ



ସୁଜିତ କୁମାର ମିଶ୍ର

ଧରା ହୋଇଛି କାର୍ତ୍ତିକମୟ
ଅଶିଣ ଗଲା ପରେ,
ପବିତ୍ର ଶଙ୍ଖ ଧ୍ୱନି ଶୁଭୁଛି
ସବୁରି ଘରେ ଘରେ ।
ସାତ୍ୱିକ ଖାଦ୍ୟ ଖାଇବା ପାଇଁ
ଝୁରୁଛି ଶ୍ରଦ୍ଧାପଣ,
ପଞ୍ଚୁକ ପୂଜା ପାଇଁ ହୋଇଛି
ଆତୁର ମନପ୍ରାଣ ।
ଅଳସ ଭାଙ୍ଗି ସଭିଏଁ ଦେଖ
କଲେଣି ଶଯ୍ୟାତ୍ୟାଗ,
ପ୍ରଭୁ ଦର୍ଶନ ପାଇଁ ଜାଗୁଛି
ଶ୍ରଦ୍ଧା ଭକତି ଭାବ ।
ଦୀନ ଦୁଃଖୀଙ୍କୁ ଦେଖି ରାସ୍ତାରେ
ବହୁଛି ଆଖି ଲୁହ,
ହୋଇଛି ହୃଦ ଧରମ ମାସେ
କରୁଣା ନଇ ସୁଅ ।
ଚଉରା ମୂଳେ ଶୋଭା ପାଉଛି
ପ୍ରଭୁଙ୍କ ଛବି ପରା,
ହଳଦୀ, ଧଳା, ସବୁଜ, କଳା
ମୁରୁଜ ରଙ୍ଗ ଭରା ।
ଭକତି ମନ୍ତ୍ର ବେଦପାଠରେ
ମନ୍ଦିର ମୁଖରିତ ,
ପାଲଟିଛି ସେ ସଭିଙ୍କ ପାଇଁ
ସକଳ ସୁଖତୀର୍ଥ ।
କାର୍ତ୍ତିକ ମାସ ଆଗମନରେ
ବହୁଛି ସୁଖଶିରୀ,
କୁହତ କେଉଁ ମାସଟେ ଅଛି
ମରତେ ତା' ପରି ? ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨



## ଆ କା ମା ବୈ



ଶୁଭେନ୍ଦୁ ମହାପାତ୍ର

ପଞ୍ଚୁକକୁ ଧରି କାର୍ତ୍ତିକ ଆସଇ
ପବିତ୍ର ମାସଟି ପରା
ହେମନ୍ତ ପରଶେ ଶିଶିର ପଡ଼ଇ
ସୁନ୍ଦର ଦିଶଇ ଧରା।।
ବଡ଼ି ସକାଳରୁ ଶଯ୍ୟା ତ୍ୟାଗ କରି
ହୃଦେ ଭକ୍ତିଭାବ ଭରି
ଏକାଦଶୀଠାରୁ ପାଞ୍ଚଦିନ ବ୍ରତ
ନିଷ୍ଠାରେ ବିଷ୍ଣୁଙ୍କୁ ସ୍ମରି ।।
କ୍ରୋଧ ଓ କପଟ କଟୁକ୍ତି ବଚନ
ତେଜି କୁସଙ୍ଗ କାମନା
ପଞ୍ଚୁକ ବ୍ରତ ଯେ ସାର୍ଥକ ହୁଅଇ
କଲେ ନାନା ଉପାସନା।।
ପ୍ରଭାତରୁ ଉଠି ଚଉଁରା ମୂଳରେ
ପଞ୍ଚବର୍ଣ୍ଣ ମୁରୁଜରେ
ଭାବରେ ଆଙ୍କନ୍ତି ଜଗା ଓ ବଳିଆ
ସୁଭଦ୍ରାଙ୍କୁ ସଙ୍ଗତରେ।।
ଶୁଦ୍ଧପୂତ ମନେ ଦାନ ପୁଣ୍ୟ କରି
ଧର୍ମ ଅରଜନ ପାଇଁ
ନାରାୟଣ ବ୍ରତ ପାଳନ୍ତି ଭକ୍ତିରେ
ଆକାଶ ଦୀପ ଜଳାଇ।।
ପାପ ଯାଏ ଧୋଇ ଆ କା ମା ବୈ କହି
ବିଶ୍ୱାସେ ଭଜନ୍ତି ହରି
ଐତିହ୍ୟ ସ୍ମରନ୍ତି ନଦୀରେ ଭସାନ୍ତି
କଦଳୀ ପଟୁକା ତରୀ।। ■

ଯାଜପୁର
ମୋ-୯୪୩୮୦୬୪୯୦୮



## ପ୍ରହେଳିକା

- ଶୈବପୀଠ ବୋଲି ରାଇଜେ ଖ୍ୟାତ
ମହାନଦୀ କୂଳେ ସେ ଅବସ୍ଥିତ
କାର୍ତ୍ତିକର ପ୍ରତି ସୋମବାରରେ
ଗହଳି ଚହଳି ହୁଏ ସେଠାରେ
ଗଜଭୋଗ ଲାଗେ ବଡ଼ଓଷାରେ
ଶ୍ରଦ୍ଧାଳୁ ପୂଜନ୍ତି ଭକ୍ତି ଚିତ୍ତରେ
ଝୁଲା ପୋଲ ଲୁଟେ ମନ
କାଳିଆ ବଳଦ ଧଳା ହୋଇଥିଲା
କୁହ ସେ'ପୀଠର ନାମ।

ଉତ୍ତର-ଧବଳେଶ୍ୱର ପୀଠ

- ଦୀପଟିଏ ସିଏ ପଞ୍ଚୁକ କାଳେ
ଭୂଇଁରେ ନ ଜଳି ଉର୍ଦ୍ଧ୍ୱରେ ଜଳେ
ମାଟିହାଣ୍ଡି ମଧ୍ୟେ ପ୍ରଦୀପ ରୁହେ
ଏକୋଇଶି ଛିଦ୍ର ହାଣ୍ଡିରେ ଶୋହେ
ବାଉଁଶରେ ବାନ୍ଧି ଦଉଡ଼ି ଶିକା
ହାଣ୍ଡିକୁ ସଞ୍ଜରେ ହୁଅଇ ଟେକା
ବାଉଁଶ ଶୀର୍ଷରେ ରହି
ଛିଦ୍ର ଦେଇ ଶିଖା ପ୍ରକାଶ ଦିଅଇ
କୁହ ତା'ର ନାମ କେହି।

ଉତ୍ତର-ଆକାଶ ଦୀପ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା
ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ରିମୁନର ଡଙ୍ଗାଭସା



ରାତି ନ ପାହୁଣୁ ରିମୁନ ଜେଜେମା ଆଉ ମମିଙ୍କ ସହିତ ଡଙ୍ଗା ଭସେଇବାକୁ ବାହାରି ପଡ଼ିଥାଏ। ବେଳାବେଳି ନ ଗଲେ ନଦୀ କୂଳରେ ଗହଳି ଲାଗିଯିବ। ରାତିରେ ଜେଜେମା କହିଥିଲେ ଆମେ ନିତ୍ୟକର୍ମ ସାରିକି ବେଳାବେଳି ଯିବା । ନଦୀରେ ଡଙ୍ଗା ଭସେଇ ଠାକୁର ଦର୍ଶନ କରି ଫେରିବା। ଜେଜେ କାଲି ସନ୍ଧ୍ୟାରେ ତିନିଜଣଙ୍କ ପାଇଁ କଦଳି ପାଟୁଆ ଡଙ୍ଗା କିଣି ଆଣିଥିଲେ। ଲୋକେ ଧାଡ଼ିଧାଡ଼ି ହୋଇ ନଦୀକୂଳ ଅଭିମୁଖେ ଛୁଟିଥାନ୍ତି। ହାଲୁକା ହାଲୁକା ପବନ ବହୁଥାଏ। ଆଖପାଖ ମନ୍ଦିରରୁ ଭଜନ କୀର୍ତ୍ତନ ସ୍ୱର ଭାସି ଆସୁଥାଏ। ଜେଜେମା କହିଲେ, ରିମୁନ ନଦୀ କୂଳରେ ଗହଳି ହେଇଥିବ ତୁ ଏଣେତେଣେ ଯିବୁ ନାହିଁ। ରିମୁନ ହଁ ମାରିଲା। ରିମୁନ ଜେଜେମାଙ୍କୁ ପଚାରିଲା- କାର୍ତ୍ତିକ ମାସରେ ତ ଶୀତ ଆରମ୍ଭ ହୁଏ ହେଲେ ଏ ବର୍ଷ କାହିଁକି ଟିକେ ବି ଥଣ୍ଡା ଲାଗୁନାହିଁ। ଜେଜେମା କହିଲେ- 'ଆରେ ଜଳବାୟୁ ପରିବର୍ତ୍ତନ ଲାଗି ଶୀତ ପା ଏବେ ଡେରିରେ ଆସୁଛି। ତାପରେ ଏ ସହରୀ ଜାଗାରେ କଂକ୍ରିଟ୍ କୋଠାକୁ ମାଳମାଳ ଗାଡ଼ି ମଟର, ସାରା ସହର ଧୂଆଁ ଧୂଳିରେ ଏଣୁ ଥଣ୍ଡା ଆଦୌ ଜଣା ପଡୁନି। ଗାଁ ଗହଳିରେ ଥଣ୍ଡା ନିଶ୍ଚିତ ଲାଗିବଣି।' ମମି କହିଲେ, ଆଗରୁ କୁଆଁର ପୁନେଇଁ ବେଳକୁ ଥଣ୍ଡା ଆସି ସାରିଥାଏ ହେଲେ ଏବେ କାର୍ତ୍ତିକ ପୁନେଇଁ ବେଳକୁ ବି ଥଣ୍ଡାର ଦେଖା ଦର୍ଶନ ନାହିଁ। ଗପସପରେ ସମସ୍ତେ ପହଞ୍ଚି ଯାଇଥିଲେ ନଦୀ କୂଳରେ।

ଜେଜେମା କହିଲେ, 'ଦେଖୁଛ ତ ନଦୀ କୂଳରେ କେତେ ଭିଡ଼ ଲାଗିଗଲାଣି। ଚାଲ ଆମେ ଆଗେ ଡଙ୍ଗା ସଜଡ଼ାସଜାଡ଼ି କରିଦେବା ତାପରେ ପାଣି ପାଖକୁ ଯିବା।' ଏଇ ସମୟରେ ରିମୁନ ଦେଖିଲା, ନଦୀ ଆଖପାଖରେ ସମସ୍ତେ ମନଇଚ୍ଛା ଏଣେତେଣେ ଜରି ପଲିଥିନ୍ ଆଉ କାଗଜ ପ୍ୟାକେଟ ଫିଙ୍ଗିଛନ୍ତି। ଏସବୁ ନଦୀ ପାଣିକୁ ଗଲେ ଅପରିଷ୍କାର ହେବ। ସେ ଆଉ ଡେରି ନ କରି ଏଠୁସେଠୁ ଗୋଟାଇ ଆଣି ଖାଲୁଆ ଜାଗାଟେ ଦେଖି ଫିଙ୍ଗିଦେଲା। ମମି ଡାକ ଦେଲେ, 'ଆରେ ରିମୁନ ସିଆଡ଼େ କ'ଣ କରୁଛୁ ଆସୁନୁ ଦେଖିବୁ ଜେଜେମା କେମିତି ଡଙ୍ଗା ସଜାଡୁଛନ୍ତି।' ରିମୁନ କହିଲା- 'ଟିକେ ରୁହ ମୁଁ ଯାଉଛି।' ସେ ତା' କାମରେ ଲାଗି ପଡ଼ିଥାଏ। ଆଖପାଖରେ ଆଉ ଗୋଟେ ବି ଜରି ଦିଶିଲା ନାହିଁ। ତା ଦେଖାଦେଖି ଅନ୍ୟମାନେ ବି ସେମିତି କଲେ ଆଉ ରିମୁନକୁ ବହୁତ ପ୍ରଶଂସା କଲେ। ଧୀରେ ଧୀରେ ଆକାଶ ଫର୍ଚ୍ଚା ହେଇଆସୁଥାଏ। ଏପଟେ ଜେଜେମା ଆଉ ମମି ଡଙ୍ଗା ଲାଗି ସବୁ ପୂଜା ସାମଗ୍ରୀ ପ୍ରସ୍ତୁତ କରିଦେଇଥାନ୍ତି । ମମି ରିମୁନ ରିମୁନ ଡାକ ଦେଲେ। ଜେଜେମାଙ୍କ ହାତ ଧରି ରିମୁନ ଡଙ୍ଗା ଭସେଇଲା। ଜେଜେଙ୍କ ସହିତ ରିମୁନ 'ଆ କା ମା ବୈ' ଗୀତ ଗାଇଲା ଆଉ ମମି ହୁଳହୁଳି ପକାଇଲେ। ଏଇ ସମୟରେ ଜଣେ ଅଙ୍କଲ ଆସି ରିମୁନକୁ କହିଲେ ତୁମ ବୁଦ୍ଧିକୁ ମାନିବାକୁ ପଡ଼ିବ। ଭଲ କାମ କରିଛ, ତୁମ ଲାଗି ଆଜି ନଦୀକୂଳଟା ପରିଷ୍କାର ଲାଗୁଛି। ତୁମେ ଆମର ସୁନା ଝିଅ। ସବୁକଥା ଶୁଣି ଜେଜେମା ହସହସ ମୁହଁରେ ରିମୁନ ମଥାକୁ ଆଉଁଶି ଦେଲେ। ■



ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ- ୯ ୯୩୭ ୯ ୬୩୯୧୦






ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର





ଅଭିଳାଷ
ସପ୍ତମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା





ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ନୂଆ ବଜାର, କଟକ





ସଂସ୍କୃତି ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ

## ମେଲବୋର୍ଣ୍ଣ ଟି-୨୦ରେ ହାଜଲେଉଡ୍ ଶୋ

# ଭାରତକୁ ୪ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

ମେଲବୋର୍ଣ୍ଣ, ୩୧।୧୦ (ଏଜେନ୍ସି)





ଭ୍ରମଣକାରୀ ଭାରତ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ମାରାତ୍ମକ ବୋଲିଂ ଓ ଓପନିଂରେ ଅଧିନାୟକ ମିଚେଲ ମାର୍ଶଙ୍କ ଦ୍ରୁତ ବ୍ୟାଟିଂ ବଳରେ ଘରୋଇ ଦଳ ୪୦ ବଲ୍ ବଳକା ଥାଇ ଏହି ସହଜ ବିଜୟ ହାସଲ କରିଥିଲା। ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସିରିଜର ତୃତୀୟ ମ୍ୟାଚ୍ ରବିବାର ହୋବାର୍ଟରେ ଅନୁଷ୍ଠିତ ହେବ।

### ହାଜଲେଉଡ୍‌ଙ୍କ ସାମ୍ନାରେ ଆତ୍ମସମର୍ପଣ

୮୨ ହଜାର ୪୩୮ ଦର୍ଶକଙ୍କ ସାମ୍ନାରେ ଶୁକ୍ରବାର ଅପରାହ୍ଣରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ମିଚେଲ୍ ମାର୍ଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ବରିଷ୍ଠ ଦ୍ରୁତ ବୋଲର ହାଜଲେଉଡ୍ ତାଙ୍କ ସୁଇଂ ଓ ବାଉନ୍ସରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ହାଜଲେଉଡ୍ ତାଙ୍କ ୪ ଓଭର ସ୍ପେଲକୁ ଆରମ୍ଭରୁ ଶେଷ କରିଦେଇଥିଲେ। ଯେଉଁଥିରେ ସେ ୧୫ଟି ଡଟ୍ ବଲ୍ ପକାଇ ମାତ୍ର ୧୩ ରନ ବ୍ୟୟ କରି ଶୁବମନ ଗିଲ୍ (୫ ରନ), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧) ଓ ତିଲକ ବର୍ମାଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ। ଏସିଆ କପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ତିଲକ ଏଠାରେ ଖାତା ଖୋଲିପାରି ନ ଥିଲେ। ସେହିଭଳି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ସଞ୍ଜୁ ସାମସନ ମଧ୍ୟ ମାତ୍ର ୨ ରନ କରି ନାଥନ ଏଲିସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାପରେ ଅକ୍ଷର ପଟେଲ ମଧ୍ୟ ୭ ରନ କରିଥିବାବେଳେ ରନ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୮ ଓଭର ବେଳକୁ ଭାରତ ୫୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା।

### ଅଭିଷେକ-ହର୍ଷିତ ସମ୍ମାନ ରଖିଲେ

ଓପନିଂରେ ଧୈର୍ଯ୍ୟର ସହ ଖେଳୁଥିବା ଅଭିଷେକ ଶର୍ମା କିନ୍ତୁ ନିମ୍ନକ୍ରମରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାଥୀ କରି ୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଯାହାକି ଦଳର ସ୍କୋରକୁ ଶହେ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ହର୍ଷିତ ୩୩ ବଲରେ ୩ ଚୌକା ଓ ଗୋଟିଏ ଛକା ସହ କ୍ୟାରିୟରର ଶ୍ରେଷ୍ଠ ୩୫ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଭିଷେକ ଟି-୨୦ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ସହ ସର୍ବାଧିକ ୬୮ ରନ କରିଥିଲେ। ୩୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଏହି ଦୁଇ ବ୍ୟାଟର୍ ଆଉଟ୍ ହେବା ଫଳରେ ଭାରତ ୧୮.୪ ଓଭରରେ ୧୨୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୫ ୱିକେଟ୍‌ରେ ୧୦୫ ରନ କରିଥିବା ଭାରତ ଆଉ ୨୦ ରନ ଯୋଡ଼ି ଶେଷ ୫ ୱିକେଟ ହରାଇଥିଲା। ଭାରତ ୯ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଯେଉଁଥିରେ ତିଲକଙ୍କ ସହ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମରା ଖାତା ମଧ୍ୟ ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହାଜଲେଉଡ୍ ୩ ଏବଂ ନାଥନ ଏଲିସ ଓ ଜାଭିଅର ବାର୍ଟଲେଟ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମାର୍ଶଙ୍କ ୪୬ ରନର ଦ୍ରୁତ ପାଳି ବଳରେ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ଶ ୨୬ ବଲର ଏହି ପାଳିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୮, ଜୋଶ୍ ଇଂଲିଶ ୨୦, ମିଚେଲ ଓ୍ୱିନ ୧୪ ରନ କରିଥିଲେ। ବୋଲିଂରେ ବୁମ୍‌ରା, କୁଲଦୀପ୍ ଓ ବରୁଣଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ମାର୍ଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୧୨୫/୧୦, ୧୮.୪ ଓଭର (ଅଭିଷେକ- ୬୮, ହର୍ଷିତ- ୩୫, ଗିଲ୍- ୫, ସାମସନ- ୨, ଅକ୍ଷର- ୭, ଦୁବେ- ୪, ହାଜଲେଉଡ୍- ୩/୧୩, ଏଲିସ- ୨/୨୧)

**ଅଷ୍ଟ୍ରେଲିଆ**: ୧୨୬/୬, ୧୩.୨ ଓଭର (ମାର୍ଶ- ୪୬, ହେଡ୍- ୨୮, ଇଂଲିଶ- ୨୦, ଷ୍ଟୋଇନିସ- ଅପରାଜିତ ୬, ବୁମରା- ୨/୨୬, ବରୁଣ- ୨/୨୩) ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଏଥର ନୂଆ ବିଶ୍ୱବିଜେତା

ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଗତକାଲି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ହର୍ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୫ ୱିକେଟ୍‌ରେ ସାତଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୧୨୫ ରନର ବଡ଼ ବ୍ୟବଧାନରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସର ପ୍ରଥମଥର ଲାଗି ଫାଇନାଲ ଖେଳିବ। ଅପରପକ୍ଷରେ ଭାରତ ପୂର୍ବରୁ ୨୦୦୫ ଓ ୨୦୧୭ରେ ଫାଇନାଲ ଖେଳିଥିଲେ ମଧ୍ୟ ଉଭୟଥର ପରାଜୟବରଣ କରି ରନର୍ସଅପ୍ ହୋଇଥିଲା। ତେଣୁ ଏଥର ବିଶ୍ୱକପ୍‌ରେ ନୂଆ ବିଜେତା ଦେଖିବାକୁ ମିଳିବ। ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେଉଁ ଦଳ ବିଶ୍ୱ ଚାମ୍ପିଅନ ହେବ ତାହା ରବିବାର ସ୍ପଷ୍ଟ ହୋଇଯିବ।

### ଅଷ୍ଟ୍ରେଲିଆ-୭, ଇଂଲଣ୍ଡ-୪

ମହିଳା ଦିନିକିଆ ବିଶ୍ୱକପ୍ ଇତିହାସର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମିଳିତ ଭାବେ ୧୧ଥର ଟ୍ରଫି ହାତେଇନେଇଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ ସର୍ବାଧିକ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ବିଶ୍ୱମୁକୁଟ ପିନ୍ଧିଛି। ତୃତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା। ୨୦୦୦ ମସିହାରେ ଘରୋଇ ପରିବେଶରେ ଅନୁଷ୍ଠିତ ୭ମ ସଂସ୍କରଣରେ ନ୍ୟୁଜିଲାଣ୍ଡ ବାଜିମାତ୍ କରିନେଇଥିଲା। ଏହାପରେ ଖେଳାଯାଇଥିବା ୫ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୩ଥର ଓ ଇଂଲଣ୍ଡ ୨ଥର ବିଜୟୀ ହୋଇଛନ୍ତି। ଅର୍ଥାତ୍ ୨୫ ବର୍ଷ ପରେ ଏଥର କ୍ରିକେଟ୍‌ପ୍ରେମୀ ଗୋଟିଏ ନୂଆ ବିଶ୍ୱବିଜେତାକୁ ଦେଖିବାକୁ ପାଇବେ।

**ମହିଳା ବିଶ୍ୱକପ୍‌ର ଫଳାଫଳ**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୭୩ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୧୯୭୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୯୩ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୧୯୯୭ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୦୦ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ |
| ୨୦୦୫ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୯ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୨୦୧୩ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ |
| ୨୦୧୭ | ଇଂଲଣ୍ଡ | ଭାରତ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୨୦୨୫ | --- | --- |

# ଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଜ୍ୟାକ୍‌ଲିନ୍ ଓ ଏଲୋଇସ୍



ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ। ଏହି ହାଇଭୋଲଟେଜ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍‌ଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆର ଏଲୋଇସ୍ ଶେରିଡାନ ଓ ଜାମାଇକାର ଜ୍ୟାକଲିନ୍ ୱିଲିୟମ୍ସ ଫାଇନାଲରେ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମଧ୍ୟ ଶେରିଡାନ ଓ ଜ୍ୟାକ୍‌ଲିନ୍ ଯୋଡ଼ି ଫିଲ୍ଡ ଅମ୍ପାୟର ଭୂମିକା ନିଭାଇଥିଲେ। ସେହିଭଳି ଅକ୍ଟୋବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଜ୍ୟାକଲିନଙ୍କୁ ଫିଲ୍ଡ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଫାଇନାଲରେ ଇଂଲଣ୍ଡର ସୁଏ ରେଡ୍‌ଫର୍ନ ତୃତୀୟ, ଶ୍ରୀଲଙ୍କାର ନୀଳିମା ପେରେରା ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଶ୍ରୀଲଙ୍କାର ମିଚେଲ ପେରେଇରାଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି।

# ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କଲେ ରୋନାଲ୍ଡୋଙ୍କ ପୁଅ

ଲିସବନ୍, ୩୧।୧୦ (ଏଜେନ୍ସି): ବିଶ୍ୱର ତାରକା ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ ପୁଅ ପର୍ତ୍ତୁଗାଲ୍‌ର ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି। ଫେଡେରେସନ କପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ପର୍ତ୍ତୁଗାଲ ଓ ତୁର୍କୀ ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରୋନାଲ୍ଡୋଙ୍କ ପୁଅ ୧୫ ବର୍ଷୀୟ କ୍ରିଷ୍ଟିଆନୋ ସାଣ୍ଟୋସ ଖେଳିଥିଲେ। ସେ ମ୍ୟାଚର ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମ୍ୟାଚରେ ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସାଣ୍ଟୋସ ବର୍ତ୍ତମାନ ସାଉଦୀ ଆରବର ଅନଲ୍-ନାସର କ୍ଲବର ୟୁଥ୍ ଏକାଡେମୀ ପକ୍ଷରୁ ଖେଳୁଛନ୍ତି। ଏହି ସମାନ କ୍ଲବ ପକ୍ଷରୁ ମଧ୍ୟ ସାଣ୍ଟୋସଙ୍କ ପିତା କ୍ରିଷ୍ଟିଆନୋ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି।

## ● ଅନ୍‌ଅଫିସିଆଲ୍ ଟେଷ୍ଟ

# ପନ୍ତ, ପାଟିଦାର, ପଡ଼ିକଲ୍ ଫେଲ୍

ବେଙ୍ଗାଲୁରୁ, ୩୧।୧୦ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଜବାବରେ ଘରୋଇ ଭାରତ-ଏ ପ୍ରଥମ ପାଳିରେ ୫୮ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଆୟୂଷ ମହାତ୍ରେ ସର୍ବାଧିକ ୬୫ ରନ କରିଥିଲେ। ମହାତ୍ରେ ଓ ସାଇ ସୁଦର୍ଶନ (୩୨ ରନ) ଓପନିଂ ୱିକେଟ୍ ଯୋଡ଼ିରେ ୯୦ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ଦେଇଥିଲେ। କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ଅଗ୍ରଣୀ ହାସଲ କରିବାରେ ବିଫଳ ହୋଇଥିଲା। ବିଶେଷ କରି ଆହତ ସମସ୍ୟାରୁ ଫେରିଥିବା ତଥା ଦଳର ନେତୃତ୍ୱ ନେଉଥିବା ଋଷଭ ପନ୍ତ ମାତ୍ର ୧୭ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅନ୍ୟ ଦୁଇ ତାରକା ଖେଳାଳି ରଜତ ପାଟିଦାର ଓ ଦେବଦତ୍ତ ପାଡିକଲ୍ ଯଥାକ୍ରମେ ୧୯ ଓ ୬ ରନ କରି ନିରାଶ କରିଥିଲେ। ଆୟୂଷ ବଦୋନୀ ୩୮ ରନର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ବୋଲିଂରେ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଫ୍-ସ୍ପିନର ପ୍ରିନେଲାନ ସୁବ୍ରାୟେନ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ୭୫ ରନ ଅଗ୍ରଣୀ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୦ ରନ ସଂଗ୍ରହ କରିଛି। ଫଳରେ ଭ୍ରମଣକାରୀ ଦଳ ଏବେ ମୋଟ୍ ଉପରେ ୧୦୫ ରନରେ ଆଗୁଆ ରହିଛି।

# ଏଥର ଦୁଇଟି ପର୍ଯ୍ୟାୟରେ ଆଇଡବ୍ଲ୍ୟୁଏଲ୍

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ର ଆଗାମୀ ୨୦୨୫-୨୬ ସିଜନ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଡିସେମ୍ବର ୨୦ରୁ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ



ମ୍ୟାଚ୍ ଅନୁଷ୍ଠିତ ହେବ। ସେହିଭଳି ଏପ୍ରିଲରୁ ମେ ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଅଫିସିଆଲ୍ ଭାବେ ଏଆଇଏଫ୍‌ଏଫ୍ ପକ୍ଷରୁ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରିବ। ଗୋଆର ବାମ୍ବୋଲିମସ୍ଥିତ ଜିଏମ୍‌ସି ଷ୍ଟାଡିୟମ ଓ ମାରଗାଁସ୍ଥିତ ପଣ୍ଡିତ ଜବାହରଲାଲ ନେହରୁ ଷ୍ଟାଡିୟମରେ ଏଥର ଆଇଡବ୍ଲ୍ୟୁଏଲର ମ୍ୟାଚ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।

## ସବ୍‌ଜୁନିୟର ଜାତୀୟ ବାଳକ ଫୁଟବଲ

# ଓଡ଼ିଶାର ଅଭିଯାନ ଶେଷ





କଟକ, ୩୧।୧୦ (ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ସବ୍‌ଜୁନିୟର ଜାତୀୟ ବାଳକ ଫୁଟବଲ ଚାମ୍ପିଅନସିପ୍‌ର ବିହାର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୨-୨ ଗୋଲରେ ଡ୍ର ରଖିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ସତ୍ୟଜିତ ସିଂହ, ଆୟନ ଖାନ, ବିହାରର ଚିରାଗ ରାଜ ଏବଂ ପ୍ରେମ କୁମାର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ତେବେ ଚାମ୍ପିଅନସିପ୍‌ରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଓଡ଼ିଶା ପ୍ରଥମ ଦୁଇ ଲିଗ୍‌ରେ ଏକତରଫା ଭାବେ ମଣିପୁର ଏବଂ ମିଜୋରାମଠାରୁ ପରାସ୍ତ ହେବା ଦଳ ପାଇଁ ମହଙ୍ଗା ପଡ଼ିଛି।

# ଗୁଜରାଟଠାରୁ ହାରିଲା ଓଡ଼ିଶା

କଟକ, ୩୧।୧୦ (ସମିସ): ୧୯ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶାକୁ ୧୦ ରନରେ ଗୁଜରାଟ ପରାସ୍ତ କରିଛି। ଭିଲାଇର ବିଏସପି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍ ବର୍ଷା ଯୋଗୁଁ ୫ ଓଭର ବିଶିଷ୍ଟ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୪ ୱିକେଟ ବିନିମୟରେ ୪୦ ରନ ସଂଗ୍ରହ କରିଥିଲା। ଶ୍ରେୟା ପ୍ରିୟଦର୍ଶିନୀ ଏବଂ ପ୍ରିୟଦର୍ଶିନୀ ପରମାଣିକ ଯଥାକ୍ରମେ ୨ଟି ଓ ଗୋଟିଏ ୱିକେଟ ଦଖଲ କରିଥିଲେ। ଜବାବରେ ଓଡ଼ିଶା ୬ ୱିକେଟ ହରାଇ ୩୦ ରନ ସଂଗ୍ରହ କରିଥିଲା। ଅନନ୍ୟା ରାଉତ ସର୍ବାଧିକ ୧୩ ରନ କରିଥିଲେ। ବିଜୟୀ ଦଳର ଆଚସା ପରମାର ଏବଂ ଗୌରୀ ଗୋଏଲ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ।

## ଭାରତରେ ଚେସର୍ ପ୍ରସାର ନେଇ ଉଦ୍ୟମ

# ଫିଡେ ସହ ବୁଝାମଣା କଲା କିଟ୍



ଭୁବନେଶ୍ୱର, ୩୧।୧୦ (ସମିସ): ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟ ଆଗେଇ ଆସିଛି। ଏଥିଲାଗି କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ୍ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।

ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିଲା। ସେହିଭଳି ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ କିଟ୍ ବୁଝାମଣା କରିଛି। ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା।

## ରଣଜୀ ଟ୍ରଫି

# ଆଜିଠୁ ବାରବାଟୀରେ ଓଡ଼ିଶା-ଆନ୍ଧ୍ର ଲଢ଼େଇ

କଟକ, ୩୧।୧୦ (ସମିସ)



ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦୁଇ ମୁକାବିଲାରେ ନିରାଶ କରିଥିବା ଓଡ଼ିଶା ୩ୟ ମ୍ୟାଚ୍ ନିଜସ୍ୱ ଘରୋଇ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ଖେଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ରିକି ଭୁଇଙ୍କ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶକୁ ଭେଟିବ। ଉଭୟ ଦଳ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖିପାରିନାହାନ୍ତି। ଆନ୍ଧ୍ର ୨ଟି ଯାକ ମ୍ୟାଚ୍ ଡ୍ର ରଖିଥିବା ବେଳେ ଓଡ଼ିଶା ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟର ସାମ୍ନା କରିଛି। ଆନ୍ଧ୍ରପ୍ରଦେଶଠାରୁ ବିଜୟ ପଏଣ୍ଟ ଆଶା ନେଇ ଓଡ଼ିଶା ଦଳ ଶନିବାର ପଡ଼ିଆକୁ ଓହ୍ଲାଇବ।

ଗତ ୧୮ ବର୍ଷ ଭିତରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରଣଜୀ ଟ୍ରଫିରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି। ଆନ୍ଧ୍ର ଗୋଟିଏ ମ୍ୟାଚ୍ ଜିତିଛି। ଅନ୍ୟ ମ୍ୟାଚ୍‌ଟି ଅମୀମାଂସିତ ରହିଛି। ଏଣୁ ସାମ୍ନାସାମ୍ନି ମୁକାବିଲାରେ ଆନ୍ଧ୍ରର ପଲା ଭାରି ରହିଛି। ଚଳିତ ସଂସ୍କରଣରେ ଉତ୍ତରପ୍ରଦେଶ ଏବଂ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ୍‌କୁ ଆନ୍ଧ୍ରପ୍ରଦେଶ ଡ୍ର ରଖିଛି। ସେଖ୍ ରସିଦ ଏବଂ ୱିକେଟକିପର ଶ୍ରୀକର ଭାରତଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆନ୍ଧ୍ରପ୍ରଦେଶ ଅନ୍ୟ କୌଣସି ଖେଳାଳିଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ପାଇ ପାରିନାହିଁ। ଆନ୍ଧ୍ରର ବୋଲିଂ ଆଟାକ୍‌କୁ ନଜର ପକାଇଲେ ମଧ୍ୟ ମିଶ୍ରିତ ଫଳ ଜଣାପଡେ। କାଭୁରି ସୈତେଜା, ତ୍ରିପୁରନା ବିଜୟ, ସେଖ୍ ରସିଦ, ୱାଇ ପୃଥ୍ୱୀରାଜ ଦଳର ପ୍ରମୁଖ ବୋଲର ହୋଇଥିଲେ ମଧ୍ୟ ୱିକେଟ ହାସଲରେ ଏମାନଙ୍କ ଭୂମିକା ପଛୁଆ ରହିଛି। ଗତ ଦୁଇ ମ୍ୟାଚରେ ଓଡ଼ିଶାର ପ୍ରଦର୍ଶନକୁ ନଜର ପକାଇଲେ ଗୋଟିଏ ହେଲେ ବି ଶତକୀୟ ଇନିଂସ୍ ଦେଖିବାକୁ ମିଳିନି। ଅଧିନାୟକ ଶୁଭ୍ରାଂଶୁଙ୍କ ସମେତ ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର ଓ ସମ୍ବିତ ବରାଳ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଆଶୀର୍ବାଦ ସ୍ୱାଇଁ, ଗୌରବ ଚୌଧୁରୀଙ୍କଠାରୁ ଆଶା କରି ଓଡ଼ିଶା ଦଳ ନିରାଶ ହୋଇଛି। ଅନ୍ୟପକ୍ଷରେ ପଦାର୍ପଣ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସମ୍ବିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷରେ ସେ ଅପରାଜିତ ୫୯ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ଅଲରାଉଣ୍ଡର କ୍ରମରେ ରାଜେଶ ମହାନ୍ତିଙ୍କ ଅବଦାନ ମଧ୍ୟ ଆଶାନୁରୂପ ରହିଛି। ବୋଲିଂରେ ସଫଳତା ପାଇ ନଥିଲେ ସୁଦ୍ଧା ରାଜେଶ ଉତ୍ତରପ୍ରଦେଶ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ୪୮ ରନର ପାଳି ଖେଳିଥିଲେ। ବାଦଲ ବିଶ୍ୱାଳ, ସୁମିତ ଶର୍ମା ଏବଂ ଗୋବିନ୍ଦ ପୋଦ୍ଦାରଙ୍କ ଉପରେ ଓଡ଼ିଶାର ସ୍ପିନ ବୋଲିଂ ଆଟାକ ନିର୍ଭରଶୀଳ। ପେସ୍ ବୋଲିଂରେ ରାଜେଶ, ସୁନୀଲ ରାଉଳ ଓ ସମ୍ବିତ ସଫଳତା ସାଉଁଟିଲେ ଆନ୍ଧ୍ରପ୍ରଦେଶକୁ ବାରବାଟୀରେ ଓଡ଼ିଶା ହରାଇ ପାରିବ ବୋଲି କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS